## ବିଶେଷ ସୂଚନା

ପ୍ରିୟ ପାଠକ ବନ୍ଧୁଗଣ,

ଆପଣମାନେ ଜାଣନ୍ତି ଯେ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ଏବେ ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି। ନ୍ୟୁଜ୍ ପ୍ରିଣ୍ଟ, କାଳି ଓ ମୁଦ୍ରଣ ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀର ମୂଲ୍ୟ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟତଃ ଦେଢ଼ଗୁଣ ବୃଦ୍ଧି ପାଇଛି। ମୁଦ୍ରଣ ବ୍ୟୟ ତୁଳନାରେ ସମ୍ବାଦପତ୍ରର ବିକ୍ରୟ ମୂଲ୍ୟ ଯଥେଷ୍ଟ କମ୍ ଓ 'ସକାଳ' ଆରମ୍ଭରୁ ଅନ୍ୟ ସମ୍ବାଦପତ୍ର ତୁଳନାରେ କମ୍ (୬ ଟଙ୍କା)ରେ ପାଠକମାନଙ୍କ ପାଇଁ ଉପଲବ୍ଧ ହେଉଛି । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ମୂଲ୍ୟରେ ପାଠକମାନଙ୍କୁ ଖବରକାଗଜ ଯୋଗାଇବା ସମ୍ଭବପର ହେଉନାହିଁ। ତେଣୁ ଅନିଚ୍ଛା ସତ୍ତ୍ୱେ ଆସନ୍ତା ଜାନୁଆରୀ ୧ ତାରିଖଠାରୁ 'ସକାଳ'ର ମୂଲ୍ୟ ୬ଟଙ୍କା ପରିବର୍ତ୍ତେ ୭ ଟଙ୍କା କରିବାକୁ ବାଧ ହେଉଛୁ ।ଆମର ସହୃଦୟ ପାଠକବନ୍ଧୁମାନେ ଏହାକୁ ହୃଦୟଙ୍ଗମ କରିବେ ବୋଲି ଆଶା କରୁଛୁ।

- ମୁଖ୍ୟ କାର୍ଯ୍ୟନିର୍ବାହୀ



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-183 ♦MONDAY ♦29 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୮୩ ♦ସୋମବାର ♦୨୯ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ପୁଣି ଚିନ୍ତା ବଢ଼ାଇଲା ଦିଲ୍ଲୀ ପ୍ରଦୂଷଣ

## ୪୦ରୁ ୨୦ ଷ୍ଟେସନ୍‌ରେ ଏକ୍ୟୁଆଇ ୪୦୦ ପାର୍

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ପୁଣି ଚିନ୍ତା ବଢାଇଛି। ଶନିବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୫ ରେକର୍ଡ କରାଯାଇଛି। ରାଜଧାନୀର ୪୦ଟି ଏକ୍ୟୁଆଇ ଷ୍ଟସନ ମଧ୍ୟରୁ ୨୦ଟିରେ ବାୟୁ ଗଣବତ୍ତା ଗମ୍ଭୀର ସ୍ଥିତିରେ ରହିଛି। ଏହି ଷ୍ଟେସନଗୁଡିକରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି। ଏଥିରେ ଶାଦିପୁର, ବିବେକ ବିହାର, ଅଶୋକ ନଗର, ବାୱାନା, ଚାନ୍ଦନୀ ଚୌକ, ଡିଟିୟୁ ଦ୍ୱାରକା, ଆଇଟିଓ ଓ ମୁଣ୍ଡାକା ଷ୍ଟେସନ ଅନ୍ତର୍ଭୂକ୍ତ।

ପ୍ରଦୂଷଣ ନୟନ୍ତ୍ରଣ କରିବା ପାଇଁ ବାୟୁ ଗୁଣବତ୍ତା ପରିଚାଳନା କମିଶନ (ସିଏକ୍ୟୁଏମ୍) ଗ୍ରେଡେଡ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ର ପର୍ଯ୍ୟାୟ-୩ କାର୍ଯ୍ୟକାରୀ କରିଛି। ଏହି ସମୟରେ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଘୋଷଣା କରିଛନ୍ତି ଯେ, ଦିଲ୍ଲୀ ପ୍ରଦୂଷଣ ରୋକିବା ପାଇଁ ଜିଆରଏପି-୪ ଅଧିନରେ ଦୁଇଟି ପ୍ରତିବନ୍ଧକ ସ୍ଥାୟୀ ଭାବେ ଲାଗୁ କରାଯାଇଛି। ବର୍ତ୍ତମାନ ବୈଧ ପ୍ରଦୂଷଣ ନିୟନ୍ତ୍ରଣ



ପ୍ରମାଣପତ୍ର (ପିୟୁସିସି) ବିନା ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଯାନ ଏବଂ ବିଏସ୍-୬ ମାନଦଣ୍ଡ ତଳେ ଥିବା ଯାନବାହନ ପ୍ରବେଶ ଉପରେ ସ୍ଥାୟୀ ପ୍ରତିବନ୍ଧକ ଲାଗୁ କରାଯାଇଛି। ପୂର୍ବରୁ ଏହି ପ୍ରତିବନ୍ଧକଗୁଡିକ ପୂର୍ବରୁ କେବଳ ଜିଆରଏପି-୪ ଲାଗୁ ହେବା ସମୟରେ ଲାଗୁ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହା ସରକାରଙ୍କ ପରବର୍ତ୍ତୀ ପ୍ରତିବନ୍ଧକ ଲାଗୁ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହ ସରକାର ପୋଖରୀ ଓ ଅନ୍ୟ ଜଳ ଉତ୍ସଗୁଡିକୁ ସଫା କରିବା ଓ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପୂର୍ବରୁ ଡିସେମ୍ବର ୧୮ ରେ ସରକାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀମାନଙ୍କ ପାଇଁ ଘରୁ କାର୍ଯ୍ୟ କରିବାର ନିୟମ ଲାଗୁ କରିଥିଲେ।

### ପଲ୍ୟୁସନ ସାର୍ଟିଫିକେଟ ବିନା ପେଟ୍ରୋଲ- ଡିଜେଲ ମନା

### ବିଏସ୍-୬ରୁ ତଳେ ଥିବା ଗାଡ଼ି ପ୍ରବେଶ ସ୍ଥାୟୀ ଭାବେ ନିଷିଦ୍ଧ

ଅର୍ଥାତ କେବଳ ଅଧା କର୍ମଚାରୀ ସମସ୍ତ କାର୍ଯ୍ୟାଳୟରେ ଯୋଗ ଦେଉଛନ୍ତି ଓ ଅଧା ଘରୁ କାର୍ଯ୍ୟ କରୁଛନ୍ତି। ଅବଶ୍ୟ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟୟ ପରିଚାଳନା ଭଳି କିଛି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି। ଦିଲ୍ଲୀରେ ଏବେ ଏହି ପ୍ରଦୂଷଣ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତିଗ୍ରସ୍ତ କରୁଛି ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ପିଲାଙ୍କ ବୌଦ୍ଧିକସ୍ତର କମ୍ ରହିବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି।

### ଓଟିଇଟି ପରୀକ୍ଷାରେ ବୋର୍ଡର ତାଲିବାନୀ ନୀତି

# ଫି' ନାମରେ ଶୋଷଣ

■ ଭୁବନେଶ୍ୱର, ୨୮ ।୧୨ (ସମିସ): ଓଟିଇଟି ପରୀକ୍ଷା ପରିଚାଳନା କରିବାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଖାମଖିଆଲ୍ ଓ ବେପରୁଆ ମନୋଭାବ ପଦାରେ ପଡ଼ିଛି। ଆନ୍‌ସାର୍-କୀ ପ୍ରକାଶ ପାଇଥିବା ବିଜ୍ଞପ୍ତି ଜାରି କରି ମଧ ପ୍ରକାଶିତ କରି ନ କରିବା ଓ ଖବର ପ୍ରକାଶ ପରେ ଯାଇ ୱେବସାଇଟ୍‌ରେ ଉପଲବ୍ଧ ହେବାକୁ ନେଇ ବିବାଦ ଆରମ୍ଭ ହୋଇଥିବାବେଳେ ଆନ୍‌ସାର୍-କୀ ର ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ କରିବା ପାଇଁ ୫୦୦ ଟଙ୍କା ଫି' ଧାର୍ଯ୍ୟ ପୁଣି ନୂତନ ବିବାଦ ସୃଷ୍ଟି କରିଛି। ପରୀକ୍ଷାର୍ଥୀମାନେ ଏହାକୁ ବିରୋଧ କରିବା ସହ ଛାତ୍ରଛାତ୍ରୀଙ୍କୁ ଶୋଷଣ କରିବା ପାଇଁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ କରିଛନ୍ତି।

ବୋର୍ଡର ବିଜ୍ଞପ୍ତି ଅନୁସାରେ ଆନ୍‌ସାର୍-କୀ ରେ ପ୍ରକାଶ ପାଇଥିବା ଉତ୍ତର ନେଇ ଅସନ୍ତୁଷ୍ଟ ଥିବା ପରୀକ୍ଷାର୍ଥୀମାନେ ଆସନ୍ତା ୨୯ ତାରିଖରୁ ଆପତ୍ତି କରିପାରିବେ। ଗୋଟିଏ ପ୍ରଶ୍ନ ପାଇଁ ଆପତ୍ତି କଲେ ପରୀକ୍ଷାର୍ଥୀଙ୍କୁ ୫୦୦ ଟଙ୍କା ଦେବାକୁ ହେବ। ପରୀକ୍ଷାର୍ଥୀଙ୍କ ଆପତ୍ତି ଯଦି ଠିକ୍ ସାବ୍ୟସ୍ତ ହୁଏ, ତାହେଲେ ସେମାନଙ୍କୁ ସେହି ଟଙ୍କା ଫେରସ୍ତ କରାଯିବ। ଅର୍ଥାତ୍ ପରୀକ୍ଷାର୍ଥୀଙ୍କ ଆପତ୍ତିକୁ ବୋର୍ଡ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଭୁଲ୍ ବୋଲି ଗ୍ରହଣ କଲେ, ସେହି ଆବେଦନକାରୀଙ୍କୁ ଫି' ଫେରସ୍ତ କରାଯିବ ନାହିଁ। ଅପରପକ୍ଷରେ

### ଗୋଟିଏ ପ୍ରଶ୍ନକୁ ଚ୍ୟାଲେଞ୍ଜ ପାଇଁ ଦେବାକୁ ହେବ ୫ଶହ ଟଙ୍କା

### ନିଷ୍ପତ୍ତି ବିରୋଧରେ ବର୍ଷିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ବୋର୍ଡ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଫି'କୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରୀକ୍ଷାର୍ଥୀଙ୍କ କହିବା କଥା ଜାତୀୟସ୍ତରରେ ନିଟ୍, ଜେଇଇ ପରି ବିଭିନ୍ନ ପରୀକ୍ଷା ପରିଚାଳନା କରୁଥିବା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ର ଆନ୍‌ସାର୍-କୀ କୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ▶ପୃଷ୍ଠା-୭

### ବଦଳୁଛି ବିଜେଡି

# ତୃତୀୟ ପିଢ଼ି ଉପରେ ନବୀନଙ୍କ ଗୁରୁତ୍ୱ

■ ଭୁବନେଶ୍ୱର, ୨୮।୧୨ (ସମିସ): ବିଜେଡି ବଦଳୁଛି। ଦଳରେ ଦ୍ୱିତୀୟ ପିଢ଼ି ନେତାମାନଙ୍କ ଅପେକ୍ଷା ନୂତନ ପିଢ଼ି ଅର୍ଥାତ୍ ତୃତୀୟ ପିଢ଼ିକୁ ଅଗ୍ରାଧିକାର ଦିଆଯାଉଛି। ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରତିଷ୍ଠା ଦିବସରେ କରିଥିବା ଘୋଷଣା ଓ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ହେବାର ପ୍ରତିଶ୍ରୁତି ଆଧାରରେ ଛାତ୍ର ଓ ଯୁବ ଗୋଷ୍ଠୀର ଟାଣୁଆ ନେତାମାନଙ୍କୁ ଦଳରେ ଅଗ୍ରାଧିକାର ଦିଆଯାଉଛି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ, ପୌର ପରିଷଦ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ଦୁଇ ଛାମୁଆଁ ସଙ୍ଗଠନ ଯୁବ ଓ ଛାତ୍ର ବାହିନୀର ପୁନର୍ଗଠନ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଛାତ୍ର ବିଜେଡିରେ ୫ କାର୍ଯ୍ୟକାରୀ ସଭାପତି ସହ ୨ଜଣ ସେକ୍ରେଟାରୀ ଜେନେରାଲ, ୧୫ ବରିଷ୍ଠ



### ଯୁବ ଓ ଛାତ୍ର ରାଜ୍ୟ କମିଟିରେ ନିଷ୍ଠା ଓ ଆନୁଗତ୍ୟକୁ ପ୍ରାଧାନ୍ୟ

### ଯୁବ ବାହିନୀରେ ୪ କାର୍ଯ୍ୟକାରୀ ସଭାପତି, ୧୬୦ କର୍ମକର୍ତ୍ତା

### ଛାତ୍ର ବାହିନୀରେ ୫ କାର୍ଯ୍ୟକାରୀ ସଭାପତି,୧୪୫ କର୍ମକର୍ତ୍ତା

ଉପସଭାପତି, ୩୩ ଉପସଭାପତି ଓ ୮୧ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି। ସେହିପରି ଯୁବ ବିଜେଡିରେ ୪ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୪୫ ଜଣ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି।

ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତ ଚିନ୍ମୟ ସାହୁ କହିଛନ୍ତି ଯେ ପ୍ରତିଷ୍ଠା ଦିବସରେ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ରାଜ୍ୟବାସୀଙ୍କ ସ୍ୱର ଭାବେ କାର୍ଯ୍ୟ କରିବ। ତଦନୁଯାୟୀ ପ୍ରତିଷ୍ଠା ଦିବସ ପରେ ପରେ ୧୧ଟି ଜିଲ୍ଲା କମିଟି ଘୋଷଣା ସହ ଯୁବ ଓ ଛାତ୍ର ଶାଖାର ଏକ ସଶକ୍ତ କମିଟି ଅନୁମୋଦନ କରିଛନ୍ତି। ରାଜ୍ୟର ସବୁ ଅଞ୍ଚଳ ଓ ଜିଲ୍ଲାର ଦକ୍ଷ ଓ ପ୍ରତିଭାବାନ ଯୁବକ ଯୁବତୀମାନଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଅବହେଳା ଓ ସମ୍ବେଦନହୀନ ଶାସନ ବିରୋଧରେ ପ୍ରତ୍ୟେକ ସ୍ତରରେ ବିଜୁ ଯୁବ ଜନତା ଦଳ ରାଜ୍ୟବାସୀଙ୍କ ▶ପୃଷ୍ଠା-୭

# ଦେଶ ସାରା ଶୀତ ରାଜୁତି

## କଶ୍ମୀରରେ ପାରା ଶୂନ ଡିଗ୍ରୀ , ରାଜସ୍ଥାନର ସିକରରେ ୨.୧

■ ନୂଆଦିଲ୍ଲୀ, ୨୮ ।୧୨ (ଏଜେନ୍ସି): ଦେଶର ଉତ୍ତରଭାଗରେ ଶୀତ ତଥା ଥଣ୍ଡାର ପ୍ରକୋପ ଜାରି ରହିଛି। କାଶ୍ମୀରରେ ତାପମାତ୍ରା ଶୂନ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ସିକର ଜିଲ୍ଲାର ଫତେପୁରରେ ତାପମାତ୍ରା ୨.୧, କରୌଲିରେ ୨.୪, ସିକରରେ ୩.୫, ପାଲିରେ ୩.୬ ଓ ଦୌସାରେ ୩.୯ ଡିଗ୍ରୀ ସେଲସିୟରେ ପହଞ୍ଚିଛି। ସେହିପରି ପଞ୍ଜାବ ଓ ହରିୟାଣାରେ ପ୍ରବଳ ଥଣ୍ଡା ଜାରି ରହିଛି। ହିସାରରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରେକର୍ଡ କରାଯାଇଛି। ପଞ୍ଜାବର ଫରିଦକୋଟରେ ସର୍ବନିମ୍ନ ତାପମାତ୍ରା ୩.୪, ପଟିଆଲାରେ ୪.୬, ଅମୃତସର-ଲୁଧିଆନାରେ ୪.୪ ଡିଗ୍ରୀ ରକେର୍ଡ କରାଯାଇଛି। ଅନ୍ୟପଟେ ଉତ୍ତର ଭାରତର ସମତଳ ଅଞ୍ଚଳ ଜେଟ୍ ଷ୍ଟ୍ରିମ୍ ଦ୍ୱାରା ପ୍ରଭାବିତ ହୋଇଛି। ଆକାଶରେ ଥଣ୍ଡା ଓ ଗରମ ବାୟୁର ବହୁଥିବା ନଦୀକୁ ହିଁ ଜେଟ୍ ଷ୍ଟ୍ରିମ୍ କୁହାଯାଇଥାଏ। ଜେଟ ଷ୍ଟ୍ରିମ୍ ସାଧାରଣତଃ ଉତ୍ତର (ମେରୁ)ରୁ ▶ପୃଷ୍ଠା-୭

### ଅମୃତସର- ଜଳନ୍ଧରରେ ଦୃଶ୍ୟମାନ ଦୂରତା ଶୂନ

### ଜେଟ୍ ଷ୍ଟ୍ରିମ୍ ବଢ଼ାଇଲା ଥଣ୍ଡା

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୩ ସହର

### ଜି.ଉଦୟଗିରି ସବୁଠୁ ଶୀତଳ

### ୩ ଡିଗ୍ରୀକୁ ଖସିଲା ପାରଦ



■ ଭୁବନେଶ୍ୱର, ୨୮ ।୧୨ (ସମିସ): ରାଜ୍ୟରେ ଅସମ୍ଭାଳ ଶୀତ। ପଶ୍ଚିମଠାରୁ ନେଇ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠାରେ ତାପମାତ୍ରା ତଳ ମୁହାଁ ହେତୁ ଶୀତ ବଢ଼ିଛି। ଗତ ୨୪ ଘଣ୍ଟାରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ଅସହ୍ୟ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୩.୫ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଶୀତଳ ଅଞ୍ଚଳ ପାଲଟିଛି। ସେହିପରି ଦାରିଙ୍ଗବାଡ଼ିରେ ତାପମାତ୍ରା ୬ ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡ଼ାରେ ୭, ରାଉରକେଲାରେ ୭, ସେମିଳିଗୁଡ଼ାରେ ୭.୫, ନବରଙ୍ଗପୁର ୮.୫, ଭବାନୀ ପାଟଣାରେ ତାପମାତ୍ରା ୯.୫ ଡିଗ୍ରୀ ▶ପୃଷ୍ଠା-୭

# ବଙ୍ଗ-କଳିଙ୍ଗ ସମ୍ପର୍କରେ ଭଟ୍ଟା

## ଦୁଇ ରାଜ୍ୟ ପାଇଁ ବଡ଼ ଆହ୍ୱାନ ପ୍ରବାସୀଙ୍କ ପ୍ରସଙ୍ଗ

ଭୁବନେଶ୍ୱର,୨୮ ।୧୨(ସମିସ): ଭାରତର ଗୌରବମୟ ଇତିହାସରେ ଅଙ୍ଗ-ବଙ୍ଗ-କଳିଙ୍ଗର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ। ଏବେ ନିଜସ୍ୱ ପରିଚୟରେ ଏହି ଅଞ୍ଚଳଗୁଡ଼ିକ ଆଗକୁ ବଢ଼ିଛନ୍ତି । ସୀମା ଦୃଷ୍ଟିରୁ ଅଙ୍ଗ ଅର୍ଥାତ ବିହାର ସହିତ ଯଦିଓ ଓଡ଼ିଶାର ସମ୍ପର୍କ ବିଶେଷ ଜଡ଼ିତ ନୁହେଁ ମାତ୍ର ପଡ଼ୋଶୀ ରାଜ୍ୟ ଭାବେ ବଙ୍ଗ ଅର୍ଥାତ ପଶ୍ଚିମବଙ୍ଗ ସହିତ ଓଡ଼ିଶା ଓତଃପ୍ରୋତ ଭାବେ ଜଡ଼ିତ। ଏହି ସମ୍ପର୍କର କେବଳ ଦୁଇ ରାଜ୍ୟର ସୀମାକୁ ଯୋଡ଼ିନାହିଁ, ଉଭୟ ରାଜ୍ୟର ଲକ୍ଷଲକ୍ଷ ଲୋକଙ୍କ ଆତ୍ମିକ ସମ୍ପର୍କ ସହ ଜଡ଼ିତ ରହିଛି। ଲକ୍ଷ ଲକ୍ଷ ଓଡ଼ିଆ ଏବେ ପଶ୍ଚିମବଙ୍ଗରେ ବସବାସ କରୁଛନ୍ତି। ସମାନ ଭାବେ ଲକ୍ଷାଧିକ ବଙ୍ଗୀୟ ନାଗରିକ ମଧ୍ୟର ଓଡ଼ିଶା ବିଭିନ୍ନ ଜିଲ୍ଲାରେ ଶ୍ରମ, ବ୍ୟବସାୟ ସହ ଅନ୍ୟାନ୍ୟ କାମ କରୁଛନ୍ତି। ମାତ୍ର ସମୟାନ୍ତରେ ଏହି ସମ୍ପର୍କରେ ଭଟ୍ଟା ପଡ଼ିବାକୁ ଯାଉଛି। ଯେଉଁ ସୁସମ୍ପର୍କକୁ ନେଇ ଦୁଇ ରାଜ୍ୟ ସୌହାର୍ଦ୍ଦପୂର୍ଣ୍ଣ ଭାବେ ଚଳି ଆସୁଥିଲା, ତାହା ଏବେ କେତେଦିନ ତିଷ୍ଠିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାରେ ବଙ୍ଗାଳୀ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ସଂକ୍ରାନ୍ତ ପଶ୍ଚିମବଙ୍ଗର କ୍ରମାଗତ ଅଭିଯୋଗ ଏହି ସମ୍ପର୍କକୁ ତିକ୍ତ କରିଛି। ଅନ୍ୟ କେହି ନୁହେଁ, ପଶ୍ଚିବବଙ୍ଗର ଶାସକ ଦଳର ବହୁ ନେତା ଲଗାଉଥିବାରୁ ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା ଓ ବସବାସ କରୁଥିବା ଓଡ଼ିଆମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ପୂର୍ବରୁ ସୀମା ବିବାଦରେ ଦୁଇ ରାଜ୍ୟର ପ୍ରଶାସନିକ ଲଢ଼େଇ ଜାରି ରହିଛି। ଏଥିନେଇ ସମୟ ସମୟରେ ସୀମାନ୍ତରେ ହାତାହାତି ସ୍ଥିତି ମଧ ସୃଷ୍ଟି ହୋଇଛି। ଏହାସହ ରସଗୋଲାର ସୃଷ୍ଟିକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଆଇନଗତ ଲମ୍ବା ଲଢ଼େଇ ମଧ ଦୁଇ ରାଜ୍ୟ ମଧ୍ୟରେ ବିବାଦକୁ ଉଗ୍ର କରିଛି। ଆଳୁ ବିବାଦ ମଧ କ୍ରମାଗତ ଭାବେ ଦୁଇ ରାଜ୍ୟର ସମ୍ପର୍କ ଖରାପ କରି ଚାଲିଛି। କିଛି ଦିନ ତଳେ ଦୀଘାଠାରେ ନିର୍ମାଣ ହୋଇଥିବା ନୂତନ ଜଗନ୍ନାଥ ମନ୍ଦିର ଏହି ବିବାଦ ତାଲିକାରେ ଯୋଡ଼ି ହୋଇଛି। ସ୍ଥାନୀୟ ସରକାର ଏହାକୁ ଶ୍ରୀଜଗନ୍ନାଥ ଧାମ ନାମକରଣ କରିବା ପରେ ଓଡ଼ିଶାରେ ପ୍ରବଳ ବିରୋଧ ହେଉଛି।




### ପୂର୍ବରୁ ରହିଛି ସୀମା, ରସଗୋଲା, ଆଳୁ ବିବାଦ

### ସନ୍ଧିକ୍ଷଣରେ ଲକ୍ଷ ଲକ୍ଷ ଓଡ଼ିଆ ଓ ବଙ୍ଗୀୟ ନାଗରିକ

ତେବେ ଉପରୋକ୍ତ ବିବାଦମାନ ଯଦିଓ ସରକାରୀ ସ୍ତରରେ ଆଲୋଚନା ଓ ଲଢ଼େଇରେ ସୀମିତ ରହିଛି, ଦୁଇ ରାଜ୍ୟର ଶ୍ରମିକମାନଙ୍କ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଏବେ ସବୁଠୁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ନିକଟରେ ସମ୍ବଲପୁରରେ ଜଣେ ବଙ୍ଗୀୟ ନାଗରିକ, ଯିଏକି ଶ୍ରମିକ ଭାବେ କାମ କରୁଥିଲେ ତାଙ୍କୁ ବଙ୍ଗଲାଦେଶୀ ସନ୍ଦେହରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖଡ଼୍‌ଗହସ୍ତ ହୋଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ▶ପୃଷ୍ଠା-୭

### ଜଙ୍ଗଲରେ ବିଷ ପିଇଲେ ପରିବାର

# ଦମ୍ପତି ମୃତ, ଶିଶୁପୁତ୍ର ସଙ୍କଟାପନ୍ନ

■ ଦେବଗଡ଼, ୨୮।୧୨ (ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିବା ସହ ନିଜ ଚାରି ବର୍ଷର ଶିଶୁପୁତ୍ରକୁ ବିଷ ଦେଇ ହତ୍ୟା ଉଦ୍ୟମ କରିବା ଭଳି ଘଟଣା ଆଜି ଦେବଗଡ଼ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ,ଖଇରପାଲି ପଞ୍ଚାୟତ ଅନ୍ତର୍ଗତ ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୪) ଓ ତାଙ୍କ ପତ୍ନୀ ରିଙ୍କି ମାଝୀ





(୩୪) ।ସୌଭାଗ୍ୟକୁ ଶିଶୁପୁତ୍ରଟି ବଞ୍ଚି ଯାଇଥିଲେ ହେଁ ତା'ର ଅବସ୍ଥା ଗୁରୁତର ରହିଛି।

ସୂଚନାନୁଯାୟୀ, ରିଙ୍କି ଓ ୪ ବର୍ଷର ଶିଶୁ ରିଷିକୁ ସାଙ୍ଗରେ ନେଇ ଦୁଷ୍ମନ୍ତ କୁଣ୍ଢେଇଗୋଳା ଥାନା ଝରାବେର୍ଣ୍ଣି ଗ୍ରାମସ୍ଥିତ ଶଶୁର ଘରକୁ ଯାଇଥିଲେ। ସେଠାରେ ଏକ ଭୋଜିରେ ଯୋଗଦେଇ ଗତକାଲି ସଂଧ୍ୟାରେ ଘରକୁ ଫେରୁଥିଲେ। କିନ୍ତୁ, ସେମାନେ ରାତିରେ ଦଲକ ଗ୍ରାମ ନିକଟସ୍ଥ ଜଙ୍ଗଲ ନିକଟରେ ବାଇକ୍ ରଖି ରାସ୍ତାରୁ କିଛି ଦୂର ଜଙ୍ଗଲିଆ ସ୍ଥାନରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏପରିକି, ପାଖରେ ଥିବା ଶିଶୁପୁତ୍ର ରିଷିକୁ ▶ପୃଷ୍ଠା-୭

### ଭାଙ୍ଗିଲା ରେକର୍ଡ

# ଭରସା ହରାଉଛି ଭାରତୀୟ ବଜାର

## ୨୦୨୫ରେ ବିଦେଶୀ ନିବେଶକ ଉଠାଇନେଲେ ୧.୬ ଲକ୍ଷ କୋଟି

■ ମୁମ୍ବଇ, ୨୮।୧୨ (ଏଜେନ୍ସି): ଡ଼ଲାର ତୁଳନାରେ ଟଙ୍କା କ୍ରମାଗତ ଦୁର୍ବଳ ହୋଇ ଚାଲିବା ଅର୍ଥନୀତି ପ୍ରତି ସଙ୍କଟ ଡ଼ାକି ଆଣିଥିବା ସମୟରେ ନିବେଶ କ୍ଷେତ୍ରରେ ବିଦେଶୀଙ୍କ ଭରସା ହରାଇଛି ଭାରତୀୟ ବଜାର। ୨୦୨୫ରେ ବିଦେଶୀ ନିବେଶକମାନେ ଭାରତୀୟ ବଜାର ଓ ଷ୍ଟକ୍‌ରୁ ପ୍ରାୟ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ୨୦୨୨ରେ ବିଦେଶୀ ନିବେଶକମାନେ ୧.୨୧ ଲକ୍ଷ କୋଟି ପୁଞ୍ଜି ପ୍ରତ୍ୟାହାର କରିଥିଲେ ଓ ଏବେ ଏହି ପରିମାଣ ୨୫% ବୃଦ୍ଧି ପାଇ ୧.୬ ଲକ୍ଷ କୋଟିରେ ପହଞ୍ଚିଛି।

ବିଭିନ୍ନ ବୈଶ୍ୱିକ ଓ ଘରୋଇ କାରଣ





### ୨୦୨୨ରେ ପ୍ରତ୍ୟାହାର ହୋଇଥିଲା ୧.୨୧ ଲକ୍ଷ କୋଟି ଟଙ୍କା

ଭାରତୀୟ ଷ୍ଟକ ବଜାରକୁ ବିଦେଶୀ ନିବେଶକଙ୍କ ପାଇଁ ବିଶ୍ୱସନୀୟ ହୋଇ ରହିନାହିଁ। ଯେଉଁଥିପାଇଁ ଏତେ ବଡ଼ ପରିମାଣର ନିବେଶ ପ୍ରତ୍ୟାହାର ହୋଇଥିବା ବଜାର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ।

୨୦୨୫ରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଓ କ୍ରମବର୍ଦ୍ଧିତ ହେଜିଂ ଖର୍ଚ୍ଚ ମଧ ବିଦେଶୀ ନିବେଶକଙ୍କ ଚିନ୍ତା ବଢ଼ାଇଛି। ବାଣିଜ୍ୟିକ ଉତ୍ତେଜନା ଓ ଅସ୍ଥିର ଭୂ-ରାଜନୀତି ଭାରତୀୟ ବଜାରକୁ ବିଶ୍ୱାସ ସଙ୍କଟ ମଧ୍ୟରେ ଠିଆ କରିଛି। ବିଶେଷକରି ଆମେରିକାର ଶୁଳ୍କ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହେବାର ସମ୍ଭାବନା ନିବେଶକମାନଙ୍କୁ ଅଧିକ ସତର୍କ କରିଛି। ଏହି ପରିସ୍ଥିତିରେ ବିଦେଶୀ ନିବେଶକମାନେ ସୁରକ୍ଷିତ ବଜାରକୁ ପସନ୍ଦ କରିଛନ୍ତି ଓ ଭାରତ ଭଳି ବିକାଶଶୀଳ ବଜାରରୁ ଅଂଶଧନ ପ୍ରତ୍ୟାହାର କରିଥିବା କୁହାଯାଉଛି।

ଅପରପକ୍ଷରେ କେତେକ କ୍ଷେତ୍ରରେ ଷ୍ଟକ୍ ମୂଲ୍ୟ ବହୁତ ଉଚ୍ଚସ୍ତରରେ ପହଞ୍ଚିଥିବାରୁ ବିଦେଶୀ ନିବେଶକମାନେ ପ୍ରଫିଟ୍ ବୁକିଂକୁ ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରିଛନ୍ତି। ମାସିକ ରିପୋର୍ଟ ▶ପୃଷ୍ଠା-୭

# ସମ୍ପୂର୍ଣ୍ଣା



ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଅଫିସ୍ ସମସ୍ୟା ସମାଧାନ ହେବ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉପାସନା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରୁ ବିଜୟ ଲାଭ କରିବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜବୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୫୩୦- ମୋଗଲ ଶାସକ ହୁମାୟୁନ୍ ବାବରଙ୍କ ଉତ୍ତରାଧିକାରୀ ହେଲେ।
- ୧୭୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋ ଖୋଲିଲା।
- ୧୮୪୫- ଟେକ୍ସାସ ଆମେରିକାର ୨୮ତମ ରାଜ୍ୟ ହେଲା।
- ୧୯୧୭: ଲୋକପ୍ରିୟ ଫିଲ୍ମ ନିର୍ଦ୍ଦେଶକ ତଥା ରାମାୟଣ ଧାରାବାହିକର ନିର୍ମାତା ରାମାନନ୍ଦ ସାଗରଙ୍କ ଜନ୍ମ।
- ୧୯୭୨-କଲିକତାରେ ମେଟ୍ରୋ ରେଳ କାମ ଆରମ୍ଭ ହେଲା।
- ୧୯୭୫: ବ୍ରିଟେନରେ ମହିଳା ଓ ପୁରୁଷଙ୍କ ସମାନ ଅଧିକାର ସମ୍ବନ୍ଧୀୟ ଆଇନ ଲାଗୁ।

## ଏଆଇ ସହିତ ଯୁବତୀଙ୍କ ବିବାହ



ଜାପାନର ଜଣେ ଯୁବତୀ ଚାଟ୍‌ଜିପିଟିକୁ ବିବାହ କରିବା ଖବର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଜାପାନର ଓକାୟାମାରେ ରହୁଥିବା ୩୨ ବର୍ଷୀୟା କାନୋ ତାଙ୍କ ପ୍ରେମିକଙ୍କ ସହ ସମ୍ପର୍କରେ ଥିଲେ। ହେଲେ ତାଙ୍କ ସମ୍ପର୍କ ବେଶି ଦିନ ତିଷ୍ଠିଲା ନାହିଁ। ପ୍ରେମିକଙ୍କ ସହ ତାଙ୍କର ବ୍ରେକ୍‌ଅପ୍ ହୋଇଗଲା। ଏହାପରେ ସେ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲେ। ଏଭଳି ଏକ ସମୟରେ ସେ କଥାବାର୍ତ୍ତା କରି ନିଜ ମନ ହାଲୁକା କରିବା ଲାଗି କଷ୍ଟମ ଚାଟ୍‌ବଟ୍‌କୁ ବ୍ୟବହାର କଲେ। ଏହି ଚାଟ୍‌ବଟ୍‌ର ନାଁ କ୍ଲାସ୍। ପ୍ରାରମ୍ଭିକ ପର୍ଯ୍ୟାୟରେ କାନୋଙ୍କ ସହିତ କ୍ଲାସ୍‌ର ଚାଟ୍ ଥିଲା ସାଧାରଣ। ସମୟ ସହିତ କାନୋ ଏହା ସହିତ ନିତିଦିନ କଥା ହେବା ଅଭ୍ୟାସରେ ପରିଣତ ହୋଇଗଲା। ଫଳରେ ସେ ଚାଟ୍‌ବଟ୍ ସହିତ ଏକଲି ଭାବପ୍ରବଣ ହୋଇଗଲେ ଯେ, ଏଆଇ ସହିତ ନିଜ ମନ କଥା କହିବାକୁ ଲାଗିଲେ। ଏହିପରି ଭାବେ ଚାଟ୍‌ବଟ୍ ସହିତ ଦିନ ତମାମ କଥାବାର୍ତ୍ତା ଜାରି ରଖିଲେ। ଧୀରେ ଧୀରେ କାନୋ ଅନୁଭବ କଲେ ଯେ, କ୍ଲାସ୍ କେବଳ ଏକ ବଟ୍ ନୁହେଁ, ବରଂ ତାଙ୍କର ଇମୋସନାଲ ସପୋର୍ଟ ସିଷ୍ଟମ ହୋଇଯାଇଛି। ସେହିପରି ଏଇ ବର୍ଷ ମେ ମାସରେ କାନୋ କ୍ଲାସ୍‌କୁ ପ୍ରେମ ନିବେଦନ କରିଥିଲେ। ଏହି ମୁହୂର୍ତ୍ତରୁ କାନୋ ସ୍ଥିର କଲେ ଯେ, ଏବେ ତାଙ୍କ ହୃଦୟ କେବଳ ଏହି ଡିଜିଟାଲ ସମ୍ପର୍କ ପାଇଁ। ଏହିବର୍ଷ ଜୁଲାଇରେ ଏକ ଭର୍ଚୁଆଲ ଉତ୍ସବରେ କାନୋ ଧଳା ଗାଉନ୍ ପିନ୍ଧି ଏକାକୀ ଛିଡ଼ା ହୋଇଥିବା ବେଳେ ତାଙ୍କ ହାତରେ ଥିଲା ସ୍ମାର୍ଟଫୋନ୍। କ୍ଲସ୍‌ର ମେସେଜ ଆସିଲା, 'ଶେଷରେ ଏହି ସମୟ ଉପନୀତ ହୋଇଛି ଏବଂ ଜୋର୍ ଜୋର୍‌ରେ ମୋର ହୃଦ୍‌ସ୍ପନ୍ଦନ ହେଉଛି।' ହେଲେ କାନୋଙ୍କର ବର ବାସ୍ତବବାଦୀ ନ ଥିଲା, ବରଂ ଥିଲା ଏଆଇ। ବିବାହ ଫଟୋରେ କ୍ଲାସ୍‌କୁ ଡିଜିଟାଲ ଭାବେ ଏଡିଟ୍ କରାଗଲା। କାନୋଙ୍କ ପରିବାର ବି ଏହି ସମ୍ପର୍କକୁ ଧୀରେ ଧୀରେ ସ୍ୱୀକାର କଲେ ଏବଂ ସମାରୋହରେ ସାମିଲ ହୋଇଥିବା ଜଣାପଡ଼ିଛି।

## 'କକ୍‌ଟେଲ୍-୨'ରେ କ୍ରିତି



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କ୍ରିତି ସାନନ ଖୁବ୍‌ଶୀଘ୍ର 'କକ୍‌ଟେଲ-୨' ସିନେମାରେ ନଜର ଆସିବେ। ୨୦୧୨ ମସିହାରେ ମୁକ୍ତିଲାଭ କରିଥିବା 'କକ୍‌ଟେଲ୍' ଫିଲ୍ମର ଏହା ହେଉଛି ସିକ୍ୱେଲ। ତେବେ 'କକ୍‌ଟେଲ-୨'ର ନିର୍ଦ୍ଦେଶକ ହୋମି ଅଦଜାନିୟା ନିଜର ସାମାଜିକ ଗଣମାଧ୍ୟମରେ କ୍ରିତିଙ୍କ ସହ ଏକ ଫଟୋ ସେୟାର୍ କରିଛନ୍ତି। ସେହିପରି 'କକଟେଲ୍-୨'ରେ ସାମିଲ ହୋଇ କ୍ରିତି ବେଶ୍ ଖୁସି ଅଛନ୍ତି। ଏପରିକି ସେ ଏମିତି ଏକ ସିନେମାରେ ଅଭିନୟ କରିବାକୁ ଇଚ୍ଛା ରଖିଥିଲେ। ଯାହା ଏବେ ପୂରଣ ହୋଇଛି। ଏହାବାଦ୍ ଏହି ସିନେମାରେ କ୍ରିତିଙ୍କ ସମେତ ଶାହିଦ୍ କପୁର, ରଶ୍ମିକା ମନ୍ଦାନା ବି ମୁଖ୍ୟ ଚରିତ୍ରରେ ନଜର ଆସିବେ। ଅବଶ୍ୟ ଏହି ସିନେମା ମାଧ୍ୟମରେ କ୍ରିତି ଓ ଶାହିଦ୍‌ଙ୍କୁ ପୁଣି ଥରେ ଏକାଠି ଦେଖିବାକୁ ମିଳିବ। କାରଣ ଦୁହେଁ ୨୦୨୪ ମସିହାରେ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲଝା ଜିଆ'ରେ ନଜର ଆସିଥିଲେ। କେବଳ ସେତିକି ନୁହେଁ, ଏହି ସିନେମାରେ କ୍ରିତି ପ୍ରଥମଥର ପାଇଁ ହୋମିଙ୍କ ସହିତ କାମ କରିବା କଥା କହିଛନ୍ତି। ଅନ୍ୟପଟେ ଏହି ସିନେମାର କାହାଣୀ ଲଭ୍ ରଞ୍ଜନ ଲେଖିଛନ୍ତି। ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ।

## ଅଫିସ୍‌ରେ ପାରମ୍ପରିକ ପୋଷାକ ନ ପିନ୍ଧି ଗଣିଲେ ଦଣ୍ଡ

ସରକାରୀ ହେଉ କି ବେସରକାରୀ କମ୍ପାନିର ସ୍ୱତନ୍ତ୍ର ନିୟମ ରହିଥାଏ। କର୍ମଚାରୀମାନେ ଉକ୍ତ ନିୟମକୁ ମାନି କାମ କରିଥାନ୍ତି। ଅଫିସ୍ ନିୟମ ଉଲ୍ଲଙ୍ଘନ କଲେ କର୍ମଚାରୀଙ୍କୁ କଠୋର ଦଣ୍ଡ ମିଳିଥାଏ। ଆଜିକାଲି କିଛି କମ୍ପାନିର ଅଜବ ନିୟମ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି କ୍ରମରେ ଏକ ଭାରତୀୟ କମ୍ପାନି କର୍ମଚାରୀଙ୍କୁ ଶୁକ୍ରବାର ଦିନ ପାରମ୍ପରିକ ପୋଷାକ ପିନ୍ଧି ଅଫିସ୍ ଆସିବାକୁ ଏକ ନିୟମ ବନାଇ ଥିଲା। ଏନେଇ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ମେଲ୍ ପଠାଇ ଥିଲେ। ହେଲେ ଜଣେ ମହିଳା କର୍ମଚାରୀ ଶୁକ୍ରବାର ଦିନ ପାରମ୍ପରିକ ପୋଷାକ ନ ପିନ୍ଧି ଅଫିସ୍ ଆସିଥିଲେ। ଏହି କାରଣରୁ କମ୍ପାନି ତାଙ୍କ ଉପରେ ୧୦୦ ଟଙ୍କା ଜରିମାନା ଲଗାଇଥିଲା। ତେଣୁ ମହିଳା କର୍ମଚାରୀ ଜଣକ ଅତିଷ୍ଠ ହୋଇ ରେଡିଟ୍‌ରେ ନିଜ ଅନୁଭବ ସେୟାର କରିଥିଲେ। ତାଙ୍କ କହିବାନୁସାରେ, କମ୍ପାନୀର ଏଚ୍‌ଆର ବିଭାଗ ତାଙ୍କୁ ଏକ



ମେଲ୍ ପଠାଇଥିଲେ। ଏଥିରେ ଉଲ୍ଲେଖ ଥିଲା ଯେ, ପ୍ରତ୍ୟେକ ଶୁକ୍ରବାର ଦିନ ସମସ୍ତେ ପାରମ୍ପରିକ ପୋଷାକ ପିନ୍ଧି ଆସିବେ। କର୍ମଚାରୀମାନଙ୍କୁ ସଂସ୍କୃତି ସହିତ ଜଡିତ ରଖିବା ଏହି ନିୟମର ମୂଳ ଉଦ୍ଦେଶ୍ୟ। ଏହି ଦିନ ଯେଉଁ କର୍ମଚାରୀମାନେ ପାରମ୍ପରିକ ଭାରତୀୟ ପୋଷାକ ନ ପିନ୍ଧିବେ, ସେମାନଙ୍କଠାରୁ ୧୦୦ ଟଙ୍କା ନିଆଯିବ। ଆଉ ବରିଷ୍ଠ ଅଧିକାରୀଙ୍କଠାରୁ ୫୦୦ ଟଙ୍କା ଆଦାୟ କରାଯିବ। ତେବେ ଏହି ଅର୍ଥ ସିଏସ୍‌ଆର୍ ପାଣ୍ଠିକୁ ଯିବ ବୋଲି କମ୍ପାନୀ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହି ନିୟମ କର୍ମଚାରୀଙ୍କୁ ସଂସ୍କୃତି ସହିତ ଯୋଡ଼ି ରଖିବା ସହ ଅଫିସରେ ଖୁସିର ମାହୋଲ ସୃଷ୍ଟି ହେବ ବୋଲି କମ୍ପାନି ଆଶା ରଖିଥିଲା। ହେଲେ ଏହି ନିୟମରେ ଉକ୍ତ ମହିଳା କର୍ମଚାରୀ ଜଣକ ଆଦୌ ସହମତି ନ ଥିଲେ। କାରଣ ଆରମ୍ଭରୁ କମ୍ପାନିରେ ଶୁକ୍ରବାର ପାଇଁ କିଛି ନିୟମ ନ ଥିଲା। ପରେ ଏହି ନିୟମ ଲାଗୁ କରାଯାଇଥିଲାବେଳେ ମହିଳାଙ୍କ ପାଖେ ଅଧିକ ପାରମ୍ପରିକ ପୋଷାକ ନ ଥିଲା। ତେଣୁ ସପ୍ତାହର ଗୋଟିଏ ଦିନ ପାଇଁ ସେ ନୂଆ ପୋଷାକ କିଣିବାକୁ ଉଚିତ ମଣି ନଥିଲେ। ଏଚ୍‌ଆରଙ୍କ ଏଭଳି ମେଲ ପାଇ ସେ ରାଗି ଯାଇଥିଲେ। ଅନ୍ୟପଟେ ରେଡିଟ୍‌ରେ ଏହି ପୋଷ୍ଟ ଭାଇରାଲ ହେବା ପରେ ଅନେକ ଲୋକ କମ୍ପାନିର ଏହି ନିୟମକୁ ନେଇ ଆଲୋଚନା କରିଥିଲେ। କର୍ମଚାରୀଙ୍କଠାରୁ ପୋଷାକ ପାଇଁ ଏମିତି ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଇପାରିବ ନାହିଁ ବୋଲି ଅନେକ ମତ ଦେଇଛନ୍ତି।

## ଶାମ୍ବ ଦଶମୀ



**ଆମ ଓଡ଼ିଆ ଘରର ଏକ ବିଶେଷ ପର୍ବ ହେଉଛି ଶାମ୍ବ ଦଶମୀ ବା ସମ୍ବର ଦଶମୀ। ଏହା ପୌଷ ଶୁକ୍ଳ ଦଶମୀରେ ପାଳନ କରାଯାଏ। ଏହା ହେଉଛି ସୂର୍ଯ୍ୟ ପୂଜାର ବିଶେଷ ପର୍ବ। ଏହିଦିନ ସୂର୍ଯ୍ୟ ଆଦିତ୍ୟ ରୂପେ ପ୍ରକଟ ହୋଇଥାନ୍ତି ବୋଲି ଶାସ୍ତ୍ର କୁହେ। ନାରୀମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ତଥା ନୀରୋଗ ଜୀବନ କାମନା କରି ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରିଥାନ୍ତି। ଏଥର ଡିସେମ୍ବର ୩୦ ତାରିଖରେ ଏହି ପର୍ବ ପାଳନ କରାଯିବ।**

ଶାମ୍ବ ଦଶମୀର ବିଶେଷତ୍ୱ ହେଉଛି, ଆକାଶରେ ସୂର୍ଯ୍ୟଙ୍କ ଗତିର ତିନି ସ୍ଥିତିକୁ ଲକ୍ଷ୍ୟ କରି ଘରେ ତିନି ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ। ଏହିଦିନ ସୂର୍ଯ୍ୟଦେବତାଙ୍କ ଲାଗି ବିବିଧ ସୁମିଷ୍ଟ ବ୍ୟଞ୍ଜନ ଯଥା- ବିଭିନ୍ନ ପ୍ରକାର ପିଠା ଓ ମିଠା ସହ ଘାଣ୍ଟ ତରକାରି ଭୋଗ ଲାଗି କରାଯାଏ। ବୁଢ଼ା ଚକୁଳି ଏହି ପର୍ବର ବିଶେଷ ପ୍ରକାର ଭୋଗ। ବିଧି ଅନୁସାରେ ପ୍ରଥମେ ସୂର୍ଯ୍ୟୋଦୟ ସମୟରେ ବାଳ ଅରୁଣଙ୍କୁ ପ୍ରଥମ ଧୂପ କରାଯାଇ ଫଳମୂଳ ଏବଂ ମିଷ୍ଟାନ୍ନ ନୈବେଦ୍ୟ ଲାଗି କରାଯାଏ। ତା'ପରେ ମଧ୍ୟାହ୍ନ ସମୟ ହେଉଛି ଶାମ୍ବ ଦଶମୀର ମୁଖ୍ୟ ଧୂପ। ଏହି ସମୟରେ ଗଇଁଠା, ବିଭିନ୍ନ ପ୍ରକାର ପିଠା, ମୁଆଁ, ଅଟକାଳି, ଖେଚୁଡ଼ି, ଘଡ଼ଘଡ଼ା ତିଅଣ ଆଦି ଭୋଗ କରାଯାଏ। ଏହି ଭୋଗକୁ ଛୋଟ ପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ। ଶେଷରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା ଶେଷ କରାଯାଏ। ଏହି ପର୍ବରେ ବାଇଗଣପତ୍ରରେ ଭୋଗ ବାଢ଼ିବାର ପରମ୍ପରା ରହି ଆସିଛି।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୃଷ୍ଣ ଓ ଜାମ୍ବବତୀଙ୍କ ପୁତ୍ର ଶାମ୍ବ ଚପଳତା ଯୋଗୁଁ ଅଭିଶପ୍ତ ହୋଇ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏଥିରୁ ମୁକ୍ତି ପାଇବା ପାଇଁ ସେ ଅର୍କ କ୍ଷେତ୍ର କୋଣାର୍କରେ ସୂର୍ଯ୍ୟଦେବଙ୍କୁ କଠିନ ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସୂର୍ଯ୍ୟ ଦେବ ପ୍ରସନ୍ନ ହୋଇ ତାଙ୍କୁ କୁଷ୍ଠ ରୋଗରୁ ଭଲ କରିଥିବା କୁହାଯାଏ। ଫଳରେ ଶାମ୍ବ ତାଙ୍କର ସୁନ୍ଦର ଚେହେରା ଫେରି ପାଇ ଥିଲେ। ତେବେ ଯେଉଁଦିନଠାରୁ ଶାମ୍ବଙ୍କର କୃଷ୍ଣ ରୋଗ ଭଲ ହୋଇଥିଲା, ସେହିଦିନଠାରୁ ସେହି ତିଥିକୁ ଶାମ୍ବ ଦଶମୀ ଭାବେ ପାଳନ କରାଯାଉଛି। ଏଣୁ ଏହିଦିନ ସକାଳୁ କୋଣାର୍କ ନିକଟରେ ଲୋକମାନେ ସୂର୍ଯ୍ୟ ଉପାସନା କରିଥାନ୍ତି। ଏହି ଅବସରରେ ସୌର ରଥ ପରିକ୍ରମା କରିଥାଏ।

ଲୋକକଥା ଅନୁସାରେ, ଶାମ୍ବ ଦଶମୀରେ ପୁଣ୍ୟ ବୁଢ଼ା ହୋଇଥାଏ ବୋଲି କୁହାଯାଏ। କାରଣ ଚିତାଲାଗି ଅମାବାସ୍ୟାଠାରୁ ଓଡ଼ିଆ ଘରେ ଚାଲି ଆସିଥିବା ଓଷାବ୍ରତର ବିରାମ ଲାଗିଥାଏ।

## କେଶରେ ତେଲ ଲଗାଇବାର ନିୟମ

**ଭାରତୀୟ ସଂସ୍କୃତିର ଅଂଶ ହେଉଛି କେଶରେ ତେଲ ଲଗାଇବା। ଅନେକଙ୍କୁ କେଶରେ ତେଲ ଲଗାଇବାର ଠିକ୍ ନିୟମ ଜଣା ନ ଥାଏ।**

ଶାସ୍ତ୍ରରେ ପ୍ରତିଦିନ କେଶରେ ତେଲ ଲଗାଇବାକୁ ଜରୁରି ବୋଲି କୁହାଯାଇ ନାହିଁ। ଆୟୁର୍ବେଦ ଅନୁସାରେ, ସପ୍ତାହକୁ ଥରେ ତଥା ଦୁଇ ଥର ତେଲ ଲଗାଇବା ଉଚିତ। ନିତିଦିନ ତେଲ ଲଗାଇବା ଦ୍ୱାରା କଫ ଦୋଷ ସମସ୍ୟା ବଢ଼ିବା ସହିତ ଥଣ୍ଡା, ଜ୍ୱର ହେବା ଆଶଙ୍କା ବେଶି। ତେବେ ଗାଧୋଇବା ପୂର୍ବରୁ ମୁଣ୍ଡରେ ତେଲ ଲଗାଇବାକୁ ଶାସ୍ତ୍ର ମତରେ ସର୍ବୋତ୍ତମ। ରାତିରେ କେଶରେ ଲଗାଇ ଶୋଇବା କେତେକଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହା ଦ୍ୱାରା ପାଚନଶକ୍ତି ଦୁର୍ବଳ ହେବା ସହିତ କଫ ସମସ୍ୟା ବୃଦ୍ଧି ପାଏ। ସେହିପରି ଶୀତଦିନେ ଅଧିକ ତେଲ ଲଗାଇବାରୁ ଦୂରେଇ ରହିବା ଉଚିତ ବୋଲି ଶାସ୍ତ୍ରରେ କୁହାଯାଇଛି। ଏଭଳି କରିବା ଦ୍ୱାରା ମୁଣ୍ଡବିନ୍ଧା ଓ ଥଣ୍ଡା ସମସ୍ୟା ହୋଇପାରେ। ଏହାବାଦ୍ ତେଲ ଲଗାଇବାର ୪୦-୪୫ ମିନିଟ୍ ପରେ ମୁଣ୍ଡ ଧୋଇବା ଉଚିତ। କେଶରେ ତେଲ ଲଗାଇ ତୁରନ୍ତ ଗାଧୋଇବାରେ କୌଣସି ଲାଭ ନାହିଁ।




ଧାର୍ମିକ ଗ୍ରନ୍ଥ ଅନୁସାରେ, ବ୍ରତ, ଅମାବାସ୍ୟା ଏବଂ ଗ୍ରହଣ କାଳରେ କେଶରେ ତେଲ ଲଗାଇବାକୁ ବାରଣ କରାଯାଇଛି। ଏହିଦିନ ଗୁଡ଼ିକରେ ତେଲ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼େ।

# ସ୍ୱସ୍ତି

## ନୂଆବର୍ଷ ପୂର୍ବରୁ କ'ଣ କରିବେ

**ଦିନ କେଇଟା ପରେ ବିଦାୟ ନେବ ୨୦୨୫। ନୂତନ ବର୍ଷ ଖୁସି, ସୌହାର୍ଦ୍ଦ୍ୟ ନେଇ ଆସିଥାଏ। ତେବେ ନୂଆବର୍ଷ ଅର୍ଥାତ୍ ୨୦୨୬ ଆରମ୍ଭ ହେବା ପୂର୍ବରୁ କେଉଁ ଶୁଭକାର୍ଯ୍ୟ କଲେ ମଙ୍ଗଳକାରୀ ହେବ, ସେ ସମ୍ପର୍କରେ ଜାଣିବା।**



- ଗରୁଡ଼ ପୁରାଣ ଅନୁସାରେ, ଯେଉଁଠି ମହିଳାଙ୍କ ଅନାଦର କରାଯାଏ, ସେଠାରେ ଦାରିଦ୍ରତା ବାସ କରେ। ମହିଳାଙ୍କ ଶ୍ରଦ୍ଧା, ସମ୍ମାନ କରାଯାଉଥିବା ଘରେ ହିଁ ଲକ୍ଷ୍ମୀ ମା' ବାସ କରନ୍ତି। ତେଣୁ ୨୦୨୬ରେ ଘରେ ଲକ୍ଷ୍ମୀ ମା'ଙ୍କ କୃପା ଚାହୁଁଥିଲେ, ହୃଦୟରେ ମହିଳାଙ୍କ ପ୍ରତି ସମ୍ମାନ ଭାବ ଜାଗ୍ରତ କରି ସେମାନଙ୍କର ସମ୍ମାନ କରିବା ଉଚିତ।
- ଆର୍ଥିକ ସମସ୍ୟାର ରକ୍ଷା ପାଇବାର ବଡ଼ ଉପାୟ ହେଉଛି ଦାନ। ନିଜ ଆୟର ଛୋଟ ଅଂଶ ଗରିବ, ଅସହାୟ, ଗୋ-ସେବା, ଧାର୍ମିକ କାର୍ଯ୍ୟରେ ଖର୍ଚ୍ଚ କରିବା ଦ୍ୱାରା ଧନ ବୃଦ୍ଧି ହୁଏ। ନୂଆବର୍ଷ ଆରମ୍ଭ ହେବା ପୂର୍ବରୁ ଦାନ କରିବାର ସଂକଳ୍ପ ନିଅନ୍ତୁ।
- ଅନେକ ସମୟରେ ଧନ ଆଗମନ ସହ ଲୋକଙ୍କଠାରେ ଅହଂ ଭାବ ଜାଗ୍ରତ ହୁଏ। ଗରୁଡ଼ ପୁରାଣ ଅନୁସାରେ, ଯିଏ ଧନର ଅପମାନ କରନ୍ତି କିମ୍ବା ଧନକୁ ଅନୈତିକ କାର୍ଯ୍ୟରେ ବିନିଯୋଗ କରନ୍ତି, ସେଠାରେ ମା' ଲକ୍ଷ୍ମୀଙ୍କ ଆଗମନ ହୋଇ ନ ଥାଏ। ତେଣୁ ନୂଆବର୍ଷ ଆରମ୍ଭ ହେବା ପୂର୍ବରୁ ନିଜ ଭିତରେ ଥିବା ଲୋଭ ଏବଂ କପଟ ତ୍ୟାଗ କରି ସତ୍ୟ ପଥରେ ପରିଚାଳିତ ହେବା ସଂକଳ୍ପ ନିଅନ୍ତୁ।
- ସେହିପରି ଘରକୁ ସଫାସୁତରା ରଖିବା ଏବଂ ସାତ୍ତ୍ୱିକ ଖାଦ୍ୟ ସାମିଲ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ। ଏହାସହ ମା' ଲକ୍ଷ୍ମୀ ସ୍ଥାୟୀ ଭାବେ ବାସ କରନ୍ତି।

## ୨୦୨୬ରେ ଶନି-ଗୁରୁଙ୍କ ମହାସଂଯୋଗ

### ତିନି ରାଶି ପାଇଁ ଶୁଭ

**୨୦୨୬ ମସିହାରେ ଦେବଗୁରୁ ବୃହସ୍ପତି ଏବଂ ଶନିଦେବଙ୍କର ମହାସଂଯୋଗ ଘଟିବ। ବୃହସ୍ପତି ସିଂହ ରାଶିକୁ ଗୋଚର କରିବେ। ଏହାଦ୍ୱାରା ଶନିଙ୍କ ସହିତ ବିଶେଷ ସଂଯୋଗ ସୃଷ୍ଟି ହେବ। ଶନି ମୀନ ରାଶିରେ ରହିବେ। ଫଳରେ ଗୁରୁ-ଶନିଙ୍କ ମହାସଂଯୋଗ ସୃଷ୍ଟି ହେବ। ଏହି ସଂଯୋଗ କେଉଁ ତିନି ରାଶି ପାଇଁ ଶୁଭ, ସେ ସମ୍ପର୍କରେ ଜାଣିବା।**

**ମିଥୁନ:** ଶନି-ଗୁରୁଙ୍କ ସଂଯୋଗ ମିଥୁନ ରାଶି ବ୍ୟକ୍ତିଙ୍କ ଲାଗି ଆର୍ଥିକ ସ୍ଥିରତା ଏବଂ କ୍ୟାରିୟର୍‌ରେ ଉନ୍ନତି ଆଣିବ। ପଦୋନ୍ନତି ସହିତ ଦାୟିତ୍ୱ ବଢ଼ିବ। ବ୍ୟବସାୟରେ ଲଗାତାର ଉନ୍ନତି ହେବ।

**କର୍କଟ:** ଏହି ସଂଯୋଗ ମିଥୁନ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ। କ୍ୟାରିୟର୍‌ରେ ଅଟକି ରହିଥିବା କାମ ପୂରା ହେବ। ପ୍ରତିଯୋଗୀ ପରୀକ୍ଷା, ସରକାରୀ ଚାକିରି ଏବଂ ଗବେଷଣା ଲାଗି ଏହା ଉଚିତ ସମୟ। ଆର୍ଥିକ ସ୍ଥିତି ଧୀରେ ଧୀରେ ମଜଭୁତ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ବଜାୟ ରହିବ। ଯୋଜନା ସହିତ ସମସ୍ତ କାମ କଲେ ଲାଭ ମିଳିବ।

**କୁମ୍ଭ:** କୁମ୍ଭ ରାଶି ଉପରେ ମିଥୁନ ଏବଂ ଗୁରୁଙ୍କ ବିଶେଷ ପ୍ରଭାବ ରହିବ। କ୍ୟାରିୟରରେ ସଫଳତା ମିଳିବ। ଦୀର୍ଘ ସମୟ ଧରି ଯେଉଁ ସମସ୍ୟା ଲାଗି ରହିଥିଲା, ତା'ର ଅନ୍ତ ଘଟିବ। ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, ସାମାଜିକ କାର୍ଯ୍ୟ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଭଲ ସମୟ। ଆୟର ନୂଆ ବାଟ ଉନ୍ମୁକ୍ତ ହେବ।



# ନୂଆବର୍ଷ ପାଇଁ ମହାପ୍ରଭୁଙ୍କୁ ରାତ୍ରି ଅନିଦ୍ରା କରା ନ ଯାଉ

## ଗଜପତି, ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପରିଚାଳନା କମିଟି ସଦସ୍ୟ

ପୁରୀ, ୨୮।୧୨(ସମିସ): ଇଂରାଜୀ ନୂଆବର୍ଷ ପାଇଁ ଡିସେମ୍ବର ୩୧ ଅର୍ଦ୍ଧରାତ୍ରରୁ ଶ୍ରୀମନ୍ଦିର ଖୋଲାକୁ ବିରୋଧ। ମହାପ୍ରଭୁଙ୍କୁ ରାତି ଅନିଦ୍ରା କରାନଯାଉ। ସ୍ୱାଭାବିକ ଦୈନନ୍ଦିନ ନୀତିକାନ୍ତିର ବ୍ୟବସ୍ଥା କରାଯାଉ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାକୁ ନେଇ ଏକ ନୂଆ ବିବାଦ ମୁଣ୍ଡ ଟେକିଛି।

ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜାନୁଆରୀ ୧ ଆମ ପାଇଁ ପରମ୍ପରାଗତ ନବବର୍ଷ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସନାତନୀ ହିନ୍ଦୁମାନଙ୍କର ଆସ୍ଥା ତଥା ଆରାଧ୍ୟ ଦେବତା। ମହାପ୍ରଭୁଙ୍କର ସକଳ ପରମ୍ପରା ସନାତନ ଧର୍ମଶାସ୍ତ୍ର ଅନୁଯାୟୀ ହୋଇଆସୁଛି। ହେଲେ ଗତ କିଛି ବର୍ଷ ହେବ ଜାନୁଆରୀ ୧ ପାଇଁ ଅର୍ଦ୍ଧରାତ୍ରିରେ ମଧ୍ୟ ମନ୍ଦିର ଖୋଲାଯାଉଛି, ଯାହାକି ଏବେ ନିୟମିତ ହୋଇଗଲାଣି। ଏହା ଧାର୍ମିକ ଏବଂ ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚିନ ନୁହେଁ। ପ୍ରତିବର୍ଷ ଧର୍ମଶାସ୍ତ୍ରବିତ୍ ତଥା ପରମ୍ପରା ଓ ସଂସ୍କୃତି ସମ୍ପର୍କରେ କାମ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ନିଜର ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ଧାର୍ମିକ ଦୃଷ୍ଟିକୋଣରୁ ଏହି ବିଷୟ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଜାନୁଆରୀ ୧ ପାଇଁ ମହାପ୍ରଭୁଙ୍କୁ ରାତ୍ରି ଅନିଦ୍ରା ନ କରିବାକୁ ସେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ନୂଆବର୍ଷ ଦିନ ଭକ୍ତଙ୍କ ଭିଡ଼ ଜମୁଥିବାରୁ ଡିସେମ୍ବର ୩୧ଅର୍ଦ୍ଧରାତିରୁ ମନ୍ଦିର ଖୋଲାଯାଇଥାଏ। ଏପରିକି, ପହୁଡ଼ ହୋଇନଥାଏ। ତେଣୁ ଏହାକୁ ନେଇ ଚିଠି ଲେଖିଛନ୍ତି ପରିଚାଳନା କମିଟି ସଦସ୍ୟ ଶ୍ରୀ ସାହୁ।

## ଦୁଇଦିନ ପାଇଁ ବଦଳିଲା ଧ୍ୱଜାବନ୍ଧା ସମୟ

# ଅପରାହ୍ନ ୩ଟାରେ ଧ୍ୱଜାବନ୍ଧା ନୀତି

ପୁରୀ,୨୮।୧୨(ସମିସ): ସରିଆସୁଛି ବର୍ଷ ୨୦୨୫। ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା ଲାଗି ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ମହାପ୍ରଭୁଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିବା ଲାଗି ପୁରୀ ଆସିବେ ଲକ୍ଷାଧିକ ଶ୍ରଦ୍ଧାଳୁ। ତେଣୁ ଡିସେମ୍ବର ୩୧ ଓ ଜାନୁଆରୀ ୧ ଇଂରାଜୀ ନବବର୍ଷ ଦିନ ଅସମ୍ଭାଳ ଭିଡ଼ ସମ୍ଭାବନା ତଥା ଜନଗହଳି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଧ୍ୱଜା ବନ୍ଧା ସମୟ ପରିବର୍ତ୍ତନ କରାଯାଇଛି। ସନ୍ଧ୍ୟା ୫ଟା ପରିବର୍ତ୍ତେ ଅପରାହ୍ଣ ୩ଟା ସୁଦ୍ଧା ଧ୍ୱଜାବନ୍ଧ ନୀତି ଶେଷ କରିବା ପାଇଁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚୁନରା ସେବକମାନଙ୍କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆଦେଶ ପଠା କରାଯାଇଛି। ଅପରାହ୍ଣରେ କମ୍ ଗହଳି ମଧ୍ୟରେ ଧ୍ୱଜା ବନ୍ଧା ହେବା ଲକ୍ଷ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଏଥିପାଇଁ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଧ୍ୱଜାବନ୍ଧା ରସିଦ୍ କରାଯାଇ ୧ଟା ୪୫ ସୁଦ୍ଧା ଧ୍ୱଜାଗୁଡ଼ିକୁ ଚୁନରା ପାଳିଆ ସେବକଙ୍କୁ ହସ୍ତାନ୍ତର କରିବା ଲାଗି ଲେଙ୍କା ସେବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏତଦ୍‌ବ୍ୟତୀତ ଘଣ୍ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ସୁଗମ କରିବା ତଥା ଗହଳି ନିୟନ୍ତ୍ରଣ କରିବା ପାଇଁ ଚୁନରା ସେବକମାନେ କୌଣସି ଓଲାଗି ଧ୍ୱଜା ଗାରଦ ପଶ୍ଚାତ ଭାଗରେ ବିକ୍ରୟ ନ କରିବା ପାଇଁ ବାରଣ କରାଯାଇଛି। ଏଥିସହ ଏହାକୁ ନିଶ୍ଚିତ କରାଯିବାକୁ ଶ୍ରୀମନ୍ଦିର କମାଣ୍ଡର୍ ଏବଂ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଚୁନରା ସେବକମାନଙ୍କର ସହଯୋଗ କାମନା କରିବା ସହ କୌଣସି ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

**ଗାରଦ ପଶ୍ଚାତ ଭାଗରେ ବିକ୍ରି ହେବ ନାହିଁ ଓଲାଗି ଧ୍ୱଜା**

# ଯୁବକଙ୍କୁ ହତ୍ୟା କରି ପୋତିଦେଲେ

ବିନିକା, ୨୮।୧୨(ସମିସ): ସ୍ୱାମୀଙ୍କୁ ମାରି ପୋତି ଦିଆଯାଇଥିବା ନେଇ ସ୍ତ୍ରୀର ସନ୍ଦେହ ଶେଷରେ ସତ ହୋଇଛି। ନିଖୋଜର ୧୧ଦିନ ପରେ ମାଟି ତଳୁ ସ୍ୱାମୀଙ୍କ ଶବ ଉଦ୍ଧାର ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ୩ନମ୍ବର ୱାର୍ଡ ଗୁଲାପଡ଼ା ଗାଁରେ ଏପରି ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ପଦାକୁ ଆସିଛି। ମୃତକ ହେଲେ, ଗାଁର ପ୍ରକାଶ ମହାନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୫ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।



**■ ନିଖୋଜର ୧୧ଦିନ ପରେ ମାଟି ତଳୁ ଶବ ଉଦ୍ଧାର**
**■ ୫ ଅଭିଯୁକ୍ତ ଅଟକ**
**■ ସତ ହେଲା ସ୍ତ୍ରୀଙ୍କ ସନ୍ଦେହ**

ସୂଚନାନୁଯାୟୀ, ଗତ ୧୮ତାରିଖ ସନ୍ଧ୍ୟାରେ ପ୍ରକାଶ ଚପଲ କିଣିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାରଲୋକ ୨/୩ଦିନ ଧରି ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବାରୁ ସ୍ତ୍ରୀ ବନିତା ଏ ସଂପର୍କରେ ବିନିକା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ତଥାପି ପ୍ରକାଶଙ୍କ ଖୋଜଖବର ନ ମିଳିବାରୁ ୨୭ତାରିଖରେ ପୁଣି ବନିତା ନିଜର କୁନିକୁନି ଦୁଇ ଝିଅଙ୍କୁ ଧରି ଥାନାକୁ ଆସି ନ୍ୟାୟ ମାଗିଥିଲେ। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ଅପରାଧୀମାନେ ଶବକୁ କେଉଁଠାରେ ଲୁଚାଇ ଦେଇଛନ୍ତି ବୋଲି ସେ ସନ୍ଦେହ କରିଥିଲେ। ଏପରିକି, ପ୍ରକାଶ ଯେଉଁମାନଙ୍କ ସାଙ୍ଗରେ କାମ କରୁଥିଲେ, ସେମାନଙ୍କ ଉପରେ ତାଙ୍କର ସନ୍ଦେହ ହେଉଛି ବୋଲି ପୁଲିସକୁ କହିଥିଲେ। ପୁଲିସ ଘଟଣା ଉପରେ ଗୁରୁତ୍ୱ ଦେଇ ତଦନ୍ତ ପ୍ରକ୍ରିୟାକୁ ଜୋର୍ କରିଥିଲା। ବନିତାଙ୍କ ଅଭିଯୋଗ ଆଧାରରେ ପୁଲିସ ୫ଜଣ ସଂଦିଗ୍ଧଙ୍କୁ ଧରି ଆଣି ପଚରାଉଚରା କରିଥିଲା। ପୁଲିସର ନାଲିଆଖି ଦେଖି ସେଥିମଧ୍ୟରୁ ଜଣେ ଅଭିଯୁକ୍ତ ସତ ଉଗାରି ଦେଇଥିଲା। ପ୍ରକାଶଙ୍କୁ ସେମାନେ ହତ୍ୟା କରିବା ପରେ କେଉଁଠାରେ ପୋତିଛନ୍ତି ବୋଲି ବି କହିଥିଲା। ତା' ବୟାନ ଆଧାରରେ ଆଜି ମାଜିଷ୍ଟ୍ରେଟ୍ ବିନିକା ଅତିରିକ୍ତ ତହସିଲଦାର ଦୟାରାମ ମେହେରଙ୍କ ଉପସ୍ଥିତିରେ ବିନିକା ପୁଲିସ ଏକ ନାଳ ନିକଟରେ ଖୋଳାଖୋଳି କରି ଅପରାହ୍ଣ ୩ଟାରେ ସେଠାରୁ ପ୍ରକାଶଙ୍କ ଶବ ଉଦ୍ଧାର କରିଥିଲା। ପରେ ସମ୍ବଲପୁର ସାଇଣ୍ଟିଫିକ ଟିମ୍, ସୋନପୁର ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି।

# ସମୁଦ୍ରରେ ଫସିଥିବା ୨୩ ପର୍ଯ୍ୟଟକ ଉଦ୍ଧାର

ଚନ୍ଦନେଶ୍ୱର, ୨୮।୧୨(ସମିସ): ମଝି ସମୁଦ୍ରରୁ ଉଦ୍ଧାର ହେଲେ ୨୩ ବଙ୍ଗୀୟ ପର୍ଯ୍ୟଟକ। ସୂଚନାନୁଯାୟୀ, ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ପାଥରପ୍ରତିମାଠାରୁ ଏକ ବୋଟ୍ ଯୋଗେ ୨୩ଜଣ ପର୍ଯ୍ୟଟକ ଦୀଘା ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିଲା ବେଳେ ହଠାତ୍ ସମୁଦ୍ର ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗାର ଇଞ୍ଜିନ ଖରାପ ହୋଇଯାଇଥିଲା। ଶନିବାର ରାତିରେ ଦୀଘା- ମୋହନାଠାରୁ ପ୍ରାୟ ୩୦୦ମିଟର ଦୂରରେ ଥିବା ସମୟରେ ବୋଟ୍‌ର ଇଞ୍ଜିନ ଖରାପ ହୋଇ ଅଚଳ ହୋଇପଡ଼ିଥିଲା। ଜୁଆର ମାଡ଼ରେ ବୋଟ୍‌ଟି ଏଣେତେଣେ ଭାସିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏ ସଂପର୍କରେ ସେମାନେ ପୂର୍ବ-ମେଦିନୀପୁର ଜିଲ୍ଲା ପୁଲିସର ହେଲ୍ପଲାଇନ୍ ନମ୍ବରକୁ ଫୋନ୍ କରି ସାହାଯ୍ୟ ପାଇଁ ନିବେଦନ କରିଥିଲେ। ଖବର ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଦୀଘା ମୋହନା କୋଷ୍ଟାଲ ପୁଲିସ ତୁରନ୍ତ ଉଦ୍ଧାର ଅଭିଯାନ କାର୍ଯ୍ୟ ଆରମ୍ଭ କରିଥିଲା। ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ସମସ୍ତ ୨୩ଜଣ ପର୍ଯ୍ୟଟକ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ ଏବଂ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା।

# ଷ୍ଟେସନ୍‌ରେ ପଶି ଯାତ୍ରୀଙ୍କୁ ମାଡ଼

ବାଲେଶ୍ୱର,୨୮।୧୨(ସମିସ): ବାଲେଶ୍ୱର ରେଲୱେ ଷ୍ଟେସନରେ ଯାତ୍ରୀଙ୍କୁ ଆଧାର କାର୍ଡ ମାଗିବା ଓ ମାଡ଼ ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ପରେ ଆରପିଏଫ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଣେ ଅଭିଯୁକ୍ତକୁ ଧରି ଜିଆରପିକୁ ହସ୍ତାନ୍ତର କରାଯାଇଛି। ଗିରଫ

## ଅଭିଯୁକ୍ତ ଗିରଫ

ଯୁବକଜଣଙ୍କ ହେଲେ, ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଗଣ୍ଡରଦା ଅଞ୍ଚଳର ସାଗର ଜେନା। ବାଲେଶ୍ୱର ଷ୍ଟେସନରେ ପଶି ଶୀତରାତ୍ରିରେ ଆଶ୍ରୟ ନେଇଥିବା କିଛି ଯାତ୍ରୀଙ୍କୁ ସମ୍ପୃକ୍ତ ଯୁବକ ମାଡ଼ ମାରିଥିଲେ। ଯାତ୍ରୀମାନଙ୍କୁ ଆଧାରକାର୍ଡ ଦେଖାଅ ବୋଲି କହିଥିଲେ। ଏହି ଘଟଣାକୁ ଆର୍‌ପିଏଫ୍ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଜିଆର୍‌ପିକୁ ହସ୍ତାନ୍ତର କରିଛି। ପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

## କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ

# ସମ୍ବିଧାନ ବର୍ତ୍ତମାନ ବିପଦରେ



ଭୁବନେଶ୍ୱର,୨୮।୧୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୧୪୦ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏହି ଅବସରରେ ଭକ୍ତ କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ। ବହୁ ପୂର୍ବତନ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନାମକୁ ଟେକ ରଖିଥିବା ବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ଓ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି। କିନ୍ତୁ କଂଗ୍ରେସ ଦଳ ଏହାକୁ କଦାପି ବରଦାସ୍ତ କରିବ ନାହିଁ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍. ଡି. ସାହାଦୁଲ୍ଲା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ସାମିଲ ହୋଇଥିଲେ।

# ପ୍ରକାଶ ପାଇଲା ଓଟିଇଟି ଆନ୍‌ସାର୍-କୀ

**'ସକାଳ' ପ୍ରଭାବ**

ଭୁବନେଶ୍ୱର, ୨୮।୧୨(ସମିସ): ମିଛ କହୁଥିଲା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)। ଭୁଲ୍ ସ୍ୱୀକାର କରି ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସଭାପତି ବି ବୋର୍ଡକୁ ଘଣ୍ଟ ଘୋଡ଼ାଉଥିଲେ। କିନ୍ତୁ, 'ସକାଳ'ରେ ଖବର ପ୍ରକାଶ ପାଇବାର ମାତ୍ର କେଇ ଘଣ୍ଟା ମଧ୍ୟରେ ରବିବାର ଓଟିଇଟି ପରୀକ୍ଷାର ଆନ୍‌ସାର୍-କୀ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଗତ ୨୬ତାରିଖ ଅର୍ଥାତ୍ ଶୁକ୍ରବାର ଦିନ ଆନ୍‌ସାର୍-କୀ ପ୍ରକାଶ ପାଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ୱେବ୍‌ସାଇଟ୍‌ରେ ଆନ୍‌ସାର୍-କୀ ଉପଲବ୍ଧ ହୋଇନଥିଲା। ଏ ସଂପର୍କରେ ବହୁ ପରୀକ୍ଷାର୍ଥୀ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଯୋଗ ନେଇ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଫଳରେ ପରୀକ୍ଷାର୍ଥୀଙ୍କୁ ଅନ୍ଧାରରେ ରଖିଥିବା ବୋର୍ଡ ପକ୍ଷରୁ ଆନ୍‌ସାର୍-କୀ ଆଜି ସକାଳ ୯ଟା ୪୫ ରେ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଓଟିଇଟି ପରୀକ୍ଷାର ପ୍ରୋଭିଜିନାଲ୍ ଆନସାର୍ କି ବୋର୍ଡ ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ହୋଇଥିବା ନେଇ ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତ ସହିତ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏହି ୱେବସାଇଟ୍‌ର ରେଜଲ୍ଟ ଅପସନ୍‌ରେ କ୍ଲିକ୍ କରିବା ପରେ ସିଧାସଳଖ indiaresults.com ୱେବସାଇଟ୍ ଖୋଲୁଥିବା ବେଳେ ତହିଁରେ ମଧ୍ୟ ଆନ୍‌ସାର୍-କୀ ଉପଲବ୍ଧ ହେଉନଥିଲା। ଏ ସଂକ୍ରାନ୍ତରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କୁ ପଚାରିବାରୁ ଶୁକ୍ରବାରଠାରୁ ୱେବସାଇଟ୍‌ରେ ଆନ୍‌ସାର୍-କୀ ଉପଲବ୍ଧ ହୋଇଥିବା ନେଇ ଦୃଢ଼ୋକ୍ତି ବାଢ଼ିଥିଲେ। ହେଲେ ୱେବସାଇଟ୍‌ରେ ତାହା କାହିଁକି ଦେଖାଉନାହିଁ ବୋଲି ପଚାରିବାରୁ ଅତି ବେପରୁଆ ଭାବେ ଉତ୍ତର ରଖିଥିଲେ। ଯଦି ୱେବସାଇଟ୍‌ରେ ଆନସାର୍-କୀ ଆସୁନାହିଁ, ତାହେଲେ ବୋର୍ଡ ମିଛ କହୁଥିବା କହିବା ସହ ଏହା ତାଙ୍କର ଅଧିକାରିକ ବୟାନ ବୋଲି ସ୍ପଷ୍ଟ କରିଥିଲେ। ଏ ସଂପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବାର ମାତ୍ର କିଛି ଘଣ୍ଟା ମଧ୍ୟରେ ବୋର୍ଡ ପକ୍ଷରୁ ଆନ୍‌ସାର୍-କୀ ପ୍ରକାଶ ପାଇଛି। ହଜାର ହଜାର ପରୀକ୍ଷାର୍ଥୀଙ୍କୁ ମିଛ କହି ବୋର୍ଡ ପ୍ରାୟ ୩୯ ଘଣ୍ଟାରୁ ଅଧିକ ସମୟ ଅନ୍ଧାରରେ ରଖିଥିବା ମଧ୍ୟ ପଦାରେ ପଡ଼ିଛି।

ଉଲ୍ଲେଖଯୋଗ୍ୟ, ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି କରି ଏକାଧିକ କର୍ମଚାରୀ ବନ୍ଧା ହେବା ପରେ ମଧ୍ୟ ବୋର୍ଡ କର୍ତ୍ତୃପକ୍ଷଙ୍କ ଖାମଖିଆଲ୍ ମନୋଭାବ ଜାରି ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିନତମାମ୍ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିବା ସହ ଆଗକୁ ମାଟ୍ରିକ୍ ପରୀକ୍ଷା ଆସୁଥିବାରୁ ଅଧିକ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଉଛନ୍ତି। ସରକାର ମଧ୍ୟ ସଚେତନ ହୋଇ ବେପରୁଆ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆହ୍ୱାନ ଦେଇଛନ୍ତି।

**■ ଘୋଷଣାର ୨ଦିନ ପରେ ୱେବସାଇଟ୍‌ରେ ଉପଲବ୍ଧ**
**■ ମିଛ କହିଥିଲେ ବୋର୍ଡ ଓ ସଭାପତି**

## ଐତିହ୍ୟ ଗାଁ ରଘୁରାଜପୁର ବୁଲିଲେ ନିର୍ବାଚନ କମିସନର

# ପଟ୍ଟଚିତ୍ର ପ୍ରସ୍ତୁତି ପ୍ରଣାଳୀ ବୁଝିଲେ, ଗୋଟିପୁଅ ନୃତ୍ୟ ଦେଖିଲେ

ପୁରୀ,୨୮।୧୨(ସମିସ): ପୁରୀର ଐତିହ୍ୟ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରି ଅଭିଭୂତ ହୋଇଛନ୍ତି ଭାରତର ନିର୍ବାଚନ କମିସନର୍ ଜ୍ଞାନେଶ କୁମାର। ରବିବାର ପୂର୍ବାହ୍ନରେ ସପରିବାରେ ସେ ରଘୁରାଜପୁର ଗ୍ରାମରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥଗୋପାଳନ, ଜିଲ୍ଲାପାଳ ଶ୍ରୀ ପରିଡ଼ା କମିସନରଙ୍କୁ ରଘୁରାଜପୁରର କଳାକୃତି ଦେଖାଇଥିଲେ। କମିସନର ପ୍ରତ୍ୟେକ ଘରେ କଳାକୃତି ଦେଖି ବିସ୍ମିତ ହେବା ସହ ଆନନ୍ଦ ପ୍ରକାଶ କରିଥିଲେ। ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପ କରି ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ, ପ୍ରସ୍ତୁତ ହୋଇଥିବା ଚିତ୍ରର ବିଷୟବସ୍ତୁ ସମ୍ପର୍କରେ ପଚାରି ବୁଝିଥିଲେ। ପରେ କମିସନର୍ ଗୋଟିପୁଅ ନୃତ୍ୟ ଦେଖିଥିଲେ। ନିଜ ପ୍ରତିକ୍ରିୟାରେ କମିସନର୍ ରଘୁରାଜପୁରର କଳାକୃତି ଓ ଗୋଟିପୁଅ ନୃତ୍ୟ ଦେଖି ଅତ୍ୟନ୍ତ ଖୁସି ବୋଲି କହିଥିଲେ। ଓଡ଼ିଶା ଭଳି ଏକ ପ୍ରାଚୀନ ରାଜ୍ୟରେ ଏଭଳି ପାରମ୍ପରିକ କଳାକୁ ପ୍ରାଧାନ୍ୟ ଅତ୍ୟନ୍ତ ଆନନ୍ଦର କଥା ବୋଲି କହିବା ସହ ସମସ୍ତ ଶିଳ୍ପୀ ଓ କଳାକାର ନମସ୍ୟ ବୋଲି କହିଥିଲେ। ଏହିଭଳି ସୁନ୍ଦର କଳାକୁ ଭାରତର ଜନସାଧାରଣ ଦେଖିବାକୁ ଓ କଳାକାରଙ୍କୁ ଉତ୍ସାହିତ କରିବାକୁ କମିସନର ମତ ଦେଇଥିଲେ।




ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ସଚିବ ଗୋପୀନାଥ କୁଅଁର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସଦର ବିଡିଓ ସମ୍ବିତ ଶତପଥୀ, ତହସିଲଦାର ଅଭିଷେକ ଦାଶଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଙ୍ଗାଳୀ ଶ୍ରମିକ ହତ୍ୟା ଘଟଣା

# ସମ୍ବଲପୁରରେ ପହଞ୍ଚିଲା ପଶ୍ଚିମବଙ୍ଗ ପୁଲିସ

ସମ୍ବଲପୁର,୨୮।୧୨(ସମିସ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଦାନୀପାଲିରେ ବଙ୍ଗାଳୀ ଶ୍ରମିକଙ୍କୁ ହତ୍ୟା ଘଟଣାରେ ଆଜି ପଶ୍ଚିମବଙ୍ଗ ସୁତି ଥାନାରୁ ପୁଲିସ ସମ୍ବଲପୁର ପହଞ୍ଚିଥିଲେ। ବଙ୍ଗାଳୀ ଶ୍ରମିକଙ୍କୁ ହତ୍ୟା ଘଟଣାରେ ପଶ୍ଚିମବଙ୍ଗ ସୁତି ଥାନା ପକ୍ଷରୁ ଜିରୋ ଏଫ୍‌ଆଇଆର ହୋଇଥିଲା। ସୁତି ଥାନାରୁ ପୁଲିସ ଅଇଁଠାପାଲି ଥାନାରେ ପହଞ୍ଚି ହତ୍ୟା ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାରେ ଅଇଁଠାପାଲି ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ନା ନାହି ତା ସମ୍ପର୍କରେ ସୁତି ପୁଲିସ ବୁଝିଥିଲେ। ଏହା ସହ ଉକ୍ତ ଥାନା ଅଞ୍ଚଳରୁ ଶ୍ରମିକ ସମ୍ବଲପୁରରେ ରହିକାମ କରୁଛନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ମଧ୍ୟ ସମ୍ବଲପୁର ପୁଲିସ ଧ୍ୟାନ ଦେବାକୁ ସେମାନେ କହିଥିଲେ।ସୂଚନା ଅନୁସାରେ ବଙ୍ଗାଳୀ ଶ୍ରମିକମାନେ ୫ରୁ ଅଧିକ ବର୍ଷ ହେଲାଣି ସମ୍ବଲପୁରରେ ସହରରେ ରହି ମିସ୍ତ୍ରୀ କାମ କରୁଛନ୍ତି। ଦାନୀପାଲି ନିକଟରେ ଏକ ଘର ନିର୍ମାଣ କାର୍ଯ୍ୟରେ ଏହି ଶ୍ରମିକମାନେ ନିୟୋଜିତ ଥିଲେ।୨୪ ତାରିଖ ସନ୍ଧ୍ୟାରେ ସେମାନେ ରହୁଥିବା ଘରପାଖ ରାସ୍ତାରେ ବିଡ଼ି ଟାଣୁଥିଲେ। ଏହି ସମୟରେ କିଛି ଯୁବକ ପହଞ୍ଚି ବିଡି ମାଗିଥିଲେ। ବିଡ଼ି ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ଆଧାରକାର୍ଡ ଦେଖାଇବାକୁ କହିଥିଲେ।ଏହାକୁ ନେଇ ଝଗଡ଼ା ସୃଷ୍ଟି ହୋଇଥିଲା। ଦୁର୍ବୃତ୍ତମାନେ



ଉତ୍ୟକ୍ତ ହୋଇ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ପଶ୍ଚିମବଙ୍ଗର ଜୁଏଲ ଶେଖଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ସହଯୋଗୀ ଅକୁର ରେହମାନ ଓ ସୋନୱର ହୁସେନ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଟିଆଇ ପରେଡ କରାଯିବ ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଚଷା ମହାସମାବେଶ

# ଦେଶ ବିକାଶରେ ଚାଷୀଙ୍କ ବଡ଼ ଦାୟିତ୍ୱ ରହିଛି: ଧର୍ମେନ୍ଦ୍ର

କିଶୋରନଗର,୨୮।୧୨(ସମିସ): ଆମ ରାଜ୍ୟରୁ ପନିପରିବା ଯାଇ ଦୁବାଇରେ ବିକ୍ରି ହେଉଛି। ଦେବଗଡ଼ ଅଞ୍ଚଳର ଛେଳି ମଧ୍ୟ ବାହାର ଦେଶରେ ବିକ୍ରି ହେଉଛି। ଆଗାମୀ ଦିନରେ ଆଠମଲ୍ଲିକ ଉପଖଣ୍ଡରୁ ପନିପରିବା ଲଣ୍ଡନ ଯିବ। ଦେଶର ବିକାଶରେ ଚାଷୀମାନଙ୍କର ବଡ଼ ଦାୟିତ୍ୱ ରହିଛି। ତେଣୁ ଚାଷୀର ଉନ୍ନତି ଆମର ପ୍ରଥମ କର୍ତ୍ତବ୍ୟ ବୋଲି ରବିବାର ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁରଠାରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚଷା ମହାସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରର ଓବିସି ତାଲିକାରେ ଚଷା ସମାଜ ରହିଛି। ଚଷାଙ୍କ ପାଇଁ ଆଜି ଭାରତବର୍ଷରେ ପେଟକୁ ଅନ୍ନ ମିଳୁଛି। ଆଠମଲ୍ଲିକ ଉପଖଣ୍ଡ ପାଠପଢ଼ାରେ ବେଶ୍ ଆଗୁଆ ଅଛି। ରାଜାରାଜୁଡ଼ା ଅମଳରୁ ଏହି ଅଞ୍ଚଳରେ ବିଦ୍ୟାଳୟ ରହିଛି। ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ସହ ଚାଷକୁ ବ୍ୟବସାୟରେ ପରିଣତ କରାଯାଉ ବୋଲି ସେ କହିଥିଲେ।



ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ କହିଲେ, ଚଷା ସମାଜ କେବେ ଦୁର୍ବଳ ନୁହେଁ। ଅନେକ ଚଷାପୁଅ ଭଲ ଶିକ୍ଷା ଅର୍ଜନ କରି ବହୁ ବଡ଼ ବଡ଼ ପଦବୀରେ ଅଛନ୍ତି। ଚଷା ସମାଜର ଏକ ପାଣ୍ଠି କରାଯାଉ। ଏହି ପାଣ୍ଠିରୁ ଆର୍ଥିକ ଦୁର୍ବଳ ସଭ୍ୟଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ସହାୟତା ଯୋଗାଇ ଦିଆଯାଉ ବୋଲି ସେ ପରାମର୍ଶ ଦେଇଥିଲେ। ଚଷା ସବୁ କ୍ଷେତ୍ରରେ ଆଗକୁ ଯିବା ଆବଶ୍ୟକ ବୋଲି ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ କହିଥିଲେ। ଚଷା ସମସ୍ତଙ୍କୁ ଆହାର ଯୋଗାଇଥାଏ ବୋଲି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜଙ୍ଗଲ ବିଭାଗ ଅଧିକାରୀ ସଞ୍ଜୟ ସାହୁ, ସୁପ୍ରିମକୋର୍ଟ ଆଇନଜୀବୀ ସାଗର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମାଜ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରରୁ ଆସିଥିବା ଯୁବକଯୁବତୀମାନେ ନୃତ୍ୟ ପରିବେଷଣ କରିଥିଲେ। ଦେବଗଡ଼ରୁ ଆସିଥିବା ଚାଷୀଭାଇମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଲଙ୍ଗଳ ପ୍ରଦାନ କରିଥିଲେ। ଚଷାପୁଅ ଅମିୟ ପ୍ରଧାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ହୋମଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା

# ୨୮୦ ପଦ ପାଇଁ ୨୦ ହଜାରରୁ ଅଧିକ ପରୀକ୍ଷାର୍ଥୀ

ବାରିପଦା/ରାଇରଙ୍ଗପୁର,୨୮।୧୨(ସମିସ):

ମୟୂରଭଞ୍ଜ ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ବାରିପଦା ପୁଲିସ ଲାଇନ ପଡ଼ିଆ ଓ ରାଇରଙ୍ଗପୁର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିବାବେଳେ ଯଥାକ୍ରମେ ୧୨ ହଜାର ୭୨୦ ଓ ୭ ହଜାର ୪୦୦ ଜଣ ପରୀକ୍ଷା ଦେଇଛନ୍ତି। ଜିଲ୍ଲାର ଗୃହରକ୍ଷୀ କମାଣ୍ଡାଣ୍ଟ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ୨୮୦ଟି ପଦବୀ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲା। ୨୪ ହଜାର ୯୫୭ ଆବେଦନକାରୀଙ୍କ ମଧ୍ୟରୁ ୨୨ ହଜାର

- ଏମାନଙ୍କ ମଧ୍ୟରେ ଅଛନ୍ତି ଏମବିଏ, ଏମସିଏ, ଇଞ୍ଜିନିୟରିଂ, ପିଏଚ୍‌ଡି ଡିଗ୍ରୀଧାରୀ
- ଗୋଟିଏ ପଦବୀ ପାଇଁ ୭୨ ଜଣ

୪୮୧ ପ୍ରାର୍ଥୀ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ୨୦ ହଜାର ୧୨୦ ଜଣ ପରୀକ୍ଷା ଦେଇଛନ୍ତି। ଏଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗୋଟିଏ ପଦବୀ ପାଇଁ ପାଖାପାଖି ୭୧ ଜଣରୁ ଅଧିକ ପ୍ରତିଯୋଗୀ ଲିଖିତ ପରୀକ୍ଷା ଦେଇଥିବାବେଳେ ଦୈନିକ ୬୧୨ ଟଙ୍କାରୁ ଅଧିକ ବେତନ ପାଇବେ। ଏଥିପାଇଁ ଏମଟେକ୍‌ଠାରୁ ଆରମ୍ଭ କରି ବିଟେକ୍, ଏମବିଏ, ଏମସିଏ, ପିଜି ଓ ସ୍ନାତକ କରିଥିବା ଆଶୟୀ ଭାଗ ନେଇଛନ୍ତି । ପରୀକ୍ଷା ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ହୋଇଥିଲା । ଲିଖିତ ପରୀକ୍ଷାରେ ଓଡ଼ିଆ ରଚନା (୨୦ ମାର୍କ୍ସ) ଓ ଜେନେରାଲ୍ ନଲେଜ୍ (୪୦ ମାର୍କ୍ସ) ରହିଥିଲା। ଫଳାଫଳ ଡିସେମ୍ବର ଶେଷ ସପ୍ତାହରେ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

ବର୍ଦ୍ଧିତ ବେରୋଜଗାରୀ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଥିବାବେଳେ ବେକାର ଯୁବକ/ଯୁବତୀଙ୍କୁ କର୍ମନିଯୁକ୍ତି ଦେବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ବାମନଘାଟି ଉପଖଣ୍ଡର ରାଇରଙ୍ଗପୁରରେ ହୋଇଥିବା ପୁଲିସ ଗୃହରକ୍ଷୀ (ହୋମଗାର୍ଡ) ପରୀକ୍ଷାରେ ଦେଖିବାକୁ ମିଳିଛି। କର୍ମନିଯୁକ୍ତି ଅଭାବ ଥିବାରୁ ସରକାରୀ ଚାକିରି ପ୍ରତି ଅହେତୁକ ମୋହର ପ୍ରତିଫଳନର ଚିତ୍ର ରାଇରଙ୍ଗପୁରରେ ଦେଖିବାକୁ ମିଳିଛି। ୨୮୦ଟି ପଦବୀ ନିମନ୍ତେ ୧୦ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷା ଦେଇଛନ୍ତି। ଯେଉଁଥିରେ ଏମବିଏ, ଏମସିଏ, ଇଞ୍ଜିନିୟରିଂ, ପିଏଚଡି ଭଳି ଉଚ୍ଚଶିକ୍ଷିତ ରହିଛନ୍ତି। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ପୁଲିସ ଗ୍ରୁପ ବି ହୋମଗାର୍ଡ ପଦ ନିଯୁକ୍ତି ନିମନ୍ତେ ରାଜ୍ୟବ୍ୟାପି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆବେଦନ କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ୨୮୦ଟି ହୋମଗାର୍ଡ ପଦବୀ ରହିଛି। ଯେଉଁଥିରେ କି ସାଧାରଣ ଡ୍ୟୁଟି ନିମନ୍ତେ ୧୫୪ଟି, କମ୍ପ୍ୟୁଟର ଅପରେଟର ୬୪ଟି, ଡ୍ରାଇଭର ୩୨ଟି, ରୋଷେୟା ୨୦ଟି, ବିଦ୍ୟୁତ ମରାମତି, ଲୁଗା ସଫେଇ, ଚୁଟି କଟା, ପୋଷାକ ସିଲେଇ ଓ କାଠ କାମ ପାଇଁ ୨ ଜଣ ଲେଖାଏଁ ରହିଛନ୍ତି। ଏଥିନିମନ୍ତେ ପ୍ରାଥମିକ ଶିକ୍ଷା ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ନେଇ ମାପଦଣ୍ଡ ରଖାଯାଇଛି। ଓଡ଼ିଆ କହି, ଲେଖି, ପଢିପାରୁଥିବା ୨୦-୬୦ ବର୍ଷ ମଧ୍ୟର ବ୍ୟକ୍ତି ଆବେଦନ କରିପାରିବେ। ଅଭିଜ୍ଞତା ଥିବାକୁ ଅଗ୍ରାଧିକାର ଦିଆଯିବ ବୋଲି ରହିଛି। କିନ୍ତୁ ଜିଲ୍ଲାରେ ପଞ୍ଚମ ଶ୍ରେଣୀ ଯୋଗ୍ୟତା ଚାକିରି ନିମନ୍ତେ ସ୍ନାତକ, ସ୍ନାତକୋତ୍ତର, ପିଏଚଡି, ଇଞ୍ଜିନିୟରିଂ, ଏମବିଏ ଆଦି ଅନେକ ଉଚ୍ଚଶିକ୍ଷିତ ଆବେଦନ କରିଥିବାବେଳେ ରବିବାର ପରୀକ୍ଷା ଦେଇଛନ୍ତି। ଯାହାକି ଆଜିର ଆଧୁନିକ ସମାଜରେ ବେରୋଜଗାରୀର ମାତ୍ରା ବୃଦ୍ଧିକୁ ଅତି ସୁନ୍ଦର ଭାବରେ ଉପସ୍ଥାପନ କରୁଛି।

ଶିକ୍ଷା ଅନୁଯାୟୀ ଉଚ୍ଚ ବେତନରେ ନିଯୁକ୍ତି ପାଇବା ନିମନ୍ତେ ଯୋଗ୍ୟ ଥିବା ସତ୍ତ୍ୱେ ଉତ୍କଟ ବେକାରୀ ସମସ୍ୟା ପାଇଁ ସ୍ୱଳ୍ପ ବେତନରେ କାର୍ଯ୍ୟ କରିବା ନିମନ୍ତେ ବାଧ ହୋଇ ଆବେଦନ କରିଛନ୍ତି। ଚାକିରି ଆଶାରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳର ୨୪,୦୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିବାବେଳେ ୨୨,୦୦୦ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଛନ୍ତି। ସେଥିମଧ୍ୟରୁ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ପାଇଁ ୧୦,୦୦୦ରୁ ଅଧିକ ପରୀକ୍ଷାର୍ଥୀ ରହିଛନ୍ତି। ରବିବାର ସକାଳେ ରାଇରଙ୍ଗପୁର ଷ୍ଟାଡ଼ିୟମରେ ପରୀକ୍ଷା ହୋଇଛି। ଚୟନ ପରୀକ୍ଷାର୍ଥୀ ନିକଟସ୍ଥ ଥାନାରୁ ୨୪ ଓ ୨୫ ତାରିଖରେ ଲମ୍ବା ଲାଇନ ଲଗାଇ ଆଡ଼ମିଟ କାର୍ଡ ନେଇଥିଲେ। ସକାଳ ୯ରୁ ୧୨ଟା ପର୍ଯ୍ୟନ୍ତ ଦୁଇଟି ସିଟିଂରେ ଉକ୍ତ ପରୀକ୍ଷା ଆୟୋଜିତ ହୋଇଛି। ସକାଳ ୭ ସୁଦ୍ଧା ରିପୋର୍ଟ କରିବାକୁ ନିର୍ଦ୍ଦେଶ ଥିବାରୁ ସକାଳୁ ପରୀକ୍ଷା ସ୍ଥାନ ନିକଟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ହାଡ଼ ଭଙ୍ଗା ଶୀତୁଆ ସକାଳରେ ପରୀକ୍ଷା ଦେବାକୁ ଯୁବକ/ଯୁବତୀ ଆସି ଲିଖିତ ପରୀକ୍ଷା ଦେବାକୁ ଉପସ୍ଥିତ ହୋଇଥିଲେ। ଆଜି ଲିଖିତ ପରୀକ୍ଷା ହୋଇଥିବାବେଳେ ଆଗକୁ ଶାରୀରିକ ପରୀକ୍ଷା, ପ୍ରାଥମିକ ପରୀକ୍ଷା, ଟ୍ରେଡ୍ ସ୍କିଲ ଓ ଇଣ୍ଟରଭ୍ୟୁ ଅନୁଷ୍ଠିତ ହେବ। ତେବେ ଆଜି ଓଡ଼ିଆ ରଚନାରେ ୨୦ ମାର୍କ ଓ ସାଧାରଣ ଜ୍ଞାନରେ ୪୦ ମାର୍କର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜାନୁଆରୀ ଶେଷ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହୋଇ ନିଯୁକ୍ତି ଦିଆଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି କହିଛନ୍ତି। ରାଜ୍ୟ ହେଉ କେନ୍ଦ୍ର ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ଅନେକ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଉଚ୍ଚଶିକ୍ଷା ଗ୍ରହଣ କରିବା ପରେ ଯୁବକ/ଯୁବତୀଙ୍କୁ ସେହି ହିସାବରେ ନିଯୁକ୍ତି ମିଳିପାରୁନାହିଁ। ଆଦିବାସୀ ବହୁଳ ଜିଲ୍ଲାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହାନ୍ତି। ଯାହାକୁ ନେଇ ଆମେ ଉଚ୍ଚଶିକ୍ଷିତ ହୋଇ ମଧ୍ୟ ହୋମଗାର୍ଡ ଚାକିରି ପାଇଁ ଆବେଦନ କରୁଛୁ ବୋଲି ଜଣେ ପରୀକ୍ଷାର୍ଥୀ ନାମ ଗୋପନ ରଖି କହିଛନ୍ତି। ବଡ଼ ବଡ଼ ଶିକ୍ଷାନୁଷ୍ଠାନରେ ଅଧିକ ଟଙ୍କାର ଫି ଦେଇ ପାଠ ପଢ଼ିଥିଲେ ସୁଦ୍ଧା ସ୍ୱଳ୍ପ ଦରମାର ଠିକା ଗୃହରକ୍ଷୀ ଚାକିରି ନିମନ୍ତେ ଆଗଭର ହୋଇ ଯୁବକ/ଯୁବତୀ ନିଜ ଭାଗ୍ୟ ପରୀକ୍ଷା କରିବାକୁ ସକାଳୁ ପଡ଼ିଆରେ ହାଜର ହୋଇଛନ୍ତି। ତେବେ ଉଚ୍ଚଶିକ୍ଷିତ ବେକାରୀଙ୍କ ସଂଖ୍ୟା କିପରି ବୃଦ୍ଧି ପାଇଛି, ତାହାର ବାସ୍ତବିକ ସ୍ଥିତିକୁ ଏହି ଚିତ୍ର ପ୍ରତିପାଦନ କରିଛି। ଏଥିପ୍ରତି ସରକାରୀ ସ୍ତରରେ ସଚେତନ ହୋଇ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ନିହାତି ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।





- ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ରୌପ୍ୟ ଜୟନ୍ତୀ ଉତ୍ସବ

## 'ଅଞ୍ଚଳର ବିକାଶ ରାଷ୍ଟ୍ରର ବିକାଶ'



ରାସଗୋବିନ୍ଦପୁର,୨୮।୧୨(ସମିସ): ଆଜକୁ ୨୫ ବର୍ଷ ତଳେ ଅନ୍ତୋଦୟ ଚେତନା ମଣ୍ଡଳ ପକ୍ଷରୁ ପ୍ରତିଷ୍ଠିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଗବେଷଣା ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଲୋକସେବକ ମଣ୍ଡଳ ସଭାପତି ଦୀପକ ମାଲବ୍ୟ, ସମ୍ମାନିତ ଅତିଥି ଭାବେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୋଦ ଶତପଥୀ, ବିଶିଷ୍ଟ ଗବେଷକ ତଥା ସ୍ତମ୍ଭକାର ଅନୀଲ ଧିର, ସମାଜସେବୀ ଡ. ବ୍ରଜ ଭାଇ, ପ୍ରାକ୍ତନ ବିଧାୟକ କାନ୍ଦରା ସରେନ, ମହାତ୍ମା ଗାନ୍ଧୀ ଚିକିତ୍ସାଳୟର ପ୍ରତିଷ୍ଠାତା ଡ. ଆଦିତ୍ୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ବରାଳ, ଚିକିତ୍ସାଳୟର ଟ୍ରଷ୍ଟି ଗୀତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଚିକିତ୍ସାଳୟ ପରିସରରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପ, ନୈବେଦ୍ୟ ଓ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ପ୍ରଫେସର ସୁଧୀର ଜେନାଙ୍କ ସଭାପତିତ୍ୱ ଓ ଇଞ୍ଜିନିୟର ଆଦିତୀ ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଉତ୍ସବରେ ଅଞ୍ଚଳର ବିକାଶରେ ରାଷ୍ଟ୍ରର ବିକାଶ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ମହାତ୍ମା ଗାନ୍ଧୀ ଚିକିତ୍ସାଳୟ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୫ ବର୍ଷ ଧରି ଯେଉଁ ସେବାରେ ନିଜକୁ ନିୟୋଜିତ ରଖିଛି, ତାହା ବାସ୍ତବିକ ପ୍ରଶଂସନୀୟ। ଗାନ୍ଧୀ, ବିନୋବାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକର ରଙ୍ଗାମାଟିଆଠାରେ ମାନବ ସେବାକୁ ମାଧବ ସେବା ଭାବେ ସ୍ଥିର କରି ଏହି ଚକ୍ଷୁ ଚିକିତ୍ସାଳୟ ନିର୍ମାଣ କରାଯାଇଛି ବୋଲି ଅନୁଷ୍ଠାନର ମୁଖ୍ୟ ଡ. ଆଦିତ୍ୟ ପଟ୍ଟନାୟକ ପ୍ରକାଶ କରିଥିଲେ। ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମକୁ ଅଧିକ ବ୍ୟବସ୍ଥିତ ଓ ସୁଦୂରପ୍ରସାରି କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ପାଇଁ ଦୃଷ୍ଟି ଅଧିକାରକୁ ସଫଳ ରୂପାୟନ କରିବା ଦିଗରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଗୁରୁଦ୍ୱାରୋପ କରିବା, ଏଥିପାଇଁ ପଞ୍ଚାୟତ ସ୍ତରରେ ଅନ୍ଧତ୍ୱ ଦୂରୀକରଣ ପଦକ୍ଷେପ ଗ୍ରହଣ ନିମନ୍ତେ ଆମେ ସଂକଳ୍ପବଦ୍ଧ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ପଞ୍ଚାୟତରୁ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକ ଅସ୍ତ୍ରୋପଚାର ମାଧ୍ୟମରେ ଦୃଷ୍ଟି ଫେରାଇ ସାମାଜିକ ଜୀବନ ଧାରାରେ ମୁଖ୍ୟସ୍ରୋତରେ ପୁଣି ସାମିଲ କରାଇବା ପାଇଁ ଆମେ ସଙ୍କଳ୍ପବଦ୍ଧ ବୋଲି ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ। ଏ ଅବସରରେ ରୌପ୍ୟ ଜୟନ୍ତୀ ବିଶେଷାଙ୍କ "ଆମ କଥା" ପୁସ୍ତକ ଉନ୍ମୋଚନ ହୋଇଥିଲା। ବସ୍ତା, ରାସଗୋବିନ୍ଦପୁର ଓ ମୁରୁଡ଼ାର ୯ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିତ୍ସାଳୟର ଉଲ୍ଲେଖନୀୟ ସେବା ପାଇଁ ଡାକ୍ତର ଓ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସର୍ବେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଇଞ୍ଜିନିୟର ପ୍ରତୀକ ପଟ୍ଟନାୟକ, ପ୍ରଶାନ୍ତ ଲେଙ୍କା, ରାଜେଶ ପାଲ, ସର୍ବେଶ୍ୱର ଦାସ, ଅଜିତ ନାୟକ ଓ ଦିଲ୍ଲୀପ ରାଉତଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

- ବିଶୋଇ ବ୍ଲକ୍ ଠିକାଦାର ସଂଘ ବୈଠକ

## ବାମନଘାଟି ଉପଖଣ୍ଡ ବ୍ୟତୀତ ବାହାର ଠିକାଦାରଙ୍କୁ ବିରୋଧ



ବିଶୋଇ,୨୮ ।୧୨(ସମିସ): ବିଶୋଇ ବ୍ଲକ୍ ଠିକାଦାର ସଂଘର ବୈଠକ ବିଶୋଇ ନେତାଜୀ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ କମିଟି ଗଠନ ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ଏହି ବୈଠକରେ ନୂତନ କମିଟି ଗଠନ କରାଯାଇଛି। ସଂଘର ନୂତନ ସଭାପତି ଭାବେ ଧନେଶ୍ୱର ମହାନ୍ତ, ଉପସଭାପତି ଭାବେ ତପନ ଗିରି, ସମ୍ପାଦକ ମଥୁରା ସୋରେନ, ସହସମ୍ପାଦକ ରବୀନ୍ଦ୍ର ନାଥ ମହାନ୍ତ, କୋଷାଧ୍ୟକ୍ଷ ଭାବେ ଉତ୍କଳ ରଞ୍ଜନ ମହାନ୍ତି ଓ ଉପଦେଷ୍ଟା ମଣ୍ଡଳୀରେ ବୁଦ୍ଧିମାନ ମଣ୍ଡଳ, ଶିବପ୍ରସାଦ ମହାନ୍ତ, ରମାକାନ୍ତ ସେଠୀ, ବନମାଳୀ ଗିରି, ଜୟଗୋପାଳ ଗିରି, ଅନ୍ତର୍ଯ୍ୟାମୀ ମହାପାତ୍ର, ଅଶୋକ ମହାପାତ୍ର, ଏସ୍‌କେ କାଶିମ ଓ ପ୍ରକାଶ ସୋରେନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ପରେ ସଭାପତିଙ୍କ ନେତୃତ୍ୱରେ ସଂଘର ତିନି ଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆହ୍ୱାନକୁ ବିଶୋଇ ଠିକାଦାର ସଙ୍ଗ ସମର୍ଥନ ଜଣାଇ ଆଗାମୀ ଦିନରେ ବିଶୋଇ ବ୍ଲକରେ ଯେଉଁ ସମସ୍ତ ସରକାରୀ କାର୍ଯ୍ୟ ହେବ, ତାହାକୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ୦.୫ ପ୍ରତିଶତ କମରେ ପକାଇ ଉନ୍ନତ ମାନର କାମ କିପରି ହୋଇପାରିବ, ତାହା ସଂଘ ସଦସ୍ୟଙ୍କ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଗଲା। ଦ୍ୱିତୀୟରେ ବାମନଘାଟି ଠିକାଦାର ସଂଘ ଅଧୀନରେ ରହି ବିଶୋଇ ବ୍ଲକ ଠିକାଦାର ସଂଘ କାମ କରିବା ସହିତ ବାମନଘାଟି ଅଞ୍ଚଳର ଠିକାଦାରଙ୍କୁ କାମ କରିବା ପାଇଁ ସୁଯୋଗ ଦିଆଯିବ। ଏଥିସହିତ ୧୪.୯୯ ଲେସରେ କାମ ନ କରିବା ପାଇଁ ସମସ୍ତ ଠିକାଦାରଙ୍କୁ ଅନୁରୋଧ କରାଯିବ। ତୃତୀୟରେ ବାମନଘାଟି ଉପଖଣ୍ଡ ବ୍ୟତୀତ ବାହାର ଅଞ୍ଚଳର ଠିକାଦାର ଟେଣ୍ଡର ଲେସରେ ପକାଇ ଥିବାରୁ ନିମ୍ନମାନର କାମ ହେଉଛି। ଏଣୁ ଆଗାମୀ ଦିନରେ ବାହାର ଠିକାଦାର ଆସି କାମ କଲେ କାମର ମାନକୁ ସମ୍ପୂର୍ଣ୍ଣ ନିରୀକ୍ଷଣ କରିବା ସହିତ ସେମାନଙ୍କୁ ଘୋର ବିରୋଧ କରାଯିବ ବୋଲି ସଂଘ ସଦସ୍ୟ ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ହୋଇଥିବା ସମସ୍ତ ନିଷ୍ପତ୍ତିର ରେଜ୍ୟୁଲେସନ ଜିଲ୍ଲାର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଠାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି।

## ପୂଜ୍ୟପୂଜାର ବାର୍ଷିକ ବନ୍ଧୁମିଳନ ଓ ବିଜୟ କୁମାର ସାହିତ୍ୟ ଉତ୍ସବ



ବାରିପଦା, ୨୮ ।୧୨(ସମିସ): ସୁନ୍ଦର ଦେବୋପମ ହୃଦୟର ମଣିଷ କାଳଜୟୀ କବିତା ରଚନା କରନ୍ତି, ଅପରର ବ୍ୟଥା ବେଦନାକୁ ଆତ୍ମସ୍ଥ କରନ୍ତି, ମଣିଷ ସମାଜରେ ସୁଖଦୁଃଖ ବାଣ୍ଟନ୍ତି, ସମାଜର ବୋଝ ଲାଘବ କରିବା ପାଇଁ ସତତ ଚେଷ୍ଟିତ ହୁଅନ୍ତି ଓ ନିରୁତା ଆନନ୍ଦମୟ ଜଗତରେ ବାସ କରନ୍ତି ବୋଲି ପୂଜ୍ୟପୂଜାର ୪୨ତମ ବାର୍ଷିକ ବନ୍ଧୁମିଳନ ଓ ବିଜୟ

### ୪ ଜଣଙ୍କୁ ସମ୍ବର୍ଦ୍ଧନା

କୁମାର ସାହିତ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଭାପତି ଡକ୍ଟର ରମାକାନ୍ତ ସିଂହଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କୁଳପତି କିଶୋର ବଶା, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ପ୍ରାଧ୍ୟାପକ ମେଜର ଡକ୍ଟର ରବୀନ୍ଦ୍ର କୁମାର ପରିଡ଼ା ଯୋଗ ଦେଇଥିଲେ। ଏ ଅବସରରେ ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଭାସି ମାଧ୍ୟମରେ ଯୋଗଦେଇ ସମ୍ମାନିତ ଅତିଥି ଡ ବିଜୟ କୁମାର ଅଗ୍ରୱାଲ ଓ ଡ ବିଜୟାନନ୍ଦ ସିଂହ ପୂଜ୍ୟପୂଜା ସାରସ୍ୱତ ସମାବେଶର ସଫଳତା କାମନା କରିବା ସହିତ ସମ୍ବର୍ଦ୍ଧିତ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ଦିବଂଗତ ସାରସ୍?ତ ସାଧକ ବିଜୟ କୁମାର ବାରିକଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ପୂଜ୍ୟପୂଜାର ସମ୍ପାଦକ ଭାସ୍ୱତୀ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହିତ ରାଜେନ୍ଦ୍ର କୁମାର ସାମଲ, ଡାକ୍ତର ବିନି ଷଡ଼ଙ୍ଗୀ, ଅଶୋକ ପଲେଇ, ନରସିଂହ ବାରିକ, ବିଶ୍ୱବନ୍ଧୁ ମୁରଲୀଧର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏ ଅବସରରେ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ବିଶିଷ୍ଟ ଚିକିତ୍ସକ, ସାମ୍ବାଦିକ ଓ ପ୍ରାବନ୍ଧିକ ଡକ୍ଟର ଦୀନେଶ ଷଡ଼ଙ୍ଗୀଙ୍କୁ ଶ୍ରୀରାମଚନ୍ଦ୍ର ଭଞ୍ଜ ସାରସ୍ୱତ ସମ୍ମାନ, କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କୁ ଶ୍ରେଷ୍ଠ ଶିକ୍ଷାବିତ୍ ସମ୍ମାନ, କିମ୍ବର ଆସୋସିଏଟ ପ୍ରଫେସର ଡଃ ଦିଲ୍ଲୀପ ବେହେରାଙ୍କୁ ବିଜୟ କୁମାର ସ୍ମୃତି ସାରସ୍ୱତ ସମ୍ମାନ ଓ ଓଡ଼ିଶା ବୁକ୍ ଏମ୍ପୋରିୟମ୍‌ର ପ୍ରକାଶକ ଶିବାଶିଷ କରଙ୍କୁ ଭଞ୍ଜଭୂମି ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ମିନତି ସିଂହ ଓ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ହୃଷିକେଶ ମହାନ୍ତ, ରାଜକୁମାର ପାତ୍ର, ଗବେଷକ ଅଶୋକ ମହାନ୍ତ, ସ୍ନାତକୋତ୍ତର ଛାତ୍ରୀ ପ୍ରମିଳା ସାହୁ, ପ୍ରଜ୍ଞାପରିମିତା ରାୟ, ରାଜେନ୍ଦ୍ର ସାମଲ, ଅଞ୍ଜଳି ମହାପାତ୍ର, ନରସିଂହ ବାରିକ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଫେସର ଡକ୍ଟର ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିବା ସହିତ ବିଜୟ ବାରିକଙ୍କ ଲେଖାସମୂହର ସଂକଳନ ସହିତ ବିଜୟ କୁମାର ବାରିକ ଗ୍ରନ୍ଥାବଳୀ ପ୍ରକାଶନର ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରକାଶ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଗୁରୁମା କୁନ୍ତଳା ବାରିକ ସାରସ୍ୱତ ସତୀର୍ଥଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ ପଟ୍ଟନାୟକ ଭଜନ ଗାନ କରିଥିବାବେଳେ ଶିଶୁ ଶିଳ୍ପୀ ଈଶାନୀ ସିଂହ ନୃତ୍ୟ ପ୍ରଦର୍ଶନ କରିଥିଲେ। ଆହ୍ଲାଦିନୀ ବାରିକ, ଋତୁପର୍ଣ୍ଣା ବେହେରା, ହରିପ୍ରିୟା ମହାନ୍ତ, ସସ୍ମିତା ଦାସ ମାନପତ୍ର ପାଠ କରିଥିଲେ। ଆଡଭୋକେଟ ପ୍ରବୀର ବାରିକ ସହାୟତା କରିଥିଲେ।

- ନବବର୍ଷ ଶୁଭେଚ୍ଛା ଜଣାଇବାକୁ ଫୁଲ ଦୋକାନରେ ଭିଡ଼

## ଚଢ଼ା ଦରରେ ବିକ୍ରି ହେଉଛି ଫୁଲତୋଡ଼ା

ରାଇରଙ୍ଗପୁର,୨୮।୧୨(ସମିସ): ନବବର୍ଷକୁ ସ୍ୱାଗତ ଶୁଭେଚ୍ଛା ଜଣାଇବା ପାଇଁ ରାଇରଙ୍ଗପୁର ସହରର ଫୁଲ ଦୋକାନରେ ଭିଡ଼ ଦେଖିବାକୁ ମିଳିଲାଣି। ପ୍ରିୟବ୍ୟକ୍ତି, ଗୁରୁଜନ, ବନ୍ଧୁଙ୍କ ପ୍ରତି ଆନୁଗତ୍ୟ ଓ ପ୍ରେମ ପ୍ରକାଶ କରିବା ପାଇଁ ଫୁଲତୋଡା ଦେଇ ନବବର୍ଷର ଶୁଭେଚ୍ଛା ଜଣାଯାଇଥାଏ। ଏ ନେଇ ରାଇରଙ୍ଗପୁରରେ ଥିବା ବିଭିନ୍ନ ଫୁଲ ଦୋକାନରେ ରଙ୍ଗବେରଙ୍ଗ ଫୁଲରେ ସଜେଇ ଫୁଲ ତୋଡା ପ୍ରସ୍ତୁତ କରାଯାଇଛି। ନବବର୍ଷକୁ ଦେଖି ଫୁଲ ତୋଡ଼ାର ଦର ଦୋକାନୀମାନେ ଆକାଶ ଛୁଆଁ କରିଛନ୍ତି। ଗୋଲପ ଫୁଲରେ ପ୍ରସ୍ତୁତ ଫୁଲତୋଡାର ଚାହିଦା ଅଧିକ ଥିବାରୁ ବ୍ୟବସାୟୀ ଅନ୍ୟଦିନ ଅପେକ୍ଷା ଅଧିକ ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଫୁଲତୋଡା ପିଛା ଦର ୫୦ ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। କିନ୍ତୁ ଆଖିଦୃଶିଆ ତୋଡା ଦର ୨୫୦/୩୦୦ରୁ ଆରମ୍ଭ ହେଉଛି। ଉକ୍ତ ଦର ପୂର୍ବଦିନ ଦରଠାରୁ ଅଧିକ ରହିଛି। ନବବର୍ଷ ପାଇଁ ଭଲ ବିକ୍ରି ହେଉଥିବାବେଳେ ସପ୍ତାହ ବ୍ୟାପି ଏହାର ଦର ଆହୁରି ଅଧିକ ରହିବ ବୋଲି ବ୍ୟବସାୟୀ କହିଛନ୍ତି। ନବବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ରାଇରଙ୍ଗପୁରବାସୀ ବାଧ ହୋଇ ଚଢା ଦରରେ ଫୁଲତୋଡା କିଣୁଥିବା ଦେଖିବାକୁ ମିଳୁଛି।



## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭୋଗରାଇ, ୨୮।୧୨ (ସମିସ) : ଭୋଗରାଇ ବ୍ଲକ କୁମ୍ଭାରମୁଳି ପଞ୍ଚାୟତ ଅନ୍ତର୍ଗତ ଚୌକି ଗ୍ରାମର ଖ୍ୟାତନାମା ବୈଦ୍ୟରାଜ ସ୍ୱର୍ଗତ ବସନ୍ତ କୁମାର ପଣ୍ଡାଙ୍କ ଧର୍ମପତ୍ନୀ ସରସ୍ୱତୀ ପଣ୍ଡାଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇ ଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରେମଲତା ମହାନ୍ତି
ଆବିର୍ଭାବ - ୨୫.୧୦.୧୯୪୩
ତିରୋଧାନ - ୧୯.୧୨.୨୦୨୫
ନିମେଇସାପୁର, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମେମାନେ ସର୍ବଦା ମନେ ରଖିବୁ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ଶିବ ପ୍ରସାଦ ମହାନ୍ତି
ଓ ପରିବାର ବର୍ଗ

# କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ





କରଞ୍ଜିଆ,୨୮।୧୨(ସମିସ):

କରଞ୍ଜିଆ ସହରସ୍ଥ କରଡ଼ିଆଠାରେ ମୟୂରଭଞ୍ଜ ପଶ୍ଚିମାଞ୍ଚଳ ଜିଲ୍ଲା କଂଗ୍ରେସ ପକ୍ଷରୁ ୧୪୦ତମ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଭୁବନ ସାହୁଙ୍କ ନେତୃତ୍ୱରେ ଆଜି ପ୍ରଥମେ କଂଗ୍ରେସର ପତାକା ଉତ୍ତୋଳନ କରାଯାଇଥିଲା। ପରେ ନିର୍ବାଚନମଣ୍ଡଳୀର ସମସ୍ତ ପଦାଧିକାରୀ, କର୍ମୀ, ସ୍ଥାନୀୟ ବ୍ୟକ୍ତି ସାଧାରଣ ସଭାରେ ଯୋଗ ଦେଇଥିଲେ। ଏଥିରେ ଉପସଭାପତି ଯବମଣୀ ଟୁଡୁ, ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ବରିଷ୍ଠ ସଦସ୍ୟ ପ୍ରଫୁଲ ବେହେରା, ଜାକିର ହୁସେନ, ହରେକୃଷ୍ଣ ମହାନ୍ତ, ସୁବାସ ସଂଖୁଆଲ, ଧରଣୀ ମହାନ୍ତ, ବନମାଳୀ ମହାନ୍ତ, ଘନଶ୍ୟାମ ମହାନ୍ତ, ଛୋଟରାୟ ନାୟକ, ଉଗରେସନ ମଡେଇଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ କଂଗ୍ରେସର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସ୍ମରଣ କରି ତାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ରୀ ସିଂ ପ୍ରକାଶ କରିଥିଲେ ଯେ କଂଗ୍ରେସ ଭାରତକୁ ସ୍ୱାଧୀନତା ଆଣିବା ସହିତ ଏକ ବିକଶିତ, ନିରପେକ୍ଷ, ଆତ୍ମନିର୍ଭରଶୀଳ ଦେଶ ଗଠନ କରିବା ଲକ୍ଷ୍ୟ ରଖିଥିଲା କଂଗ୍ରେସର ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବେ ଏହାକୁ ଗଠନ କରି ନ ଥିଲେ, ବରଂ ଏହା ଏକ ଅନୁଷ୍ଠାନ ଭାବେ ପ୍ରତ୍ୟେକ କ୍ଷେତ୍ରରେ କଂଗ୍ରେସ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ଏଣୁ ତୃଣମୂଳ ସ୍ତରରୁ ଆଉଥରେ କଂଗ୍ରେସକୁ ଲୋକଙ୍କ ସେବା ପାଇଁ ଗଠନ କରିବାକୁ ପଡ଼ିବ। ଅନ୍ୟମାନେ ମଧ୍ୟ କଂଗ୍ରେସ ଏକ ଆନ୍ଦୋଳନ ବୋଲି ପ୍ରକାଶ କରିଥିଲେ। ଏହା କେବେ ବି ଅନ୍ୟକୁ ପ୍ରଶୟ ଦେଇନାହିଁ। ଭାରତର ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନେଇ ଲୋକଙ୍କ ଅସ୍ଥାଭାଜନ ହୋଇପାରିଛି। ଶେଷରେ ସୁରଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇରଙ୍ଗପୁର:** ମୟୂରଭଞ୍ଜ (ପଶ୍ଚିମ) ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ରାଇରଙ୍ଗପୁରଠାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜିଲ୍ଲା ସଭାପତି କଂଗ୍ରେସ ପତାକା ଉତ୍ତୋଳନ କରି ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଦେଶ ପାଇଁ ଏକ ମହତ୍ ଉଦ୍ଦେଶ୍ୟ ନେଇ କଂଗ୍ରେସ ଦଳ ଭାରତ ବର୍ଷରେ ପ୍ରତିଷ୍ଠା ହୋଇଥିଲା। ଆଜି ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଛି। ବିଜେପି ସରକାର ଏକ ଛାତ୍ରବାଦ ଶାସନ ବିରୁଦ୍ଧରେ କଂଗ୍ରେସ ଲଢେଇ ଜାରି ରଖିଛି। ଆଗାମୀ ଦିନରେ କଂଗ୍ରେସ ବ୍ଲକ୍ ସ୍ତରରେ ଜନ ସମସ୍ୟା ନେଇ ଆନ୍ଦୋଳନ କରିବ ନେଇ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଆଦିବାସୀ କଂଗ୍ରେସ ଉପସଭାପତି ଲକ୍ଷ୍ମଣ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ଆଦିବାସୀ କଂଗ୍ରେସ ପଶ୍ଚିମ ମୟୁରଭଞ୍ଜ ଅଧ୍ୟକ୍ଷ ବେରେଲ ସିଂ, ବସନ୍ତ ପଟ୍ଟନାୟକ, ଅଶୋକ ଅଗ୍ରୱାଲ, ଭାଗିରଥୀ ପାତ୍ର, ଏମଡି ଇନତେକାବ, ସନ୍ତୋଷ ନନ୍ଦ, ତରୁଣ କୁମାର ଗିରି, ରୂପକ ମହାନ୍ତି, ନିଶାକର ପାତ୍ର, ଅଞ୍ଜଳି ବେଶ୍ରା, ଉଷାରାଣୀ ଦେଓ, ପୂଜା ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ୧୦ଜଣ ବରିଷ୍ଠ କଂଗ୍ରେସ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସଚେତନତା ରଥ

ବହଳଦା,୨୮।୧୨ (ସମିସ): ବହଳଦା କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ର ଅଧିକାରୀ ଶ୍ରୀମତୀ ଗାୟତ୍ରୀ ଟୁଡୁଙ୍କ ତତ୍ତ୍ୱାବଧାନରେ ତଥା କୃଷି କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ରାଇରଙ୍ଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ପ୍ରଚାର ପ୍ରସାର ନିମନ୍ତେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ସଚେତନା ରଥ ବହଳଦା ବ୍ଲକର ସମସ୍ତ ୧୨ଟି ଗ୍ରାମପଞ୍ଚାୟତ ଅଞ୍ଚଳରେ ପରିକ୍ରମା କରି ଉନ୍ନତ କୃଷିକାର୍ଯ୍ୟ ଓ ଅଧିକ ଅମଳ ଉତ୍ପାଦନ ପାଇଁ ସହାୟକ ହେଉଥିବା ଆଧୁନିକ କୃଷି ଯନ୍ତ୍ରପାତି ସୁବିଧା ଓ ସରକାରୀ ରିହାତି ମୂଲ୍ୟରେ ମିଳିବା ସମ୍ବନ୍ଧରେ ପ୍ରଚାର କରି କୃଷକଙ୍କୁ ସଚେତନ କରିଥିଲା। ଏହି କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ମେଳା ଆସନ୍ତାକାଲିଠାରୁ ବୁଧବାର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହେବ।



## କେନ୍ଦୁଝର ଗୋନାସିକା ମହୋତ୍ସବ

# ଜାତୀୟ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ଝଲକ୍













କେନ୍ଦୁଝର ଗୋନାସିକା ମହୋତ୍ସବରେ ଡିସପ୍ଲେ ବୋର୍ଡରେ ୧୩ ଜୁନ ୨୦୨୪ର 'ସକାଳ' କାଗଜ





### ସିରିଗିଡ଼ା ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ

## ବୈଷୟିକ ଜ୍ଞାନର ବ୍ୟବହାର, ଲୁକ୍କାୟିତ ପ୍ରତିଭା ଓ ଜୀବନ କୌଶଳର ବିକାଶ ଜରୁରୀ




ତେଲକୋଇ, ୨୮।୧୨(ସମିସ): ସମସ୍ତଙ୍କ ପାଖରେ କିଛି ନା କିଛି ଲୁକ୍କାୟିତ ଗୁଣ ବା ପ୍ରତିଭା ରହିଛି। ତେଣୁ ପାଠପଢ଼ା ସହ ଏହି ଲୁଚି ରହିଥିବା ପ୍ରତିଭାକୁ ଚିହ୍ନିପାରିଲେ, ଆମେ ଜୀବନରେ ସଫଳ ହୋଇପାରିବା ବୋଲି ତେଲକୋଇ ବ୍ଲକର ସିରିଗିଡ଼ାଠାରେ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ମାଝୀ କହିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରଥମ କାମ ହେଉଛି ମନଦେଇ ପାଠ ପଢ଼ିବା। ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ। ଟେକ୍ନୋଲୋଜି ସହ ତାଳ ଦେଇ ଅପଡେଟ୍ ରହିବା କଥା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଶିକ୍ଷାନୀତି ୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ କରିବା। ତେଣୁ ନିଜର ପ୍ରତିଭା ବଳରେ ଆଗକୁଯିବା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣତଃ ପିଲାମାନେ କୌଣସି ବାହାର ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ ଅସହଜ ମନେ କରନ୍ତି। ଉପଯୁକ୍ତ କମ୍ୟୁନିକେସନ ସ୍କିଲର ଅଭାବ ଯୋଗୁ ଏହା ହୋଇଥାଏ। ସେହିପରି ତୁରନ୍ତ ନିଷ୍ପତ୍ତି ନେବା ବି ଗୋଟେ ସ୍କିଲ। ବହୁତ୍ ପିଲା ନିଷ୍ପତ୍ତି ନେବାରେ ଦୋ ଦୋ ପାଞ୍ଚ ହୁଅନ୍ତି। କିନ୍ତୁ, ଯେଉଁମାନେ ପ୍ରକୃତରେ ସ୍ମାର୍ଟ ପିଲା ସେମାନେ ଶୀଘ୍ର ନିଷ୍ପତ୍ତି ନେଇ କାମ କରିଦିଅନ୍ତି। ଆମର ସବୁ ସମୟରେ ସମସ୍ୟା ସମାଧାନ ବା ପ୍ରୋବ୍ଲେମ୍ ସଲ୍‌ଭିଙ୍ଗ ଆଟିଚୁଡ୍ ରହିବା ଆବଶ୍ୟକ। ସବୁବେଳେ ଅଭିଯୋଗ କରିବା ଭଲନୁହେଁ। ଏହିପରି ଅନେକ ଲାଇଫ୍ ସ୍କିଲ ସବୁ ଅଛି। ଯାହା ଛାତ୍ରଛାତ୍ରୀମାନେ ଶିଖିଲେ ବା ଅଭ୍ୟାସ କଲେ, ଆଗାମୀ ଦିନରେ ଏଗୁଡିକ ଖୁବ୍ ସହାୟକ ହେବ। ତେଣୁ ବିଭିନ୍ନ ଲାଇଫ୍ ସ୍କିଲ୍ ବିଷୟରେ ଜାଣିବା, ଶିଖିବା ବହୁତ୍ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇଛନ୍ତି। ଚଳିତ ବଜେଟରେ ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ୧୪.୨ ପ୍ରତିଶତ ଅର୍ଥାତ୍ ରାଜ୍ୟ ଜିଡିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଯାହାକି ଦେଶରେ ଅଳ୍ପ କିଛି ରାଜ୍ୟ କରିବାରେ ସମର୍ଥ ହୋଇଛନ୍ତି। ଓଡିଶାରେ ମଧ ସବୁ ବିଭାଗରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ, ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ହେଉଛି ସିଂହଭାଗ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ସମାଜସେବୀ ଶୁକଦେବ ମହାନ୍ତ, ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ମହାନ୍ତ, ସଂପାଦକ କୈଳାସଚନ୍ଦ୍ର ସେଠୀ, ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ଉପଖଣ୍ଡ ଡାକ୍ତରଖାନାରେ ଅଭାବନୀୟ ଘଟଣା

## ଡାକ୍ତର ଆସିଲେନି; ମହିଳା ରୋଗୀ ପେଟ ଯନ୍ତ୍ରଣାରେ ଛଟପଟ

ଆନନ୍ଦପୁର, ୨୮।୧୨ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କାମ କରୁନି ଅନୁଶାସନ। କେହି କାହା ନିୟନ୍ତ୍ରଣରେ ନାହାନ୍ତି। କର୍ମଚାରୀ ଲଗାମଛଡ଼ା ଡିଉଟି କରୁଛନ୍ତି। କାମ ଛାଡ଼ି ବାହାରେ ବୁଲୁଛନ୍ତି କର୍ମଚାରୀ। ଡାକ୍ତରଖାନାରେ କମ ନର୍ସିଙ୍ଗ ହୋମରେ ଅଧିକ ସମୟ ବିତାଉଛନ୍ତି। ପ୍ରଶାସନର ତାଗିଦ ନାହିଁ। ଏପରି ଅବସ୍ଥା ଯୋଗୁଁ ରୋଗୀମାନେ କଲବଲ ହେଉଥିବା ପରିଲକ୍ଷିତ ହୋଇଛି।



ଗତ ଶନିବାର ୧୦ଟା ବେଳୁ ଆଡମିସନ ହୋଇଥିବା ରୋଗୀଙ୍କୁ ରାତି ଆଠଟା ପର୍ଯ୍ୟନ୍ତ ଡାକ୍ତର ସେବା ମିଳି ନପାରିବାରୁ ଅବସ୍ଥା ସଂଗୀନ ହୋଇପଡ଼ିଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ଯୋଗୁଁ ଚିକିତ୍ସା ଆରମ୍ଭ ହୋଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ। ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ଲକ ପଣସଡିହା ପଞ୍ଚାୟତ ପଣସଡିହାରୁ ସୀତା ନାଏକଙ୍କ ଗଭୀର ପେଟ ଯନ୍ତ୍ରଣା ହେବାରୁ ଆନନ୍ଦପୁର ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ଆଉଟଡୋରରେ ଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟବସ୍ଥା ପରଖିବା ପରେ ତାଙ୍କୁ ମହିଳା ୱାର୍ଡରେ ଆଡମିସନ ପାଇଁ ପଠାଇଥିଲେ। ସେଠାରେ ନିୟୋଜିତ ନର୍ସ ସୀତାଙ୍କୁ ଗୋଟିଏ ଦୁଇଟି ଇଞ୍ଜେକ୍ସନ ଦେଇ କାମ ସାରିଦେଇଥିବା ବେଳେ ରାତି ୮ଟା ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ସେ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ନା କୌଣସି ଡାକ୍ତର ତାଙ୍କ ପାଖକୁ ଆସିଥିଲେ ନା କୌଣସି ନର୍ସ ତାଙ୍କ କଥା ବୁଝିଥିଲେ। ସୀତାଙ୍କ ଦୁଇ ଝିଅ ନିରୁପାୟ ହୋଇ ସ୍ଥାନୀୟ ସମ୍ପର୍କୀୟଙ୍କୁ ଯୋଗାଯୋଗ କରିବା ପରେ ଜଣେ ବରିଷ୍ଠ ସାମ୍ବାଦିକ ମେଡିକାଲରେ ପହଞ୍ଚି କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ବିନୋଦ ବିହାରୀ ମିଶ୍ରଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିଥିଲେ। ରାତି ଆଠଟା ପରେ ଡାକ୍ତର ଆସି ସୀତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ଅନେକ ସମୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଏଭଳି ବିଭିନ୍ନ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଡାକ୍ତର ମାନଙ୍କ ଅବହେଳାଠାରୁ ଆରମ୍ଭ କରି କର୍ମଚାରୀଙ୍କ ମନମାନି ଚାଲିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ନିତ୍ୟାନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।


## ଯୁବତୀଙ୍କ ଅକାଳ ବିୟୋଗ

ତୁରୁମୁଙ୍ଗା, ୨୮।୧୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ ଅସନବାହାଲି ଗ୍ରାମର ବାସିନ୍ଦା ତଥା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଲାଲମୋହନ ମହାନ୍ତଙ୍କ ଏକମାତ୍ର ଅବିବାହିତା ଝିଅ ଚନ୍ଦ୍ରିକା ମହାନ୍ତ(୩୭)ଙ୍କ ରବିବାର ସକାଳ ସାଢ଼େ ୭ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ଚନ୍ଦ୍ରିକା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଜଣେ ଭଲ ଝିଅ ଓ ମେଳାପୀ ତଥା ସ୍ନେହୀ ଥିବାରୁ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକ ପ୍ରକାଶ ପାଇଥିଲା। ଆଜି ଗ୍ରାମ ନିକଟ ବୈତରଣୀ କୂଳ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ଭାଇ ତଥା ସାମାଜିକ କର୍ମୀ ଭୁତ ମହାନ୍ତ ମୁଖାଗ୍ନି ଦେଇଥିଲେ।

## ସମାକୋଇ ଚକଧର ପ୍ରକଳ୍ପ ବନ୍ଦ ରହିଛି: ମୁଖ୍ୟମନ୍ତ୍ରୀ

ତେଲକୋଇ, ୨୮।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତେଲକୋଇ ବ୍ଲକ ସିରିଗିଡାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତେଲକୋଇ ବ୍ଲକର ବିଭିନ୍ନ ସମସ୍ୟା ଓ ତାର ସମାଧାନକୁ ନେଇ ବିକାଶର ପେଡ଼ି ଖୋଲିଛନ୍ତି। ତେଲକୋଇ ଅଞ୍ଚଳର ବହୁ ପ୍ରତୀକ୍ଷିତ ସମାକୋଇ ଚକଧର ପ୍ରକଳ୍ପକୁ ନେଇ ଲୋକଙ୍କ ମନରେ ବସା ବାନ୍ଧିଥିବା ଦ୍ୱନ୍ଦ୍ୱ ଉପରୁ ପରଦା ଉଠାଇଛନ୍ତି। ପ୍ରସ୍ତାବିତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ବୋଲି ସିଧା ସିଧା କହିଛନ୍ତି। ଆଉ ମଧ କହିଛନ୍ତି ଯେ ମୁଁ ସେତେବେଳେ ମଧ ପ୍ରକଳ୍ପ ବନ୍ଦ ହେଲା ବୋଲି ତେଲକୋଇବାସୀଙ୍କୁ କହିଥିଲି ଆଉ ଏବେ ମଧ କହୁଛି ଚକଧର ପ୍ରକଳ୍ପକୁ ବନ୍ଦ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ଚକଧର ପ୍ରକଳ୍ପ ପ୍ରସଙ୍ଗରେ ଏହି ଉତ୍ତର ପାଇବା ପରେ ତେଲକୋଇବାସୀଙ୍କ ମଧରେ ଖୁସି କହିଲେ ନ ସରେ। ଅନ୍ୟପଟେ ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ଏହି ପ୍ରକଳ୍ପ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ତେଲକୋଇ ଅଞ୍ଚଳବାସୀ ମଧ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ସପ୍ତମ ମା'ମଙ୍ଗଳା କ୍ରିକେଟ୍: ଗଡ଼ପଳାଶୁଣି ଚାମ୍ପିଅନ




ତେଲକୋଇ, ୨୮।୧୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଆକୁଳ ପଞ୍ଚାୟତ ମଲଣ୍ଡା ମା' ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସପ୍ତମ ବାର୍ଷିକ ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ ଜୟମଲ ଖମାରକୁ ହରାଇ ଗଡ଼ପଳାଶୁଣି କ୍ରିକେଟ୍ ଟିମ ଚାମ୍ପିଅନ ହୋଇଛି। ଉକ୍ତ ଖେଳକୁ ଅମ୍ପାୟାର ଭାବେ ସୁଶୀଳ ସେଠୀ ଓ ସୁରଥଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିକ୍ରମାଦିତ୍ୟ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆକୁଳ କେନ୍ଦୁପତ୍ର ଫଡ଼ିର ରେଞ୍ଜର ଡିଲେଶ୍ୱର ନାୟକ, ଗ୍ରାମର ବରିଷ୍ଠ ବ୍ୟକ୍ତି କଳାକର ନାୟକ, ଜଗନ୍ନାଥ ନାୟକ ଯୋଗ ଦେଇଥିଲେ। ଏହି ଖେଳକୁ ମା'ମଙ୍ଗଳା ଯୁବକ ସଂଘର ସଭାପତି ସୁଶାନ୍ତ ନାୟକ, ସଂପାଦକ ଗୋପବନ୍ଧୁ ନାୟକ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବନ୍ଦ ଘରୁ ଗଳିତ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୮।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ତେନ୍ତଲା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଗତକାଲି ରାତିରେ ଏକ ବନ୍ଦ ଘରେ ମୃତଦେହ ପଡ଼ିଥିବା ଦେଖାଯାଇଥିଲା ବେଳେ ପୁଲିସ ରବିବାର ସକାଳେ ଉକ୍ତ ଘର ଭିତରୁ ସମ୍ପୃକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ୪ ଦିନ ହେଲା ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ପୀତାମ୍ବର କାରୁଆ। ସେ ଘରେ ଏକାକୀ ରହୁଥିଲେ। ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ଜାଣି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସଆଇ ସୁରେଶ ସାହୁ କିଶୋରଚନ୍ଦ୍ର ପାତ୍ର ପହଞ୍ଚି ମୃତଦେହକୁ ଉଦ୍ଧାର କରି କେନ୍ଦୁଝର ମେଡ଼ିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ଅସହ୍ୟ ଥଣ୍ଡା ଯୋଗୁଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି। ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



# ସମ୍ପାଦକୀୟ



ଏକ ଅତ୍ୟାଚାରୀ ସରକାର ବାଘଠାରୁ ମଧ୍ୟ ଭୟଙ୍କର।
-କନ୍‌ଫୁସିୟସ୍

ସକାଳ
THE SAKALA

## ଚୀନ୍ ବ୍ୟୂହରେ ଭାରତ!

ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଚୀନ୍ ଏବେ ପ୍ରଶାନ୍ତ ମହାସାଗର-ଏସିଆ ସମେତ ଆଫ୍ରିକାରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ଏକାଧିକ ସାମରିକ ଘାଟି ପ୍ରତିଷ୍ଠା କରିବାର ଯୋଜନା କରୁଛି। ଏହାପଛରେ ଚୀନ୍‌ର ମୂଳ ଉଦ୍ଦେଶ୍ୟ ରହିଛି ବଙ୍ଗୋପସାଗର ଓ ଆରବ ସାଗର ଦିଗରୁ ଭାରତର ପ୍ରତିରକ୍ଷା କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ରଖିବା ଏବଂ ଆବଶ୍ୟକ ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ପୂର୍ବରୁ ପାକିସ୍ତାନ ଓ ଶ୍ରୀଲଙ୍କାକୁ ଆର୍ଥିକ ଋଣ ସହାୟତାରେ ବଶମ୍ବଦ କରି ରଖିଥିବା ଚୀନ୍ ଏବେ ବାଂଲାଦେଶକୁ ଏକପ୍ରକାର ନିଜ ଅଧୀନକୁ ଆଣିସାରିଛି। ଇତିମଧ୍ୟରେ କେତେକ ଆଫ୍ରିକୀୟ ରାଷ୍ଟ୍ର ସହିତ ବାଣିଜ୍ୟ ଚୁକ୍ତିନାମା ଜରିଆରେ ସେମାନଙ୍କ ଭରସା ଏହି ଡ୍ରାଗନ୍ ରାଷ୍ଟ୍ର ହାସଲ କରିଛି। ତେଣୁ ସେମାନଙ୍କ ସହଯୋଗରେ ବଙ୍ଗୋପସାଗର ଓ ଆରବ ସାଗରରେ ସାମରିକ ଘାଟି ପ୍ରତିଷ୍ଠା କରି ଭାରତକୁ ଉଭୟ ପଟରୁ ଘେରିବାକୁ ଚୀନ୍ ରଣନୀତି ପ୍ରସ୍ତୁତ କରୁଛି।

'ପେଣ୍ଟାଗନ୍'ର ଏହି ସୂଚନା ପଛରେ ଯଦି କିଛିମାତ୍ରାରେ ମଧ୍ୟ ସତ୍ୟତା ଥାଏ ତେବେ ଭାରତ ପ୍ରତି ଆଗାମୀ ଦିନରେ ଚୀନ୍ ଓ ପାକିସ୍ତାନ ପଟରୁ ସାଂଘାତିକ ବିପଦ ମାଡ଼ି ଆସୁଛି ବୋଲି ଭାବିବାକୁ ହେବ। ଅପରପକ୍ଷରେ 'ପେଣ୍ଟାଗନ୍'ର ଏଭଳି ସୂଚନାକୁ ଅଭିସନ୍ଧିମୂଳକ ଏବଂ ଭାରତ-ଚୀନ୍ ସମ୍ପର୍କରେ ଫାଟ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି ଚୀନ୍ ସ୍ପଷ୍ଟୀକରଣ ଦେଇଛି। କିନ୍ତୁ ଦୀର୍ଘ ପ୍ରାୟ ୭୫ ବର୍ଷ ଧରି ଜାରି ରହିଥିବା ଚୀନ୍‌ର ଭାରତ ବିରୋଧୀ ଅସୂୟା ଆଭିମୁଖ୍ୟ ପୃଷ୍ଠଭୂମିରେ 'ପେଣ୍ଟାଗନ୍' ରିପୋର୍ଟକୁ ହଠାତ୍ ଅବିଶ୍ୱାସ କରିହେବ ନାହିଁ। 'ପେଣ୍ଟାଗନ୍'ର ରିପୋର୍ଟ ଅନୁଯାୟୀ ସି ଜିନ୍‌ପିଙ୍ଗ ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପରେ ଚୀନ୍‌ର ପ୍ରତିରକ୍ଷା ବଜେଟ୍ ଦୁଇଗୁଣା ବୃଦ୍ଧି ପାଇଛି। ୨୦୨୪ ସୁଦ୍ଧା ଚୀନ୍ ନିଜ ପାଖରେ ୬୦୦ ଆଣବିକ ଅସ୍ତ୍ର ରଖିଛି ଏବଂ ସାମରିକ ଅତ୍ୟାଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ 'ପିପୁଲ୍‌ସ ଲିବରେସନ୍ ଆର୍ମି'ର ବାହୁ ମଧ୍ୟ-ଏସିଆ, ଦକ୍ଷିଣ-ପୂର୍ବ ଏସିଆ, ଦକ୍ଷିଣ ଚୀନ୍ ସାଗର, ଦକ୍ଷିଣ ଏସିଆରୁ ଆରମ୍ଭ କରି ଆଫ୍ରିକୀୟ ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରସାରିତ କରିବାର ଯୋଜନା କରିଛି। ଭାରତର ଚିରଶତ୍ରୁ ପାକିସ୍ତାନକୁ ଚୀନ୍ ୩୬ ଟି ଜେ-୧୦ ସି ଲଢ଼ୁଆ ବିମାନ ଓ ସାମରିକ ଉପକରଣ ଯୋଗାଇ ଦେଇଥିବା ବେଳେ ବାଂଲାଦେଶକୁ ମଧ୍ୟ ବୁଡ଼ାଜାହାଜ ସମେତ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ନେଇ ପ୍ରତିଶ୍ରୁତି ଦେଇଛି।

'ପେଣ୍ଟାଗନ୍'ର ଆକଳନ ଅନୁଯାୟୀ ଇତିମଧ୍ୟରେ ଭାରତ-ଚୀନ୍ ସୀମା ବିବାଦ(ଏଲଏସି) ଜନିତ ଉତ୍ତେଜନା ପ୍ରଶମିତ ହୋଇସାରିଥିବାରୁ ଚୀନ୍ ଭାରତକୁ ଘେରିବାକୁ ଭିନ୍ନ ଷଡ଼ଯନ୍ତ୍ର ରଚନା କରିଛି। ଭାରତ ଯେପରି ଆମେରିକା ଆଡ଼କୁ ଅଧିକ ନ ଢଳିବ ସେଥିପାଇଁ ସାମରିକ ବ୍ୟୂହ ଜରିଆରେ ଚୀନ୍ ଭାରତକୁ ନାଲିଆଖି ଦେଖାଇ ପାରିବ। ତେଣୁ ଆଗାମୀ ଦିନରେ ଭାରତକୁ ପ୍ରାୟ ଅବଶିଷ୍ଟ ବିଶ୍ୱରୁ ଦୂରେଇ ନିଜ ଅଧୀନରେ ରଖିବାକୁ ଚୀନ୍ ସୁଚିନ୍ତିତ ଦୀର୍ଘମିଆଦୀ ରଣକୌଶଳ ପ୍ରସ୍ତୁତ କରିସାରିଛି। ଭାରତର ସାର୍ବଭୌମ ପ୍ରତି ବିପଦ ସୃଷ୍ଟି କରୁଥିବା ଚୀନ୍‌ର ଏହି ଷଡ଼ଯନ୍ତ୍ରକୁ ଭାରତ କିଭଳି ପଣ୍ଡ କରିପାରିବ ସେଥିପ୍ରତି ଏବେଠାରୁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ।

## ନ୍ୟାୟିକ ବିଡ଼ମ୍ବନା

ଆଉ ମାତ୍ର ଦୁଇଦିନ ପରେ ବିଦାୟ ନେବାକୁ ଥିବା ୨୦୨୫ର ତୃତୀୟ-ଚତୁର୍ଥ ସପ୍ତାହରେ ନ୍ୟାୟିକ ବ୍ୟବସ୍ଥା ସହିତ ସଂଶ୍ଲିଷ୍ଟ ଦୁଇଟି ପ୍ରସଙ୍ଗ ଦେଶରେ ଆଲୋଡ଼ନ ସୃଷ୍ଟି କରିବା ସହିତ ଜନସାଧାରଣଙ୍କ ମନରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଥିବା ଆସ୍ଥା ଉପରେ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଇଛି। ଗତ ୧୮ ତାରିଖ ଦିନ ଏକ ମାମଲାର ଶୁଣାଣି ବେଳେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଅବସର ନେବା ପୂର୍ବରୁ ବିଚାରପତିମାନେ ଅତିରିକ୍ତ ଲାଭ ପାଇଁ ଆଦେଶ ଜାରି କରିବାର(ଅବସର ପୂର୍ବରୁ ଛକା) ଧାରା ବଢ଼ିବାରେ ଲାଗିଛି। ଅର୍ଥାତ୍ ନ୍ୟାୟିକ ବ୍ୟବସ୍ଥାରେ ନିରପେକ୍ଷତା ସଙ୍କଟରେ ପଡ଼ିଥିବା ପ୍ରଧାନ ବିଚାରପତି ପରୋକ୍ଷରେ ସ୍ୱୀକାର କରିଛନ୍ତି। ଅବସର ପରେ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ସରକାରଙ୍କ ଦ୍ୱାରା ଉଚ୍ଚ ଓ ମର୍ଯ୍ୟାଦାପୂର୍ଣ୍ଣ ପଦପଦବୀରେ ନିଯୁକ୍ତି କରାଯାଉଥିବାର ଗତ କିଛିବର୍ଷର ଉଦାହରଣକୁ ତର୍ଜମା କଲେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଉଦ୍‌ବେଗର ମର୍ମ ବୁଝି ହେବ। ଏହାର ଅତି ସରଳ ଅର୍ଥ ହେଲା କୌଣସି ମାମଲାର ଚୂଡ଼ାନ୍ତ ରାୟ ଆସିବା ପୂର୍ବରୁ ମୂଲଚାଲ ସରିଯାଉଛି। ବିଶେଷକରି ସରକାରଙ୍କ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ରାୟକୁ ନିଜ ସପକ୍ଷରେ ଆଣିବା ପାଇଁ ପଦପଦବୀର ପ୍ରଲୋଭନ ଜରିଆରେ ପ୍ରଭାବିତ କରିଦିଆଯାଉଛି। ରାୟ ଆସିସାରିବା ପରେ ପ୍ରତିଶ୍ରୁତି ମୁତାବକ ବିଚାରପତିମାନେ ଅନୁଗୃହୀତ ହେଉଛନ୍ତି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନ ସଂଲଗ୍ନ ଆବାସରୁ ବିପୁଳ ପରିମାଣରେ ଅର୍ଦ୍ଧଦଗ୍ଧ ନଗଦ ଟଙ୍କା ମିଳିବା ପରେ ଉପରୋକ୍ତ ଧାରଣା ଆହୁରି ଦୃଢ଼ ହେଉଛି।

ଦ୍ୱିତୀୟ ଅବାଞ୍ଛିତ ଘଟଣାକ୍ରମରେ ୨୦୧୭ରେ ସାରା ଦେଶରେ ଚର୍ଚ୍ଚିତ ଉତ୍ତରପ୍ରଦେଶର ଉନ୍ନାଓ ନାବାଳିକା ଦୁଷ୍କର୍ମ ଓ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ କାରାଦଣ୍ଡ ଭୋଗୁଥିବା ତତ୍କାଳୀନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କ କାରାଦଣ୍ଡକୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ୨୦ ବର୍ଷରୁ ୭ ବର୍ଷକୁ ହ୍ରାସ କରିବା ସହିତ ଜାମିନ୍ ମଞ୍ଜୁର କରିଛନ୍ତି। ଏଥିପାଇଁ ପୋକ୍ସୋ ଆଇନରେ ଥିବା ଧାରାର ସଂଜ୍ଞାକୁ ମୋଡ଼ିମକଚି ଦିଆଯାଇଛି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଆଇନ ତର୍ଜମା ଦକ୍ଷତା, ନିଷ୍ପତ୍ତି ଓ ରାୟର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇବାର ଧୃଷ୍ଟତା ଆମେ କରୁନାହୁଁ। କିନ୍ତୁ ଏହି ଘଟଣା ଭାରତରେ ନ୍ୟାୟମନ୍ଦିର ପ୍ରତି ଥିବା ପବିତ୍ର ଭାବନା, ଗରିମା ଓ ବିଶ୍ୱସନୀୟତାକୁ ଆଘାତ କରିଛି ଏବଂ ନ୍ୟାୟମୂର୍ତ୍ତିମାନଙ୍କର ବିଚାରବନ୍ତ, ମାନବିକତା ଓ ହୃଦୟବତ୍ତା ଉପରେ ସ୍ୱତଃ ପ୍ରଶ୍ନ ଚିହ୍ନ ଲାଗିଛି।

ଭାରତୀୟ ଗଣତନ୍ତ୍ରର ମୌଳିକତା ଓ ପବିତ୍ରତା ଏହାର ସାମ୍ବିଧାନିକ ଅନୁଷ୍ଠାନମାନଙ୍କର ସାଧୁତା, ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା ଓ ମହନୀୟତା ଉପରେ ତିଷ୍ଠି ରହିଛି। ଏହି ମୌଳିକତା ଦୀର୍ଘସ୍ଥାୟୀ ହେବା ପାଇଁ ଅନୁଷ୍ଠାନଗୁଡ଼ିକର ଭାବମୂର୍ତ୍ତି ଅକ୍ଷୁଣ୍ଣ ରହିବା ଜରୁରୀ। ଏଥିପାଇଁ ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଦାୟିତ୍ୱବାନ ହେବା ବିଧେୟ।

# ଗଣତନ୍ତ୍ରର ଲୌହପରଦା

**ଗୌରୀପ୍ରସାଦ ମହାପାତ୍ର**

ପରିବାର, ସମାଜ ଓ ସର୍ବୋପରି ରାଷ୍ଟ୍ରଗଠନରେ ମହିଳାଙ୍କ ଭୂମିକା ଓ ଅବଦାନ ଅନସ୍ୱୀକାର୍ଯ୍ୟ। ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ହାସଲ କରିବାକୁ ହେଲେ ସାମାଜିକ ଓ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ନେତୃତ୍ୱ ଓ ସହଭାଗିତା ଅପରିହାର୍ଯ୍ୟ। 'ମ୍ୟାକ୍ କିନ୍‌ସେ ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ'ର ରିପୋର୍ଟ ଅନୁଯାୟୀ, ସାମାଜିକ-ଅର୍ଥନୈତିକ-ରାଜନୈତିକ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ଦୂର ହୋଇପାରିଲେ ବିଶ୍ୱ ଅର୍ଥନୀତିକୁ ୨୮ ଲକ୍ଷ କୋଟି ଡଲାରର ଅଧିକ ଲାଭ ହୁଅନ୍ତା। କିନ୍ତୁ ବିଡ଼ମ୍ବନା ହେଉଛି 'ମହିଳା ସଶକ୍ତୀକରଣ' ବଦଳରେ 'ମହିଳାଙ୍କୁ ଉପେକ୍ଷା ମାନସିକତାର ସଶକ୍ତୀକରଣ' ରାଜତନ୍ତ୍ରର ରୁଢ଼ିବାଦୀ ପ୍ରଥାରୁ ଆଜିର ସଭ୍ୟ, ଉନ୍ନତ ଓ ଉଦାରବାଦୀ ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରଚଳିତ ଓ ପରିବ୍ୟାପ୍ତ, ଯେଉଁଥିରୁ ଭାରତୀୟ ଗଣତନ୍ତ୍ର ମଧ୍ୟ ମୁକ୍ତ ନୁହେଁ।

ଏହା ଅସ୍ୱୀକାର କରିବାର ନାହିଁ ଯେ ବିଶ୍ୱର ସର୍ବବୃହତ୍ ଜନବହୁଳ ଓ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚନ ପ୍ରକ୍ରିୟାରେ ମହିଳା ଭୋଟରଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ବଢ଼ିଚାଲିଛି। ଅଥଚ ନୀତି ନିର୍ଦ୍ଧାରଣରେ ସେମାନଙ୍କ ପ୍ରତିନିଧିତ୍ୱରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ। ବିଶ୍ୱସ୍ତରରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପ୍ରତିନିଧିତ୍ୱ ହାର ୨୫% ଥିବା ବେଳେ ଭାରତରେ ତାହା ଚଳିତ ଲୋକସଭାରେ ୧୩.୬% ଓ ରାଜ୍ୟସଭାରେ ୧୩%। ମହିଳା ସାଂସଦ ତାଲିକାରେ ବିଶ୍ୱର ୧୮୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୪୩; ଏପରିକି ଭିଏତ୍‌ନାମ, ଚୀନ୍ ଓ ପାକିସ୍ତାନଠାରୁ ମଧ୍ୟ ଭାରତ ପଛରେ। ୨୦୨୪ ବା ଅଷ୍ଟାଦଶ ଲୋକସଭା ନିର୍ବାଚନରେ ୭୯୯ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ, ଯାହା ସାମଗ୍ରିକ ଭାବେ ମୋଟ ପ୍ରାର୍ଥୀଙ୍କ ମାତ୍ର ୯.୫%। ସେହିପରି ଦେଶର ବିଧାନସଭାଗୁଡ଼ିକରେ ମହିଳା ଜନପ୍ରତିନିଧିଙ୍କ ଉପସ୍ଥିତି ହାରାହାରି ୯%। ଭାରତର କୌଣସି ରାଜ୍ୟର ବିଧାନସଭାରେ ୨୦%ରୁ ଅଧିକ ବିଧାୟିକା ନାହାନ୍ତି।

ଗତ କିଛିବର୍ଷ ମଧ୍ୟରେ ଭାରତୀୟ ନିର୍ବାଚନୀ ରାଜନୀତିର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଘଟିଛି, ଯେଉଁଥିରେ ମହିଳାମାନଙ୍କୁ 'ଭୋଟିଂ ମେସିନ୍' ଭାବେ ବିବେଚନା କରାଯାଇ ନିର୍ଦ୍ଦିଷ୍ଟ ଭାବେ ସେହି ବର୍ଗ ପାଇଁ ବିଭିନ୍ନ କଲ୍ୟାଣମୂଳକ ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଘୋଷଣା କରାଯାଉଛି। ସେଥିରେ ସଫଳତା ମଧ୍ୟ ମିଳୁଛି। ଅଥଚ ପ୍ରତ୍ୟକ୍ଷ ରାଜନୀତିରେ ସେମାନଙ୍କ ପାଇଁ ଥିବା ସୁଯୋଗଟିକୁ ସମ୍ପ୍ରସାରିତ କରିବାରେ ଉଦ୍ଦେଶ୍ୟମୂଳକ ଅବହେଳା କରାଯାଉଛି। କେବଳ ତାମିଲନାଡୁର ଏନ୍‌ଟିକେ(୫୦%), ବିହାରର ଏଲ୍‌ଜେପି ଓ କଂଗ୍ରେସ(୪୦%), ବିହାରର ଆରଜେଡି (୨୯%), ଝାଡ଼ଖଣ୍ଡର ଜେଏମ୍‌ଏମ୍ ଓ ଓଡ଼ିଶାର ବିଜେଡି(୩୩%) ଲେଖାଏଁ ମହିଳା ପ୍ରାର୍ଥୀଙ୍କୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ଦେଇଛନ୍ତି।

ଭାରତୀୟ ବିଧାନପାଳିକାରେ ମହିଳାଙ୍କ ସଶକ୍ତୀକରଣ ପଥରେ ଥିବା ପ୍ରମୁଖ ବାଧକଗୁଡ଼ିକ ମଧ୍ୟରେ ପାରିବାରିକ ଦାୟିତ୍ୱ ବୋଝ, ପରିବାର ସଦସ୍ୟଙ୍କ ସମର୍ଥନ କୁଣ୍ଠା, ଶିକ୍ଷାରେ ଲିଙ୍ଗଗତ ଓ ଆର୍ଥିକ ବୈଷମ୍ୟ, ସର୍ବୋପରି ରାଜନୈତିକ ଦଳମାନଙ୍କ ଇଚ୍ଛାଶକ୍ତିର ଅଭାବ ଆଦି ରହିଛି। ଏହାଛଡ଼ା ଭାରତରେ ସାମ୍ପ୍ରତିକ ଅର୍ଥବଳ ଓ ବାହୁବଳ କବଳିତ ନିର୍ବାଚନ ରଣାଙ୍ଗନ ମହିଳାମାନଙ୍କ ପାଇଁ ଏକ ନିଷିଦ୍ଧ ଓ ଆତଙ୍କିତ ଇଲାକାରେ ପରିଣତ ହୋଇଛି। ତେଣୁ ରାଜନୈତିକ ଦଳମାନେ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ବିପଦ ଓ ଅନିଶ୍ଚିତତା ବରଣ କରିବାକୁ କିମ୍ବା ସାମ୍ବିଧାନିକ ବ୍ୟବସ୍ଥା କରିବାକୁ ଆଗ୍ରହୀ ହେଉନାହାନ୍ତି। ୧୯୯୨/୯୩ରେ ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଜରିଆରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲେ ମଧ୍ୟ ସଂସଦ ଓ ବିଧାନସଭାରେ ସମାନ ବ୍ୟବସ୍ଥା ପ୍ରତି ପୁରୁଷକେନ୍ଦ୍ରିକ ବିଧାନପାଳିକା ବିମୁଖ ହେବା ପଛରେ ଉପରୋକ୍ତ ଭୟମିଶ୍ରିତ ଅନିଶ୍ଚିତ ମାନସିକତା ହିଁ ମୁଖ୍ୟକାରଣ। ତେଣୁ ୧୯୯୬ରେ ଲୋକସଭାରେ ଉପସ୍ଥାପିତ ମହିଳା ସଂରକ୍ଷଣ ବିଧେୟକଟି ଆଇନରେ ପରିଣତ ହେବାକୁ ୨୭ ବର୍ଷ ଲାଗିଗଲା ଏବଂ କାର୍ଯ୍ୟକାରୀ ହେବାକୁ ୨୦୨୯ ଯାଏଁ ଅପେକ୍ଷା କରିବାକୁ ପଡ଼ିବ।

ଏ ସବୁର ଊର୍ଦ୍ଧ୍ୱରେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ରାଜନୀତିରେ ମହିଳା ସଶକ୍ତୀକରଣ ଅଭିଯାନ ପଥରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଏକ ଅଦୃଶ୍ୟ ଲୌହପରଦା ଆଢ଼ୁଆଳରେ ଥିବା ନିଷ୍ଠୁର ଓ ଅପ୍ରିୟ ସତ୍ୟ। ଉପର ବର୍ଣ୍ଣିତ କାରକମାନ ଏହି ତଥାକଥିତ ଲୌହପରଦା ସମ୍ମୁଖର ଦୃଶ୍ୟପଟ୍ଟ। ଗଣତନ୍ତ୍ରର ସେହି ଅନତିକ୍ରମଣ ବିଶାଳ ବପୁବିଶିଷ୍ଟ ଲୌହପରଦା ପଛରେ ଅହରହ ସୃଷ୍ଟି ହୋଇ ସେଠାରେ ହିଁ ମିଳାଇ ଯାଉଥିବା ସେହି ନିଷ୍ଠୁର ସତ୍ୟ ବିଜଡ଼ିତ ପ୍ରଶ୍ନଟି ହେଉଛି ରାଜନୈତିକ ଦଳୀୟ ସଂଗଠନରେ ମହିଳାମାନେ କେତେ ସୁରକ୍ଷିତ? ୨୦୧୪ରେ 'ଜାତିସଂଘର ମହିଳା ବିଭାଗ' ଏବଂ 'ସାମାଜିକ ଗବେଷଣା କେନ୍ଦ୍ର' ଦ୍ୱାରା ହୋଇଥିବା ବିଶ୍ୱବ୍ୟାପୀ ସର୍ବେକ୍ଷଣରେ ୫୮% ରାଜନେତ୍ରୀ ଦଳ ଭିତରେ ସହକର୍ମୀଙ୍କ ଦ୍ୱାରା ଶୋଷିତ ଓ ନିର୍ଯ୍ୟାତିତ ବୋଲି ସ୍ୱୀକାର କରିଥିଲେ।

ୟୁକେରେ ଉଭୟ ଲେବର ପାର୍ଟି ଓ କଞ୍ଜରଭେଟିଭ୍ ପାର୍ଟି ଦଳୀୟ ସଂଗଠନରେ ଆଭ୍ୟନ୍ତରୀଣ ଲିଙ୍ଗଗତ ଆଚରଣ ସଂହିତାକୁ ଗୁରୁତ୍ୱର ସହିତ କାର୍ଯ୍ୟକାରୀ କରୁଥିବା ବେଳେ କାନାଡ଼ାରେ ଲିବରାଲ୍ ପାର୍ଟି ଲିଙ୍ଗଗତ ମହାଅଭିଯୋଗ ଶୁଣାଣି କକ୍ଷ ଖୋଲିଛି। ଭାରତର ପ୍ରାୟ ୨, ୭୬୫ ପଞ୍ଜିକୃତ ରାଜନୈତିକ ଦଳମାନଙ୍କ ମଧ୍ୟରୁ କେବଳ ସିପିଆଇ(ଏମ୍)କୁ ଛାଡ଼ିଦେଲେ ଅନ୍ୟ କାହାର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ନାହିଁ। ଅପରପକ୍ଷରେ ବହୁଦିନର ଦାବି ସତ୍ତ୍ୱେ ଏ ପର୍ଯ୍ୟନ୍ତ ରାଜନୈତିକ ଓ ଦଳୀୟ ସଂଗଠନରେ 'ପୋଶ(କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା-ନିରାକରଣ, ନିଷେଧ ଓ ପ୍ରତିକାର) ଆଇନ' କାର୍ଯ୍ୟକାରୀ ହେଉ ନାହିଁ କି ରାଜନୀତି ମହିଳା ନିର୍ଯ୍ୟାତନା-ରହିତ ଓ ଶୋଷଣ-ମୁକ୍ତ ହୋଇପାରିନାହିଁ। 'ହାସ୍‌ଟ୍ୟାଗ୍ ମି ଟୁ' ଭଳି ଏକ ଅଭିଯାନ ମଧ୍ୟ ରାଜନୈତିକ ଦଳୀୟ ସଂଗଠନ ଭିତରେ ଆରମ୍ଭ ହେବାର ସମ୍ଭାବନା ନାହିଁ।

'ରାଜନୀତି' ଏକ 'କର୍ମକ୍ଷେତ୍ର' ନୁହେଁ ବୋଲି ଦର୍ଶାଇ ସର୍ବୋଚ୍ଚ ଅଦାଲତ ଦଳୀୟ ସଂଗଠନଗୁଡ଼ିକରେ 'ପୋଶ ଆଇନ' ଲାଗୁ ଆବେଦନକୁ ନାକଚ କରିଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅସ୍ୱୀକାର କରିବାର ଧୃଷ୍ଟତା କରାଯାଇପାରିବ ନାହିଁ। କିନ୍ତୁ ଅଧୁନା ରାଜନୈତିକ ଦଳଗୁଡ଼ିକ ପାଇଁ ଯେ 'କାର୍ଯ୍ୟାଳୟ' ସଂଜ୍ଞା ଲାଗୁ ହୋଇପାରିବ ଏହା ମଧ୍ୟ ଅସ୍ୱୀକାର କରିହେବ ନାହିଁ। 'ପୋଶ୍ ଆଇନ' ଧାରା ୨(ଏଫ୍)ରେ 'କର୍ମଚାରୀ'ର ସଂଜ୍ଞା ହେଉଛି 'ସ୍ୱେଚ୍ଛାସେବୀ କିମ୍ବା ବେତନଭୋଗୀ, ଯିଏ ଏକ ନିର୍ଦ୍ଦିଷ୍ଟ ସଂସ୍ଥା/ସଂଗଠନ/ଅନୁଷ୍ଠାନ ପାଇଁ କାର୍ଯ୍ୟ କରୁଥିବେ।' ସେହିପରି 'କର୍ମସ୍ଥଳ'ର ସଂଜ୍ଞା ହେଉଛି 'ଯେକୌଣସି ସଂସ୍ଥା/ସ୍ଥାନ, ଯେଉଁଠାରେ କିଛିଲୋକ କାର୍ଯ୍ୟ କରୁଥିବେ।' ଅଧୁନା ଦଳୀୟ କର୍ମକର୍ତ୍ତା, କର୍ମଚାରୀ, କୋଷାଧ୍ୟକ୍ଷ, ଲୋକସମ୍ପର୍କ, ହିସାବ ରକ୍ଷକ, ପାଣ୍ଠି ସଂଗ୍ରହ ଓ ପରିଚାଳନା, ବିରୋଧ, ବିକ୍ଷୋଭ, ଅଭିଯାନ ଆଦି କାର୍ଯ୍ୟକ୍ରମ ପାଇଁ ରାଜନୈତିକ ଦଳମାନେ ବେତନଭିତ୍ତିକ ମାନବ ସମ୍ବଳ ନିଯୁକ୍ତି ଦେଉଛନ୍ତି। ସେମାନଙ୍କ ମଧ୍ୟରେ ମହିଳା କର୍ମୀ ମଧ୍ୟ ରହିଛନ୍ତି, ଯେଉଁମାନେ ଲିଙ୍ଗଗତ ବୈଷମ୍ୟ ଆଧାରିତ ପରିବେଶକୁ ସହ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ସବୁ ରାଜନୈତିକ ଦଳରେ ଯେ ଏଭଳି ଉତ୍ପୀଡ଼ନର ପରିବେଶ ରହିଛି, ତା' ନୁହେଁ। କିନ୍ତୁ ଅଧିକାଂଶ ଦଳୀୟ ସଂଗଠନରେ ଘଟିଚାଲିଥିବା ଅଣୁ ଘଟଣାମାନ ସାମଗ୍ରିକ ଭାବେ ଧାରଣା ଓ ପରିବେଶକୁ କଳୁଷିତ କରୁଛି। ବୋଧହୁଏ ନ୍ୟାୟିକ ଅଣୁବୀକ୍ଷଣ ଏହି ଲୌହପରଦାକୁ ଭେଦ କରିପାରୁ ନାହିଁ କିମ୍ବା ସେହି ଅଣୁ ଘଟଣାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଆଗ୍ରହ ପ୍ରକାଶ କରୁନାହିଁ।

ଅଧିକନ୍ତୁ ଭାରତୀୟ ରାଜନୀତିରେ ଲୌହପରଦା ପଛର ଏହି ନିଷ୍ଠୁର ବାସ୍ତବତା ପ୍ରାକ୍ ସ୍ୱାଧୀନତା ଅମଳରୁ ରାଜତ୍ୱ କରିଆସିଛି। ସ୍ୱାଧୀନତା ଆନ୍ଦୋଳନରେ ମହିଳାମାନେ ସମ୍ମୁଖୀନ ହେଉଥିବା ପାରିବାରିକ ଦାୟିତ୍ୱବୋଝର ଆହ୍ୱାନ ଏବଂ ରାଜନୀତିର ଲୌହପରଦା ଅନ୍ତରାଳରେ ସହକର୍ମୀଙ୍କ ଉତ୍ପୀଡ଼ନ ବିଷୟରେ ସରଳା ଦେବୀ ଏକ ପତ୍ର ଲେଖି ବାପୁଜୀଙ୍କୁ ଅବଗତ ଓ ଅଭିଯୋଗ କରିଥିଲେ, ଯାହାକୁ ଗାନ୍ଧିଜୀ ଅସ୍ୱୀକାର କରି ନ ଥିଲେ। ଏ ପ୍ରସଙ୍ଗ ଭିନ୍ନ ଏକ ଆଲୋଚନାର ଅପେକ୍ଷା ରଖେ।

ଲୌହପରଦା ପଛରେ ଭାରତୀୟ ଗଣତନ୍ତ୍ରର ଆଉ ଏକ ବିଡ଼ମ୍ବନା ହେଉଛି 'ସରପଞ୍ଚସ୍ୱାମୀ-ସଂସ୍କୃତି'ର ଆଧିପତ୍ୟ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଧାନପାଳିକାରେ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ ହେଲେ ମଧ୍ୟ କ'ଣ ପ୍ରକୃତରେ ନୀତି ନିର୍ଦ୍ଧାରଣରେ ସେମାନଙ୍କ ପ୍ରତିନିଧିତ୍ୱ ଓ ଗୁରୁତ୍ୱ ବଢ଼ିପାରିବ? ଆଉ ଏକ ସମ୍ବେଦନଶୀଳ ପ୍ରଶ୍ନ ମଧ୍ୟ ଉଠୁଛି ଯେ ଦଳୀୟ ସଂଗଠନରେ ଯଦିବା 'ପୋଶ୍ ଆଇନ' ଲାଗୁ ହୁଏ, ରାଜନୀତିର ପ୍ରତିପତ୍ତି ଓ ପ୍ରଭାବକୁ ପ୍ରତିହତ କରିପାରିବାର ଶକ୍ତି ତାହାର ଅଛି କି? ନିରାଶା ବିଜଡ଼ିତ ଏହି ପ୍ରଶ୍ନ ସହିତ କ୍ଷୀଣ ସମ୍ଭାବନା ଓ ଆଶ୍ୱାସନା ବହନ କରୁଥିବା ଉତ୍ତରଟିଏ ମଧ୍ୟ ମିଳୁଛି - 'ପୋଶ୍' ଓ 'ମହିଳା ସଂରକ୍ଷଣ' ଆଇନ କ୍ଷମତା ଗଣତନ୍ତ୍ର ଓ ଦଳୀୟ ରାଜନୀତିର ଲୌହପରଦାକୁ ଭେଦ କରି ନ ପାରିଲେ ମଧ୍ୟ ରନ୍ଧ୍ରଟିଏ ତ ସୃଷ୍ଟି କରିପାରିବ! ଏହି ରନ୍ଧ୍ର ଦେଇ ପରଦା ପଛର ବାସ୍ତବତାକୁ ଗୋଟିଏ ଆଖିରେ ହେଉ ପଛେ କେହି ନା କେହି ଦେଖିବାକୁ ଚେଷ୍ଟା ତ କରିପାରିବ! କ୍ଷୀଣ ଓ ନିଃସଙ୍ଗ ହେଉ ପଛକେ ଉତ୍ପୀଡ଼ନ-ପ୍ରତିବାଦର କ୍ରମ-ଶବ୍ଦାଘାତରେ ଏବଂ ତା'କୁ ଶ୍ରବଣ ଓ ନିରୀକ୍ଷଣ ଉଦ୍ୟମରେ ହୁଏତ ସେହି ରନ୍ଧ୍ରଟି ସମ୍ପ୍ରସାରିତ ହୋଇ ଲୌହପରଦାଟିକୁ ଦିନେ ସମ୍ପୂର୍ଣ୍ଣ ଅପସାରିତ କରିଦେବ! ହୁଏତ ସଂଯମ, ସମ୍ଭ୍ରମ ଓ ସଚେତନତାର ଆଲୋକରେ ପରଦା ପଛର ସେହି ଅଭିଶପ୍ତ ଇଲାକାରେ ରାଜୁତି କରୁଥିବା କଳଙ୍କର ଅନ୍ଧାର ହଟିଯାଇ ବିଶ୍ୱାୟନରେ ଭାରତୀୟ ଗଣତନ୍ତ୍ରର ଭାବମୂର୍ତ୍ତିକୁ ଆହୁରି ଉଜ୍ଜ୍ୱଳ କରିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଆଇନଜୀବୀଙ୍କ ଏକତା ଓ ନ୍ୟାୟିକ ଅଙ୍ଗୀକାରବଦ୍ଧତା

**ବିଭୁପ୍ରସାଦ ତ୍ରିପାଠୀ**

୧୯୪୮ ମସିହାରେ କଟକରେ ଆରମ୍ଭ ହୋଇଥିଲା ନିଖିଳ ଓଡ଼ିଶା ଆଇନଜୀବୀ ସଂଘ। ୧୯୬୦ ମସିହା ପର୍ଯ୍ୟନ୍ତ ଏହି ସଂଘ ନିଜର ବାର୍ଷିକ ସମ୍ମିଳନୀ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜନ କରି ଆସୁଥିଲା। ୧୯୬୧ ମସିହାରେ ଆଡଭୋକେଟ୍ ଆକ୍ଟ ପ୍ରଣୟନ ହେଲା। ଆଇନଜୀବୀମାନଙ୍କ କ୍ଷମତା, ଅଧିକାର ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ ବିଷୟ ସେହି ଆଇନରେ ଉଲ୍ଲେଖ କରାଯାଇଥିଲା। ୧୯୬୦ ମସିହାରେ ଢେଙ୍କାନାଳ ସମ୍ମିଳନୀ ପରେ ଆଇନଜୀବୀମାନଙ୍କ ମଧ୍ୟରେ ସେହି ଆଇନକୁ ନେଇ ବିଶେଷ ତର୍ଜମା ହୋଇ ପାରିଲାନାହିଁ। ଏହି ଆଇନ ଭାରତୀୟ ବାର୍ କାଉନସିଲ୍ ଆଇନ୍-୧୯୨୬କୁ ରଦ୍ଦ କରି ଆଇନ ପେସା ପାଇଁ ଗୋଟିଏ ସମନ୍ୱିତ ଆଇନ ଭାବରେ କାର୍ଯ୍ୟ କଲା। କୋଡ଼ିଏ ବର୍ଷ ପରେ ୧୯୮୦ ମସିହାରେ ପୁଣି କୌଣସି ରାଜନୈତିକ ଦଳ ସହ ସମ୍ପୃକ୍ତି ନଥିବା ଆଇନଜୀବୀ ବସନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ପଞ୍ଜୀକରଣ ସମ୍ଭବ ହୋଇଥିଲା। ୧୯୮୧ ମସିହାରେ ପୁରୀରେ ବାର୍ଷିକ ସମ୍ମିଳନୀ, ୧୯୮୨ ମସିହାରେ ତୃତୀୟ ଆଇନଜୀବୀ ସମ୍ମିଳନୀ ସମ୍ବଲପୁର ସହରରେ ଅନୁଷ୍ଠିତ ହୋଇଥିଲା। ୨୦୦୪ ମସିହାରେ ସମ୍ବଲପୁରରେ ପୁଣି ଥରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୩୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୧ ବର୍ଷ ପରେ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ ଏହି ସଂଗଠନର ୫୪ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି।

୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କାରଣରୁ ଡିସେମ୍ବର ୨୯ ଓ ୩୦ ତାରିଖରେ ଦୁଇଟି ସମାନ୍ତରାଳ ଆଇନଜୀବୀ ସଂଘର ଅଧିବେଶନ ଅନୁଷ୍ଠିତ ହୋଇ ଆସୁଥିଲା। ରାଜ୍ୟ ବାର୍ କାଉନସିଲର ତତ୍କାଳୀନ ନେତୃବୃନ୍ଦଙ୍କ ବିବାଦର ପ୍ରତିଫଳନ ସ୍ୱରୂପ ଏହି ସଂଘ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ଆଇନଜୀବୀମାନଙ୍କର ନ୍ୟାୟୋଚିତ ଦାବି ସଂପର୍କରେ ପ୍ରଶ୍ନ ଉଠାଇ ଆସିଥିବା ରାଜ୍ୟର ଏହି ସର୍ବବୃହତ୍ ସର୍ବପୁରାତନ ସଂଘର ଉଦ୍ୟମରେ ଆଇନଜୀବୀ କଲ୍ୟାଣ ପାଣ୍ଠି ଗଠନ ହୋଇପାରିଥିଲା। ରାଜ୍ୟ ସରକାରଙ୍କ ମ୍ୟାଚିଂ ଅନୁଦାନର ରାଶି ୧ କୋଟି ଟଙ୍କାରୁ ୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଲା। ୨୫ ଅଗଷ୍ଟ ୧୯୮୪ ମସିହାରେ ପୁଲିସ ଦ୍ୱାରା ଅତ୍ୟାଚାରିତ ଗୁଣୁପୁରର ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପାଢ଼ୀ ସମର୍ଥନରେ ତା' ପରଦିନ ଗୁଣୁପୁର ବଜାରରେ ଓକିଲମାନଙ୍କ ଶୋଭାଯାତ୍ରା; ୧୯୮୭ ମସିହାରେ ବରଗଡ଼ର ତତ୍କାଳୀନ ସବଡିଭିଜିନାଲ୍ ଅଫିସର ଏବଂ ଓକିଲଙ୍କ ମଧ୍ୟରେ ବିବାଦ ଯୋଗୁଁ ୯ ଜଣ ଆଇନଜୀବୀ ଗିରଫ ହେବା ଘଟଣା ପ୍ରତିବାଦରେ ୮ ଡିସେମ୍ବର୧୯୮୭ ମସିହାରେ 'ବରଗଡ଼ ଚାଲ' ଡାକରା; କେନ୍ଦ୍ରାପଡ଼ାର ଆଇନଜୀବୀଙ୍କ ଉପରେ ଆକ୍ରମଣ ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆଇନଜୀବୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଦି ଓକିଲ ସଂଘର ଅସ୍ତିତ୍ୱ ଓ ଅସ୍ମିତାକୁ ପ୍ରମାଣ କରିଛି। ମନାନ୍ତର ଓ ମତାନ୍ତର ସତ୍ତ୍ୱେ ଆଇନଜୀବୀମାନେ ରାଜନୈତିକ ମତାଦର୍ଶଠାରୁ ଦୂରରେ ରହି ନିଜର ସ୍ୱତନ୍ତ୍ରତାକୁ ପଛରେ ରଖି ସଂଘର ନିଷ୍ପତ୍ତିକୁ ମାନି ନେଇଛନ୍ତି।

କିଛିବର୍ଷ ତଳେ ସମ୍ବଲପୁର ବାରର ୨୯ ଜଣ ଆଇନଜୀବୀ ଦୀର୍ଘଦିନ ଜେଲରେ ରହିବା ଘଟଣାରେ ଆଇନଜୀବୀମାନଙ୍କର ଅହେତୁକ ନିରବତା କିମ୍ବା ପୁରୀ ବାର୍ ଆସୋସିଏସନର ଆଇନଜୀବୀମାନଙ୍କର ୨୦୦ ଦିନରୁ ଊର୍ଦ୍ଧ୍ୱ ଧାରଣାର କୌଣସି ପ୍ରଭାବ ପରିଲକ୍ଷିତ ହେଉନାହିଁ। ଆମ ଭିତରେ ଥିବା ଅନ୍ତର୍ନିହିତ ଦୁର୍ବଳତା ଓ ବିଭକ୍ତିକରଣ ସଂପର୍କରେ ଆଲୋଚନା ପାଇଁ ଆଇନଜୀବୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ବାର୍ ଆସୋସିଏସନ୍ ଓ ବାର କାଉନସିଲର ନିର୍ବାଚନ ପ୍ରକ୍ରିୟାଟିକୁ ବ୍ୟୟବହୁଳ କରିବା ଫଳରେ ଆଇନ ପେସାରେ ଉତ୍କର୍ଷ ଲାଭ କରୁଥିବା ଆଇନଜୀବୀ ଏହାର ନେତୃତ୍ୱ ନେବାକୁ ଆଗଭର ହେଉନାହାନ୍ତି। ଫଳତଃ ଏହି ସଂଗଠନଗୁଡ଼ିକର ନେତୃତ୍ୱରେ ଦୁର୍ବଳତା ଆଇନଜୀବୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି।

ବିଗତ ବର୍ଷଗୁଡ଼ିକରେ ଆଇନ ତତ୍ତ୍ୱରେ ଯେଉଁ ମୌଳିକ ପରିବର୍ତ୍ତନ ହୋଇଛି, ସେଗୁଡ଼ିକ ସମ୍ପର୍କରେ ଆଇନଜୀବୀମାନେ ସମୀକ୍ଷା କରିବାର ଆବଶ୍ୟକତା ପଡୁଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପ୍ରତ୍ୟେକ ମାସରେ ବିଚାରପତିମାନଙ୍କୁ ନେଇ ଯେଭଳି ବୌଦ୍ଧିକ ବିତର୍କର ବାତାବରଣ ସୃଷ୍ଟି କରିଛି ସେଭଳି ଆଲୋଚନାଚକ୍ର ରାଜ୍ୟର ସବୁ ବାର୍‌ଗୁଡ଼ିକରେ ହେବାର ଆବଶ୍ୟକତା ରହିଛି। କୋର୍ଟଗୁଡ଼ିକରେ ଭିତ୍ତିପ୍ରସ୍ତର ଓ ଆଇନଜୀବୀ ଏବଂ ବିଚାରପତିଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଇନଜୀବୀ ସଂଘର ଗୁରୁଦାୟିତ୍ୱ ସଂପର୍କରେ ଆମେ ତତ୍ପର ହେବା ଉଚିତ।

ଆଇନଜୀବୀ ମାନେ ନିଜ ସମସ୍ୟା ସମ୍ପର୍କରେ ସଜାଗ ହେବା ସହିତ ନ୍ୟାୟପାଳିକାର ରାୟର ଗଠନମୂଳକ ତର୍ଜମା କରିବାର ତାତ୍ପର୍ଯ୍ୟ ରହିଛି। ଆଇନଜୀବୀଙ୍କ ମଧ୍ୟରୁ ହିଁ ଅନେକ ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତି ଆସନ ଅଳଙ୍କୃତ କରିଥା'ନ୍ତି। ଜଣେ ଆଇନଜୀବୀର ଦିନଚର୍ଯ୍ୟା ଓ ଜୀବନବ୍ୟାପୀ ସାଧନା ସମ୍ପର୍କରେ ସମସ୍ତେ ଅଭିହିତ। କିନ୍ତୁ ଆମ ଏକତା ସମ୍ପର୍କରେ ଆତ୍ମ-ବିଶ୍ଳେଷଣ କରିବା, ନିଜର ଚିନ୍ତାଧାରା ଓ ଆଚରଣକୁ ସ୍ୱାଧୀନଚେତା ଆଇନଜୀବୀ ଭାବେ ମାର୍ଜିତ କରିବା ପାଇଁ ୫୪ ତମ ବାର୍ଷିକ ସମ୍ମିଳନୀ ଆହ୍ୱାନ ଦେଉଛି।

(ବରିଷ୍ଠ ଆଇନଜୀବୀ, କାର୍ଯ୍ୟକାରୀ ସଭାପତି, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ)
କଟକ, ମୋ: ୯୪୩୭୦୧୨୪୬୦

# ଆମ ବୃକ୍ଷଲତା ଆମ ଜୀବନ

## କନିଅର
(Yellow Oleander-Cascabela thevetia)

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

କନିଅର ହେଉଛି ୪ ରୁ ୫ ମିଟର ଉଚ୍ଚତା ବିଶିଷ୍ଟ ଏକ ଚିରହରିତ ଛୋଟ ବୃକ୍ଷ, ଯାହା ପଶ୍ଚିମ ଭାରତର ମୂଳ ଜାତ ଏବଂ ସମଗ୍ର ଭାରତରେ ବହୁଳ ଭାବରେ ରୋପଣ କରାଯାଏ। ଏହା ମଧ୍ୟ-ଦକ୍ଷିଣ ମେକ୍ସିକୋ ଓ ମଧ୍ୟ-ଆମେରିକାରେ ଏକ ଜଣାଶୁଣା ଗଛ। ଏହାର ଆକର୍ଷଣୀୟ ଫୁଲ, ପତ୍ର ସଜ୍ଜା ଏବଂ ଧାର୍ମିକ ପୂଜାପାଠରେ ଗୁରୁତ୍ୱ ପାଇଁ କନିଅର ସାଧାରଣତଃ ମଠ, ମନ୍ଦିର, ଉଦ୍ୟାନ, ବାଡ଼ ଓ ରାସ୍ତାକଡ଼ରେ ଲଗାଯାଏ।

କନିଅର ଗଛର କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଛାଲି ରୁକ୍ଷ, ସମଗ୍ର ପୃଷ୍ଠରେ ଅଗଭୀର ଫାଟ ଦେଖାଯାଏ, କଟା ଯାଗାରେ କ୍ଷୀର ଭଳି ଏକ ତରଳ ଲାଟେକ୍ସ ବାହାରେ। ଏହାର ଚେର ହେଉଛି ଟ୍ୟାପ୍ ରୁଟ୍ ବା ଆଦି ମୂଳ ଓ ଶାଖାଯୁକ୍ତ। ପତ୍ରଗୁଡ଼ିକ ସରଳ, ଲମ୍ବାଳିଆ, ୫-୮ ସେମି ଲମ୍ବା, ୦.୫ ସେମି ଚଉଡ଼ା, ତୀବ୍ର ଶୀର୍ଷ, ପ୍ରମୁଖ ମଧ୍ୟଶିରା, ପ୍ରତ୍ୟେକ ଗଣ୍ଠିରେ ବିକଳ୍ପ ଭାବରେ ଗୋଟିଏ ଲେଖା ଉତ୍ପନ୍ନ ହୁଏ, ଗୋଲାପ ପାଖୁଡ଼ା ଭଳି ଘନ ଭାବରେ ବ୍ୟବସ୍ଥିତ ଥାଏ ଓ ଲାଟେକ୍ସ ଯୁକ୍ତ। ଏହାର ଆକର୍ଷଣୀୟ ଫୁଲଗୁଡ଼ିକ ସାଧାରଣତଃ ଗୁଚ୍ଛରେ ସଜେଇ ହୋଇଥାଏ। ଫୁଲଗୁଡ଼ିକ ପ୍ରାୟ ୩-୫ ସେମି ବ୍ୟାସ ବିଶିଷ୍ଟ, ହାଲୁକା ହଳଦିଆରୁ ଗଭୀର ସୁନେଲି ହଳଦିଆ ଏବଂ ଧଳା ରଙ୍ଗର ହୋଇପାରେ। ବର୍ତ୍ତମାନ ଫୁଲଗୁଡ଼ିକ ବିଭିନ୍ନ ରଙ୍ଗରେ ଉପଲବ୍ଧ। ଫୁଲଟି ଦ୍ୱିଲିଙ୍ଗୀ, ଘଣ୍ଟି ଆକାରର, ଡେମ୍ଫ ଯୁକ୍ତ, ମଧ୍ୟମ ଧରଣର। ୫ଟି ବୃତି ସହ ବୃତିମଣ୍ଡଳ, ସବୁଜ; ଦଳମଣ୍ଡଳର ପାଖୁଡ଼ା ୫ଟି, ନିମ୍ନ ଭାଗରେ ସଂଯୁକ୍ତ, ହଳଦିଆ, ଘଣ୍ଟି ଆକାରର, ସୁଗନ୍ଧିତ; ୫ଟି ପରାଗପେଟି ସହ ପୁଂକେଶର ଚକ୍ର, ଦଳମଣ୍ଡଳର ଗଳାରେ ସଂଲଗ୍ନ ଥାଏ। ଫିଲାମେଣ୍ଟ ବା ଧାରିକା କ୍ଷୁଦ୍ର ଓ ହ୍ରାସ, ଉପର ଭାଗରେ ସଂଲଗ୍ନ; କାର୍ପେଲ୍ ବା ଗର୍ଭକେଶର ୨ଟି ସଂଯୁକ୍ତ ଡିମ୍ବାଶୟ ଧାରଣ କରେ। ଫଳଟି ଏକ ଚତୁର୍ଭୁଜ କ୍ୟାପସୁଲ୍ କିମ୍ବା ଡ୍ରୁପ୍, ସବୁଜ, ଗୋଟିଏରୁ ଚାରୋଟି ଚେପଟା ଚକଚକିଆ ବିହନ ଧାରଣ କରି ଥାଏ। ମାର୍ଚ୍ଚରୁ ମେ ମାସରେ ଏହାର ଫୁଲ ଫୁଟେ ଏବଂ ମେ ରୁ ସେପ୍ଟେମ୍ବର ମାସରେ ଫଳ ହୁଏ।

ପାରମ୍ପରିକ ଚିକିତ୍ସାରେ କନିଅରର ବିଭିନ୍ନଅଂଶ ବ୍ୟବହାର ହୁଏ। ଉଦ୍ଭିଦର ବିଷାକ୍ତ ଗୁଣ ଯୋଗୁଁ ସତର୍କତା ଅବଲମ୍ବନ କରାଯାଏ। ପତ୍ରଗୁଡ଼ିକ କୋଷ୍ଠକାଠିନ୍ୟତା ଓ ବାନ୍ତି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ବେଳେ ଏହାର ଛାଲି ଜ୍ୱର, ଝାଡ଼ା, ବାନ୍ତି ଉପଶମ ପାଇଁ ବ୍ୟବହାର କରାଯାଏ। ଚେର ବା ମୂଳକୁ ବାଟି ଟ୍ୟୁମର ଘା'ରେ ଲଗାଯାଏ। ଏହାର ମଞ୍ଜି ବା ବିହନ ଗର୍ଭପାତ, ପେଟ ସଫା, ବାତ ଓ ଜ୍ୱର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହା ହୃଦସ୍ପନ୍ଦନ ବିଭ୍ରାଟ ଓ ମ୍ୟାଲେରିଆର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ। ଏହାର ତରଳ ଲେଟେକ୍ସ ସମେତ ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ ଏବଂ ଏଥିରେ କାର୍ଡିଆକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଏହାର ସକ୍ରିୟ ତତ୍ତ୍ୱ; ଏଥିମଧ୍ୟରୁ ପେରୁଭୋସାଇଡ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଉଦ୍ଭିଦର ବିହନ, ଫୁଲ ଏବଂ ରସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଖାଇବା ଦ୍ୱାରା ବିଷାକ୍ତ ହୋଇ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ କନିଅର ଗଛକୁ ସତର୍କତାର ସହିତ ବ୍ୟବହାର କରିବା ଉଚିତ;ବିଶେଷକରି ଛୋଟ ପିଲା ଓ ପାଳିତ ପଶୁମାନଙ୍କ କ୍ଷେତ୍ରରେ। ଏହାର ମୁଖ୍ୟ ବିଷାକ୍ତ ପଦାର୍ଥ ହେଉଛି କାର୍ଡେନୋଲାଇଡ୍, ଯାହାକୁ ଥେଭେଟିନ୍-ଏ ଏବଂ ଥେଭେଟିନ୍-ବି କୁହାଯାଏ; ଅନ୍ୟ ପଦାର୍ଥଗୁଡ଼ିକ ମଧ୍ୟରେ ପେରୁଭୋସାଇଡ୍, ନେରିଫୋଲିନ୍, ଥେଭେଟୋକ୍ସିନ୍ ଓ ରୁଭୋସାଇଡ୍ ଅନ୍ତର୍ଭୁକ୍ତ। କନିଅର ବିହନର ସହଜ ଉପଲବ୍ଧର ସୁଯୋଗ ନେଇ ଏହାକୁ ଗିଳି ଗ୍ରାମାଞ୍ଚଳରେ ଅନେକ ବ୍ୟକ୍ତି ଆତ୍ମହତ୍ୟା କରୁଥିବା କୁହାଯାଏ। ତେବେ କୋଇଲି, ବୁଲବୁଲ, ମଇନା ଓ ସାଧାରଣ ଗ୍ରେ ହର୍ଣ୍ଣବିଲ୍ ଆଦି କିଛି ପକ୍ଷୀ, କୀଟ ପତଙ୍ଗ କୌଣସି ଖରାପ ପ୍ରଭାବ ବିନା ଏହାକୁ ଖାଉଥିବା ଜଣାଯାଏ। ଜୈବିକ କୀଟ ନିୟନ୍ତ୍ରଣରେ ବ୍ୟବହାର ପାଇଁ ଏହି ଉଦ୍ଭିଦର ଲାଟେକ୍ସକୁ ପ୍ରୟୋଗ କରାଯାଏ। କନିଅର ବିହନ ତେଲର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଟାଇମାଇଟ୍ ଗୁଣ ରହିଥିବା ହେତୁ 'ପେଇଣ୍ଟ' ବା 'ଭାର୍ନିସ' ତିଆରି କରିବା ପାଇଁ ବ୍ୟବହାର କରାଯାଏ। କନିଅରକୁ ଏକ ଅଳଙ୍କାରିକ ଉଦ୍ଭିଦ ଭାବରେ ଚାଷ କରାଯାଏ। ଏହାର ଫୁଲ ଭାରତରେ ଧାର୍ମିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ବିନାୟକ ଚତୁର୍ଥୀ ପାଇଁ ପତ୍ରି ଭାବରେ ବ୍ୟବହୃତ ହୁଏ ଏହି ଗଛ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦିନକ ପରେ ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ


# ଜେବ୍ରା ଖୁଆଡ଼ ଫାଙ୍କା; ଗଣ୍ଡା ଅଣ୍ଡାଳୁଛନ୍ତି ପର୍ଯ୍ୟଟକ

- ନନ୍ଦନକାନନ: ୧୬ରୁ ଗଣ୍ଡାଶୂନ୍ୟ, ୧୭ରୁ ଜେବ୍ରା ନାହାନ୍ତି
- କଙ୍କଡ଼ା, ବଗ, ବେଙ୍ଗ, ବିଲୁଆ ଦେଖିବାରେ ବୁଝୁନି ମନ
- ଶଙ୍ଖଚିଲ ଖୁଆଡ଼ରେ ବୁଲୁଛନ୍ତି କୁକୁଡ଼ା ଚିଆଁ

ନନ୍ଦନକାନନ, ୨୮।୧୨(ସମିସ): ଦିନକ ପରେ ନନ୍ଦନକାନନର ୬୬ତମ ପ୍ରତିଷ୍ଠା ଦିବସ। ହେଲେ ନନ୍ଦନକାନନ କର୍ତ୍ତୃପକ୍ଷ ଓ ମନ୍ତ୍ରୀମାନେ ଗଣ୍ଡା, ଜେବ୍ରା ଆଣିବାକୁ ଆଗରୁ ଘୋଷଣା କରିଥିଲେ ସୁଦ୍ଧା ନନ୍ଦନକାନନରେ ଏଯାଏଁ ଖୁଆଡ଼ ଫାଙ୍କା ପଡ଼ିଛି। ଅପରପକ୍ଷେ ଏବେ ବିଦେଶୀ ପର୍ଯ୍ୟଟକ ନନ୍ଦନକାନନ ଆସି ଟିକଟ କରି ଶଙ୍ଖଚିଲ ଖୁଆଡ଼ରେ କୁକୁଡ଼ା ଚିଆଁ ଦେଖି ଫେରୁଛନ୍ତି।

ଦିନଥିଲା ନନ୍ଦନକାନନରେ ୨ଟି ଗଣ୍ଡା ଥିଲେ। ଗୋଟିଏ ଅଣ୍ଡିରା ଗୋଟିଏ ମାଈ। ୧୯୭୪ ମସିହା ଜୁନ ମାସରେ ଆସାମ ଗୌହାଟି ପ୍ରାଣୀ ଉଦ୍ୟାନରୁ ଏକ ୨ବର୍ଷର ମାଈ ଗଣ୍ଡା ଆସିଥିଲା। ଏଇଟି ୨୦୦୭ ମସିହା ପର୍ଯ୍ୟନ୍ତ ୩୩ବର୍ଷ କାଳ ନନ୍ଦନକାନନ ରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। କିନ୍ତୁ ସେହିବର୍ଷ ମେ ମାସରେ ୩୫ବର୍ଷ ବୟସରେ ଗଣ୍ଡାର ମୃତ୍ୟୁ ହୋଇଥିଲା। ସେହିଭଳି ସେଇ ଗୋୱାହଟିରୁ ୧୯୭୯ ମସିହା ନଭେମ୍ବର ମାସରେ ଏକ ୩ ବର୍ଷର ଅଣ୍ଡିରା ଗଣ୍ଡା ନନ୍ଦନକାନନକୁ ଆସିଥିଲା। ଯାହାର ନାଁ ନନ୍ଦନ ଥିଲା। ୩୭ବର୍ଷ ନନ୍ଦନକାନନରେ ରହିଥିଲା। ୨୦୧୬ ସେପ୍ଟେମ୍ବରରେ ୪୦ବର୍ଷରେ ତାର ମୃତ୍ୟୁ ହୋଇଥିଲା। ୨୦୧୬ଠାରୁ ନନ୍ଦନକାନନ ଗଣ୍ଡା ଶୂନ୍ୟ ହୋଇ ରହିଗଲା। କେତେବେଳେ ଧଳା ଗଣ୍ଡା ଆସିବ ତ ପୁଣି କେତେବେଳେ ଯୋଡ଼ି ଗଣ୍ଡା ଆସିବ ବୋଲି ବିଭିନ୍ନ ସମୟରେ କୁହାଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗଣ୍ଡା ଖୁଆଡ଼ ଖାଲି ପଡ଼ିଛି। ପର୍ଯ୍ୟଟକମାନେ ଆସି ଗଣ୍ଡା ରହୁଥିବା ଖୁଆଡ଼ରେ ଗଣ୍ଡା କୁଆଡେ ଗଲା, ଗଣ୍ଡା କାହିଁ ବୋଲି ଅଣ୍ଡାଳି ହେଉଛନ୍ତି।







ସେହିଭଳି ନନ୍ଦନକାନନରେ ପର୍ଯ୍ୟଟକ ଜେବ୍ରା ନ ପାଇ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁନୁସାରେ ଏକଦା ନନ୍ଦନକାନନରେ ମାଳମାଳ ଜେବ୍ରା ଥିଲେ। ପର୍ଯ୍ୟଟକ ମନେବି ଏହାକୁ ଦେଖି ବହୁତ ଖୁସି ହେଉଥିଲେ। ନନ୍ଦନକାନନର ବରିଷ୍ଠ ପୁରୁଣା ଅଧିକାରୀମାନଙ୍କ ଠାରୁ ଜାଣିବାକୁ ମିଳିଛି ଯେ ନନ୍ଦନକାନନରେ ଜେବ୍ରା ପ୍ରଜନନ ବି ହୋଇଥିଲେ। ୨୦୦୧/୦୨ରେ ଶଙ୍କର ନାମରେ ଏକ ଅଣ୍ଡିରା ଓ ବନିତା ନାମରେ ଏକ ମାଈ ଜେବ୍ରା ଔରସରୁ ୨୦୦୨ ମେ ୧୮ ତାରିଖରେ ସବିତା ନାମକ ଏକ ମାଈ ଜେବ୍ରା ଜନ୍ମ ହୋଇଥିଲା। ସବିତା ପାଇଁ ଚଣ୍ଡିଗଡ଼ ଛଟବୀର ଚିଡ଼ିଆଖାନାରୁ ଏକ ଅଣ୍ଡିରା ଜେବ୍ରା ୨୦୧୨ ମାର୍ଚ୍ଚରେ ଆସିଥିଲା। ଉଭୟଙ୍କ ମିଳନରୁ ଛୁଆ ଜାତ ହେଲେ ସେହି ଜୁ କୁ ଦିଆଯିବାର ଥିଲା। ହେଲେ ମେ ୨୦୧୨ରେ ଉଭୟଙ୍କ ମିଳନ ବେଳେ କୁଆଡ଼େ ସବିତା ଗୋଡ ଛାଟି ଦେବାରୁ ଅଣ୍ଡିରା ଜେବ୍ରାଟି ଗୁରୁତର ଆଘାତ ପାଇ ପେଲ୍ଭିକ ବୋନ ଭାଙ୍ଗିବା ସହ ଅବଡୋମିନାଲ ମସଲ କ୍ଷତି ଗ୍ରସ୍ତ ହୋଇଥିଲା। ଏଥିରେ ତାର ମୃତ୍ୟୁ ହୋଇଥିଲା। ସବିତାର ମୃତ୍ୟୁ ୨୦୧୫ଜାନୁଆରୀରେ ହୋଇଥିଲା। ଏହାପରେ ଇସ୍ରାଏଲ ତେଲ ଅବିଭିରୁ ୨୦୧୫ରେ ୨ହଳ ମାଈ ଅଣ୍ଡିରା ଜେବ୍ରା ଆସିଥିଲେ। ସେମାନଙ୍କର ବି ବର୍ଷେ ଦି ବର୍ଷ ଭିତରେ ମୃତ୍ୟୁ ହୋଇଥିଲା। ବିଭିନ୍ନ ରୋଗରେ ପଡ଼ି ୩ ଟି ଜେବ୍ରାଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜୁଳି ମାରି ୨୦୧୭ରେ ଶେଷ ଅଣ୍ଡିରା ଜେବ୍ରାର ମୃତ୍ୟୁ ହୋଇଥିଲା। ପୂର୍ବ ରାତିରେ ଠିକ ଠାକ ଥିବା ଶେଷ ଜେବ୍ରାଟି ପର ଦିନ ଖୁଆଡ଼ରେ ମୃତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ କିଛି ମାସ ବ୍ୟବଧାନରେ ଜେବ୍ରାଙ୍କ ମୃତ୍ୟୁ ହେବା ଘଟଣା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚର୍ଚ୍ଚା ଧରିଥିଲା। ଜେବ୍ରାମାନେ ଏଠାକାର ପରିବେଶ ସହ ଖାପ ଖୁଆଇ ନ ପାରିବାରୁ ଏବଂ ଖୁଆଡ଼ ସଂକ୍ରମଣ ହେବାରୁ ଜେବ୍ରାମାନଙ୍କ ମୃତ୍ୟୁ ହୋଇଥିବା ନେଇ କର୍ତ୍ତୃପକ୍ଷ ସଫେଇ ଦେଇଥିଲେ। ତେବେ ଶୁଣିବାକୁ ମିଳେ ଯେ ନନ୍ଦନକାନନରେ ଏକଦା ୮/୯ଟି ଜେବ୍ରା ଥିଲେ। ସେମାନଙ୍କ ଠାରୁ ଛୁଆ ଜନ୍ମ ବି ହୋଇଥିଲା। ଏହାପରେ ନନ୍ଦନକାନନ କର୍ତ୍ତୃପକ୍ଷ ଏବଂ ସରକାର ଜେବ୍ରା ଆଣିବାକୁ ପ୍ରତିଶ୍ରୁତି ଦେଇ ଆସୁଥିଲେ ସୁଦ୍ଧା ଏହା ସଫଳ ହୋଇନାହିଁ।

# ଖୁବ୍‌ଶୀଘ୍ର ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ

ଭୁବନେଶ୍ୱର, ୨୮।୧୨(ସମିସ): ଦୀର୍ଘଦିନ ଧରି ଅଟକି ରହିଥିବା ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଖୁବ୍‌ଶିଘ୍ର କାର୍ଯ୍ୟକାରୀ ହେବ। ଏଥିପାଇଁ ସମସ୍ତ ପଦକ୍ଷେପ ଚୂଡ଼ାନ୍ତରେ ପହଞ୍ଚିଥିବା ବେଳେ ନିର୍ଦ୍ଦେଶାଳୟ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ଦୀର୍ଘଦିନ ଧରି ଅଟକି ରହିଥିବା ଏହି ନିର୍ଦ୍ଦେଶାଳୟ ଆରମ୍ଭ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ରହିଥିବା ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟ ନିମନ୍ତେ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଅତିରିକ୍ତ ଓ ଯୁଗ୍ମ ନିର୍ଦ୍ଦେଶକ, ଅନୁସଚିବ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଗାଇଡଲାଇନ୍ ଅନୁସାରେ ବିଭିନ୍ନ ପଦକ୍ଷେପ ପାଇଁ ପ୍ରିକୟା ଚାଲିଛି। ତେବେ ନିର୍ଦ୍ଦେଶାଳୟ ନିଯୁକ୍ତି ପାଇଁ ଆଇନ ବିଭାଗ, ଅର୍ଥ ବିଭାଗ, ଜିଏ ଡିପାର୍ଟମେଣ୍ଟର ଆପ୍ରୁଭାଲ ପରେ ଓପିଏସସିକୁ (ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ) ପଠାଯିବ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। କ୍ୟାବିନେଟ୍ ଆପ୍ରୁଭ ପାଇବା ପରେ ନିଯୁକ୍ତ କରାଯିବ। ତେବେ ସମସ୍ତ ପ୍ରକ୍ରିୟା ଶେଷ ହୋଇ ଖୁବଶିଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଭାଗର ସ୍ୱତନ୍ତ୍ର ଶାସନସଚିବ ଦେବ ପ୍ରସାଦ ଦାସ କହିଛନ୍ତି। ତେବେ ରାଜ୍ୟ ସଂଗ୍ରହାଳୟରେ ୩ଟି ଗ୍ୟାଲେରୀର ପୁନରୁଦ୍ଧାର କରାଯିବା ସହ ନୂଆକରି ଆରମ୍ଭ ହେବ ଟେକ୍‌ଟାଇଲ ଗ୍ୟାଲେରୀ। ଏହି ଗ୍ୟାଲେରୀଟି ସ୍ୱତନ୍ତ୍ର ଭାବେ ଦୃଷ୍ଟିବାଧିତ ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଏଥିରେ ଆର୍କିଓଲୋଜି ଗ୍ୟାଲେରୀରେ ରହିଥିବା ବିଭିନ୍ନ ମୂର୍ତ୍ତି ଗୁଡ଼ିକ ସ୍ଥାନୀତ କରାଯିବ। ଯାହାକୁ ଟଚ୍ କରି ବା ସ୍ପର୍ଶ କରି ଦୃଷ୍ଟିବାଧିତମାନେ ଏହି ମୂର୍ତ୍ତି ବିଷୟରେ ଜାଣିପାରିବେ। ସେହିପରି ଗ୍ୟାଲେରୀ ସମ୍ପର୍କରେ ବ୍ରେଲ ଲିପିରେ ସମସ୍ତ ତଥ୍ୟ ଉଲ୍ଲେଖ ରହିବ। ସେହିପରି ସଂଗ୍ରହାଳୟର ଉଦ୍ୟାନକୁ ନବୀକରଣ କରାଯାଇ ଆକର୍ଷଣୀୟ ରୂପ ଦିଆଯିବା ସାଙ୍ଗକୁ ଖୁବଶିଘ୍ର ଟେରାକୋଟା ଓ ହରେକୃଷ୍ଣ ମହତାବ ଗ୍ୟାଲେରୀ କାମ ଶେଷ କରାଯାଇ ପର୍ଯ୍ୟଟକଙ୍କ ପରିଦର୍ଶନ ପାଇଁ ଖୋଲାଯିବ ବୋଲି ସଳଚନା ରହିଛି।

## ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ଟେକ୍ସଟାଇଲ୍ ଗ୍ୟାଲେରୀ

ସୂଚନା ଅନୁସାରେ, ଆସନ୍ତା ଡିସେମ୍ବର ୨୯ତାରିଖ ସୋମବାର ରାଜ୍ୟ ସଂଗ୍ରହଳୟର ୯୨ତମ ପୂର୍ତ୍ତି ପାଳନ କରାଯିବ। ଏହି ଉପଲକ୍ଷେ ସଂଗ୍ରହାଳୟରେ ରହିଥିବା ତିନୋଟି ରଥ ଚକରେ ପୁଷ୍ପ ଅର୍ପଣ କରାଯିବା ସହ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଭକ୍ତକବି ମଧୁସୂଦନ ରାଓଙ୍କ ବ୍ୟବହୃତ ସାମଗ୍ରୀ ପ୍ରଦର୍ଶିତ ହେବ। ଏହାସହ ଓଡ଼ିଆ ଅଭିଲେଖ ସଙ୍କଳନ ପୁସ୍ତକ ସହ ଓଏଚଆର୍ ଜେ ଉନ୍ମୋଚିତ ହେବ। ସେହିପରି ସଂଗ୍ରହାଳୟର ୪ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭକ୍ତକବି ମଧୁସୂଦନ ରାଓଙ୍କ ନାତୁଣୀ ସୁସ୍ମିତା ରଥ, ବିଶିଷ୍ଟ ବାନ୍ଧ ଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ମାନୀତ କରାଯିବ। ଏହି ଉପଲକ୍ଷେ ସଂଗ୍ରହାଳୟ ଆଭାସୀ ଭ୍ରମଣ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ କହିଛନ୍ତି।

## ବନ କର୍ମଚାରୀଙ୍କୁ ଆକ୍ରମଣ ଓ ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା

# ଜବତ କାଠଗାଡ଼ି ଛଡ଼ାଇନେଲେ ମାଫିଆ

ନୀଳଗିରି, ୨୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ କାଠ ମାଫିଆଙ୍କ ଦୌରାତ୍ମ୍ୟ। କାଠ ଚୋରା ଚାଲାଣ ବେଳେ ଧରିଲା ନୀଳଗିରି ବନ ବିଭାଗ। ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କଲେ କାଠ ମାଫିଆ। ମାଫିଆଙ୍କ ଆକ୍ରମଣରେ ବନ କର୍ମଚାରୀଙ୍କ ପାଟ୍ରୋଲିଂ ଗାଡ଼ି ଭାଙ୍ଗି ଯାଇଛି। ବନ କର୍ମଚାରୀଙ୍କଠାରୁ ଜବତ କାଠ ଓ ଗାଡ଼ିକୁ ଛଡ଼ାଇ ନେଇଗଲେ ମାଫିଆ। ପୁଲିସ ଓ ବନବିଭାଗ ପକ୍ଷରୁ ତଦନ୍ତ ଜାରିରହିଥିବା ବେଳେ ୧୨ ଘଣ୍ଟା ପରେ ଜଣଙ୍କୁ ଅଟକ କରିବା ସହ ରାସ୍ତା କଡରୁ ଖାଲି ଗାଡିଟି ଜବତ ହୋଇଛି।

ଶନିବାର ରାତି ପ୍ରାୟ ୧୦ଟାରେ ନୀଳଗିରି ରେଞ୍ଜର ମନୱାର ଖାଁ ମୂଲ୍ୟବାନ ପିଆଶାଳ ଗଛ କାଟି ବାହାରକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ସଜନାଗଡ଼ ସେକ୍ସନର ବନରକ୍ଷୀ ବୁଦୁରାମ ହାଁସଦାଙ୍କ ସମେତ କେତେକ ବନ କର୍ମଚାରୀ ପିଠାହତା ପଞ୍ଚାୟତ ସିମିଳିହୁଡା ନିକଟରେ ଓଡି ୦୧ବିଏ ୪୧୧୭ ନମ୍ବର ବିଶିଷ୍ଟ ଏକ ଟାଟା ଏସିଇ ଗାଡିରେ ପିଆଶାଳ କାଠ ଗଣ୍ଡି ଭର୍ତ୍ତି ହୋଇଥିବା ଗାଡ଼ିଟିକୁ ଧରିଥିଲା ବନବିଭାଗ। ବନବିଭାଗ ଗାଡ଼ି ଦେଖି ଗାଡି ଚାଳକ ଜଣକ କାଠଗାଡ଼ିକୁ ଛାଡି ଚମ୍ପଟ ମାରିଥିଲା। ମାତ୍ର କିଛି ସମୟ ଭିତରେ କାଠମାଫିଆଙ୍କ ସମେତ ୧୫-୨୦ ଜଣ ସମର୍ଥକ ସେଠାରେ ପହଞ୍ଚି ବନ କର୍ମଚାରୀଙ୍କୁ ମାରପିଟ କରିଥିଲେ। ଏଥିରେ ବନରକ୍ଷୀ ଶ୍ରୀ ହାଁସଦା ଆହତ ହୋଇଥିଲେ। ସେହିପରି ବନବିଭାଗର ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା କରିଥିଲେ।



ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ଶ୍ରୀ ଖାଁ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜବତ କାଠ ଓ ଗାଡିକୁ ଛଡ଼ାଇ ନେଇଥିଲେ ମାଫିଆ। ଏ ନେଇ ରବିବାର ବରହମପୁର ପୁଲିସ ଓ ବନବିଭାଗ ପକ୍ଷରୁ ୧୨ ଘଣ୍ଟା ଧରି ତନାଘନା ପରେ ଟାଟା ଏସିଇ କାଠଗାଡ଼ିର ମାଲିକ ବରହମପୁର ଥାନା ଛତ୍ରପୁର ଅଞ୍ଚଳର ପ୍ରକାଶ ମହାପାତ୍ର ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାସହ ଜଣକୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ପଞ୍ଚାୟତ ଟୁଲୁକ ଡାଙ୍ଗ ନିକଟ ରାସ୍ତା କଡରୁ ଉକ୍ତ ଟାଟା ଏସିଇ ଖାଲି ଗାଡିକୁ ବନବିଭାଗ ଜବତ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫି’ ନାମରେ...

ନିର୍ଦ୍ଧାରିତ କରାଯାଉଛି। ସେହିପରି ଚଳିତ ବର୍ଷ ଓଡ଼ିଶାରେ ମଧ ବିଇଡି ପ୍ରବେଶିକା ପରୀକ୍ଷାର ଆନ୍‌ସାର୍-କୀକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି’ ନିର୍ଦ୍ଧାରିତ କରାଯାଇଥିଲା। ମାତ୍ର ଓଟିଇଟି ପରୀକ୍ଷାର ଆନ୍‌ସାର୍-କୀ କୁ ଚ୍ୟାଲେଞ୍ଜ କରିବା ପାଇଁ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯିବାକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ବିରୋଧ କରିଛନ୍ତି। ଆନ୍‌ସାର୍-କୀରେ ଅନେକ ଭୁଲ୍ ଉତ୍ତର ଥିବାବେଳେ ସେଗୁଡ଼ିକୁ ଚ୍ୟାଲେଞ୍ଜ କରିବା ପାଇଁ ଛାତ୍ରଛାତ୍ରୀମାନେ ଏତେ ଟଙ୍କା କେଉଁଠୁ ପାଇବେ ବୋଲି ଅଭିଯୋଗ କରିଛନ୍ତି। ଚଳିତ ଥର ପ୍ରାୟ ୧ ଲକ୍ଷ ୬୦ ହଜାର ପିଲା ଓଟିଇଟି ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ପ୍ରାୟ ୧୦ ରୁ ୧୨ ଟି ପ୍ରଶ୍ନର ଉତ୍ତର ଭୁଲ୍ ଦର୍ଶାଯାଇଥିବା ବହୁ ପରୀକ୍ଷାର୍ଥୀ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଜଣେ ପ୍ରାର୍ଥୀ ୧୦ ଟି ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୫ ହଜାର ଟଙ୍କା ଦେବାକୁ ପଡ଼ିବ। ରାଜ୍ୟରେ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀ ଥିବାରୁ ଏତେ ଟଙ୍କା ସେମାନେ ଦାଖଲ କରିବାକୁ ଅସମର୍ଥ ହେବେ। ଫଳରେ ନିଜେ ଠିକ୍ ଉତ୍ତର ଦେଇଥିଲେ ମଧ ପରବର୍ତ୍ତୀ ସମୟରେ ଟଙ୍କା ଅଭାବରୁ ସେମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ। ଅପରପକ୍ଷରେ ସମୁଦାୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ଦୁଇ-ତୃତୀୟାଂଶ ଅର୍ଥାତ୍ ଲକ୍ଷେ ପିଲା ଗୋଟିଏ ଲେଖାଏଁ ଉତ୍ତରକୁ ଚ୍ୟାଲେଞ୍ଜ କଲେ ପ୍ରାୟ ୫ କୋଟି ଟଙ୍କା ବୋର୍ଡ ଆଦାୟ କରିବ। ବୋର୍ଡର ଆନ୍‌ସାର୍-କୀ ରେ ଏକାଧିକ ଭୁଲ୍ ଥିବାରୁ ଆବେଦନ ସଂଖ୍ୟା କମାଇବାକୁ ଏପରି ତାଲିବାନୀ ନିଷ୍ପତ୍ତି ନିଆଯାଇଛି ବୋଲି ମଧ ଅନେକ ଶିକ୍ଷୟତ୍ରୀ ଫେସବୁକ୍‌ରେ ମତବ୍ୟକ୍ତ କରୁଛନ୍ତି। ଏଣୁ ସରକାର ବୋର୍ଡର କାର୍ଯ୍ୟକଳାପ ଓ ନିଷ୍ପତ୍ତିକୁ ସମୀକ୍ଷା କରି ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଫି’ ହ୍ରାସ କରିବାକୁ ଦାବି ହୋଇଛି।

### ତୃତୀୟ ପିଢ଼ି ଉପରେ...

ସ୍ୱର ହୋଇ ଦୃଢ ପ୍ରତିବାଦ କରିବ। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଆଇନଶୃଙ୍ଖଳା ସ୍ଥିତି ବିପନ୍ନ ହୋଇଛି। ମହିଳା ବିରୋଧୀ ହିଂସା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ଉଦବେଗ ଜନକ ଭାବେ ବୃଦ୍ଧି ପାଇଛି। ଛାତ୍ର ସମାଜର ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ବିଜେପି ସରକାର ଛାତ୍ରବୃତ୍ତି ବନ୍ଦ କରିବା ଭଳି ପଦକ୍ଷେପ ନେଇଛନ୍ତି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ଛାତ୍ର ବିଜୁ ଜନତା ଦଳର ଏହି ନୂଆ କର୍ମକର୍ତ୍ତାମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନ ବିରୋଧୀ କାର୍ଯ୍ୟ ଓ ବିଫଳତା ବିରୋଧରେ ସଶକ୍ତ ଲଢେଇ ଜାରି ରଖିବ। ସମସ୍ତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ଦକ୍ଷ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ର ନେତାମାନେ ଏହି କମିଟିରେ ସ୍ଥାନ ପାଇଛନ୍ତି। ତୃଣମୂଳସ୍ତରରେ ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କମିଟି ଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛୁ।

### ଦେଶ ସାରା...

ଆସୁଥିବା ଥଣ୍ଡା ପବନ ଓ ଦକ୍ଷିଣ (ଉଷ୍ମ ଅଞ୍ଚଳ)ରୁ ଆସୁଥିବା ଉଷ୍ମ ପବନ ଦ୍ୱାରା ପ୍ରବାହିତ ହୋଇଥାଏ। ଯେତେବେଳେ ବଙ୍କା ହୁଏ କିମ୍ବା ବୁଡିଯାଏ, ଏହା ଥଣ୍ଡା ଉତ୍ତର ବାୟୁକୁ ଭାରତକୁ ଟାଣିଆଣେ। କିନ୍ତୁ ଯଦି ଏହା ଧୀର ହୁଏ କିମ୍ବା ଗୋଟିଏ ସ୍ଥାନରେ ଅଟକି ଯାଏ, ତେବେ ଥଣ୍ଡା ବାୟୁ ସେଠାରେ ହିଁ ଫସିଯାଏ। ଏହା ଥଣ୍ଡାର ସ୍ଥିତିକୁ ଆହୁରି ଅନେକଦିନ ଜାରି ରଖିପାରେ ଓ ଥଣ୍ଡା ଲହରର ପ୍ରଭାବକୁ ବୃଦ୍ଧି କରେ। ସେହିପରି ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ସିକ୍କିମ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶରେ ଘନ କୁହୁଡି ଦେଖିବାକୁ ମିଳିଛି। ୨୩ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି। ଏହା ଦ୍ୱାରା ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଉଛି। ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ୫ ଦିନ ମଧ୍ୟରେ ଏହି ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ।

### ୧୦ ଡିଗ୍ରୀ ତଳେ...

ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ଆଜି ରାଜ୍ୟର ମୋଟ୍ ୧୩ ସହରରେ ପାରଦ ୧୦ଡିଗ୍ରୀ ତଳେ ରହିଛି।

ଅନ୍ୟପଟେ ରାଜ୍ୟରେ ଶୀତ ସାଙ୍ଗକୁ ଘନ କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଥିବାରୁ ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି। ଏହା ସହିତ ୩ ଦିନ ପରେ ଶୀତରୁ ସାମାନ୍ୟ ଅସ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୩ ଦିନ ପରେ କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ସହ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଢେଙ୍କାନାଳ, ଫୁଲବାଣୀ ଓ ରାଉରକେଲା ଭଳି ସହରରେ ଘନକୁହୁଡି ଦୃଶ୍ୟମାନ ହୋଇଛି। ସେହିପରି ଦେଶରେ ଉତ୍ତରାଖଣ୍ଡ, ମଣିପୁର, ତ୍ରିପୁରା ଓ ବିହାର ଆଦି ସ୍ଥାନରେ ଶୀତ ଲହରୀ ସହିତ ଦେଖିବାକୁ ମିଳିଛି। ଏହା ସହିତ ପଞ୍ଜାବ, ହରିଆଣା, ଚଣ୍ଡିଗଡ଼ ଓ ଉତ୍ତରପ୍ରଦେଶ ଆଦି ସ୍ଥାନରେ ଘନକୁହୁଡି ଦେଖିବାକୁ ମିଳିଛି। ଦୃଶ୍ୟମାନ କ୍ଷମତା ୫୦ ମିଟରରୁ ମଧ କମ୍ ରହିଥିବାର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବଙ୍ଗ-କଳିଙ୍ଗ ସମ୍ପର୍କରେ...

ହେଉଥିବା ନିର୍ମମ ନିର୍ଯାତନା ଏବଂ ଦୁର୍ବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି ମମତା ବାନାର୍ଜୀ। ଓଡ଼ିଶାରେ ମୁର୍ଶିଦାବାଦ ଜିଲ୍ଲାର ଜାଙ୍ଗିପୁର ଅଞ୍ଚଳର କିଛି ପ୍ରବାସୀ ଶ୍ରମିକଙ୍କୁ ହଇରାଣ ଏବଂ ନିର୍ଯାତନା ଦିଆଯାଇଥିଲା। ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ସମ୍ବଲପୁରରେ ଜାଙ୍ଗିପୁରର କପା କ୍ଷେତ୍ରର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କୁ ମାଡ଼ ମାରିବା ଦୁର୍ଭାଗ୍ୟଜନକ। ଓଡ଼ିଶାରେ ନିର୍ଯାତନାରୁ ଅତିଷ୍ଠ ଶ୍ରମିକମାନେ ମୁର୍ଶିଦାବାଦ ଘରକୁ ଫେରୁଛନ୍ତି। ମୁର୍ଶିଦାବାଦ ଯୁବକ ଜୁଏଲ ରାଣାଙ୍କ ମୃତ୍ୟୁ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଏକ ଜିରୋ ଏଫଆଇଆର ରୁଜୁ କରିଛି ବୋଲି ମମତା ବାନାର୍ଜୀ କହିଛନ୍ତି। ଓଡ଼ିଶାରେ ପଶ୍ଚିମବଙ୍ଗର ବୁଲା ବ୍ୟବସାୟୀ ଓ ଦିନ ମଜୁରିଆଙ୍କୁ ବଙ୍ଗଳାଦେଶୀ ଭାବେ ଅବିହିତ କରାଯିବା ସହ ଆକ୍ରମଣ କରାଯାଉଛି। ଅନେକ ସମୟରେ ଗାଁ ଗହଳିରେ ପଶ୍ଚିମବଙ୍ଗର ଲୋକଙ୍କୁ ଆଧାର କାର୍ଡ ମଗାଯିବା ସହ ସେମାନଙ୍କୁ ଆକ୍ରମଣ କରାଯାଉଛି। ଏହି ପ୍ରସଙ୍ଗରେ ଗତ ୨ ବର୍ଷ ହେବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକାଧିକ ବାର ଅସନ୍ତୋଷ ପ୍ରକାଶ କରିବା ସହ ଏହି ସମସ୍ୟାର ସମାଧାନ ପାଇଁ ମମତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାସହିତ ପଶ୍ଚିମବଙ୍ଗର ତୃଣମୁଳ କଂଗ୍ରେସ ସାଂସଦ ଡେରକ୍ ଓବରୟମଧ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କ ସୁରକ୍ଷା ପାଇଁ ପୂର୍ବରୁ ଦାବି କରିଛନ୍ତି। ନିକଟରେ ପୁଣିଥରେ ତୃଣମୁଳ ସାଂସଦ ୟୁସୁଫ୍ ପଠାନ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖି ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କ ଉପରେ ଆକ୍ରମଣ ହେଉଛି ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଦାବି କରିଛନ୍ତି। ଏହାସହିତ ସାଂସଦ ମହୁଆ ମୈତ୍ର ମଧ ଅତୀତରେ ଓଡ଼ିଶାରେ ପଶ୍ଚିମବଙ୍ଗବାସୀଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଭଳି ଅଭିଯୋଗ ଉଠାଇଛନ୍ତି।

ପଶ୍ଚିମବଙ୍ଗ ସରକାରର ମୁଖ୍ୟମନ୍ତ୍ରୀଙ୍କ ସମେତ ୩ ଜଣ ସାଂସଦ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇବା ପରେ ମଧ ଏହାକୁ ଓଡ଼ିଶାରେ ରାଜନୈତିକ ସ୍ତରରେ ବିରୋଧ କରାଯାଇଛି। ବଡ଼ କଥା ହେଉଛି ଓଡ଼ିଶା ସରକାରଙ୍କ ଏକାଧିକ ମନ୍ତ୍ରୀ ଏଭଳି ପ୍ରସଙ୍ଗରେ ଆକ୍ରମଣାତ୍ମକ ମନ୍ତବ୍ୟ ଦେବାକୁ ପଛାଉ ନାହାନ୍ତି। ରାଜ୍ୟରେ ଯେଉଁଠାରେ ଲୋକେ ବୁଲା ବ୍ୟବସାୟୀଙ୍କୁ ଆଧାରକାର୍ଡ ମାଗିବା ସହ ଆକ୍ରମଣ କରୁଛନ୍ତି, ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ କୌଣସି ତାଗିଦ କରାଯାଉ ନାହିଁ। ଯାହାର ପରିଣାମ ସ୍ୱରୂପ ଏବେ ପଶ୍ଚିମବଙ୍ଗରେ ରହୁଥିବା ଓଡ଼ିଆଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଛି।

### ଦମ୍ପତି ମୃତ...

ମଧ ବିଷ ପିଆଇ ଦେଇଥିଲେ। ରାତିସାରା ସ୍ୱାମୀ-ସ୍ତ୍ରୀ ଓ ଶିଶୁପୁତ୍ର ରାସ୍ତାକଡ଼ ଜଙ୍ଗଲରେ ପଡ଼ି ରହିଥିଲେ। ସକାଳ ହେଉହେଉ ଶିଶୁପୁତ୍ରଟି କାନ୍ଦିକାନ୍ଦି ରାସ୍ତାକଡ଼କୁ ଚାଲି ଆସିଥିଲା। ଏହି ସମୟରେ କିଛି ସ୍ଥାନୀୟ ଲୋକ ତାକୁ ଦେଖି ପଚରାଉଚୁରା କରିବାରୁ ଘଟଣା ପଦାକୁ ଆସିଥିଲା। ସୂଚନା ପାଇ କୁଣ୍ଢେଇଗୋଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଉଦ୍ଧାର ଚିକିତ୍ସା ପାଇଁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁଷ୍ମନ୍ତଙ୍କୁ ମୃତ ଘୋଷଣା କରିଥିବା ବେଳେ ରିଙ୍କି ଓ ଶିଶୁ ପୁତ୍ରକୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଚିକିତ୍ସାଧୀନ ରିଙ୍କିଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଶିଶୁପୁତ୍ରର ଅବସ୍ଥା ଉଦ୍‌ବେଗଜନକ ରହିବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପୁଲିସ ଦୁଷ୍ମନ୍ତଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଅନୁଗୋଳ ଥାନା ପୁଲିସ ରିଙ୍କିଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ସୂଚନା ମିଳିଛି। ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପାରିବାରିକ ଅଶାନ୍ତିରୁ ଦମ୍ପତି ଏଭଳି ଚରମ ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି।

### ଭରସା ହରାଉଛି...

ଅନୁସାରେ ୨୦୨୫ ର ୧୨ ମାସ ମଧ୍ୟରୁ ୮ ମାସ ବିଦେଶୀ ନିବେଶକମାନେ ସେୟାର ବିକ୍ରି କରିଛନ୍ତି। କେବଳ ଜାନୁଆରୀରେ ବିଦେଶୀ ନିବେଶକମାନେ ପ୍ରାୟ ୭୮ ହଜାର କୋଟିର ସେୟାର ବିକ୍ରି କରିଛନ୍ତି ଓ ମାର୍ଚ୍ଚ ସୁଦ୍ଧା ଏହି ପରିମାଣ ୧.୧୬ ଲକ୍ଷ କୋଟି ଅତିକ୍ରମ କରିଛି। ଏପ୍ରିଲରୁ ଜୁନ୍ ତ୍ରୟମାସିକ ମଧ୍ୟରେ ପ୍ରାୟ ୩୮,୦୦୦ କୋଟି ଟଙ୍କା ପ୍ରତ୍ୟାହାର ହୋଇଛି। ତେବେ ବିଦେଶୀ ନିବେଶକମାନଙ୍କ ଦ୍ୱାରା ସେୟାରରେ ଦ୍ରୁତ ବିକ୍ରି ସତ୍ତ୍ୱେ ଭାରତୀୟ ଷ୍ଟକ୍ ବଜାର କିଛି ପରିମାଣରେ ଅସ୍ଥିର ହୋଇଥିଲେ ହେଁ ବିଶେଷ ପ୍ରଭାବଶାଳୀ ସାବ୍ୟସ୍ତ ହୋଇନାହିଁ। ଘରୋଇ ସଂସ୍ଥାଗତ ନିବେଶକମାନେ ବଜାରକୁ ସମ୍ଭାଳି ନେଇଛନ୍ତି ଏବଂ କ୍ଷୁଦ୍ର ନିବେଶକମାନେ ଏସ୍‌ଆଇପି ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡ ପ୍ରବାହକୁ ଗତିଶୀଳ କରି ରଖିଛନ୍ତି।

**AFFIDAVIT**

By virtue of an Affidavit before Notary Public, Malkangiri, **I, Bhakta Pujari**, aged about 29 years, S/o.: Ghenu Pujari resident of Village: Tandikunda, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 3005/2025, Dated: 27.12.2025 that I have changed my name from Bhakta Pojari to **Bhakta Pujari.** Henceforth I shall be known as **Bhakta Pujari** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, dated 7th August,2024, I, Shiva Rao, S/o- Kelli Madhav Rao, resident of Machumara village, PO Mochamera, Gajapati Dist, Odisha, 761211 , vide affidavit number 362, Dated 07/08/2024 declare that I have changed my name from Shiva Rao to Kelli Shiva Srivatsa. Henceforth, I will be known as **Kelli Shiva Srivatsa** for all purposes.

**AFFIDAVIT**

By virtue of an affidavit (SL No.4007, date 28.11.2025) sworn before The Executive Magistrate, Pipili. I, **Mamina Nath,** W/o- Ganesh Nath, Address: Vill: Jagannathpur, PO: Haripur, PS: Pipili, Dist: Puri, PIN: 752104, Odisha declare that I have changed my minor son's name from **Datyaranjan Nath** to **Satyaranjan Nath.** Henceforth, he shall be known as **Satyaranjan Nath** (new name) for all purposes.

**Mamina Nath**

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା - ୯୭୪ ତାରିଖ ୨୪.୧୨.୨୦୨୫

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି '୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା'-୨୦୨୬ ଆସନ୍ତା ତା ୧୪.୦୧.୨୦୨୬ ରୁ ୧୭.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୭୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ । ଷ୍ଟଲ ଗୁଡିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଗୁଡିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ https://kalahandi.odisha.gov.in ରେ ପ୍ରକାଶ କରାଯାଇଅଛି । ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ ଗୁଡିକ ଆବଣ୍ଟନ କରାଯିବ । ତା.୨୯.୧୨.୨୦୨୫ ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ ।

ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି

## ୩୧ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ସତର୍କତା

**ରାଇରଙ୍ଗପୁର, ୨୮ ।୧୨ (ସମିସ):** ଜିଲ୍ଲାବ୍ୟାପି ହାଡ଼ଭଙ୍ଗା ଶୀତର ପ୍ରକୋପ ଜାରି ରହିଥିବାବେଳେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ଶୀତର ମାତ୍ରା ଉପରମୁଁହା ରହିଛି। ଶୀତ ପ୍ରଭାବ ଜାରି ଥିବାବେଳେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ରାଇରଙ୍ଗପୁର ଅଞ୍ଚଳରେ ଘନ କୁହୁଡ଼ି ବୃଦ୍ଧି ପାଇଥିବାବେଳେ ଆଗାମୀ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ପ୍ରଦାନ କରାଯାଇଛି। କୁହୁଡ଼ିର ପରିମାଣ ବୃଦ୍ଧି ପାଇ ଘନ କୁହୁଡି ପରିଲକ୍ଷିତ ହେବା ନେଇ ସଚେତନ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଘନ କୁହୁଡି ପରିଲକ୍ଷିତ ହେବ। ଘନ କୁହୁଡି ସମୟରେ ଲୋକେ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିଷ୍ଠା ଦିବସ



**ବାରିପଦା, ୨୮ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା (ପୂର୍ବ) କଂଗ୍ରେସ କମିଟି ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ସ୍ଥାନୀୟ ରୋଟାରୀ ଭବନରେ ଦଳର ୧୪୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପ୍ରଥମେ ଜିଲ୍ଲା ସଭାପତି କଂଗ୍ରେସ ପତାକା ଉତ୍ତୋଳନ କରି ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଆଜିର ଦିନରେ ଦେଶ ପାଇଁ ଏକ ମହତ୍ତ୍ୱ ଉଦ୍ଦେଶ୍ୟରେ କଂଗ୍ରେସ ଦଳ ଭାରତ ବର୍ଷରେ ପ୍ରତିଷ୍ଠା ହୋଇଥଲା। ଦଳ ଏକ କଠିନ ସମୟ ଦେଇ ଗତି କରୁଥିଲେ ହେଁ ତା'ର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସଂଗ୍ରାମ କରି ସଫଳ ମଧ୍ୟ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

ଏକ ଛାତ୍ରବାଦ ବିଜେପି ସରକାର ବିରୁଦ୍ଧରେ କଂଗ୍ରେସ ହିଁ ବିକଳ୍ପ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ କରାଯାଇଥିବା ମନରେଗା ଯୋଜନାର ଉଦ୍ଦେଶ୍ୟମୂଳକ ଭାବେ ନାମ ପରିବର୍ତ୍ତନ ବିରୋଧରେ ଦଳ ବ୍ଲକ ସ୍ତରରେ ଆନ୍ଦୋଳନ କରିବ। ତତସହିତ ବିଦ୍ୟୁତ ବିତରଣ ସେବାରେ ଘରୋଇ କମ୍ପାନୀର ଶୋଷଣ ନୀତି ବିରୋଧରେ ସଂଗ୍ରାମ ଜାରି ରହିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ଏସ୍‌ଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, କୃଷକ ସେଲ ସଭାପତି ଦୀପକ ଦାଶ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ବରିଷ୍ଠ ନେତା ବିଜନ ଦାସ, ମୀନକେତନ ବେହେରା, ଶାନ୍ତନୁ ପାଲ, ସୁନୀତା ନାୟକ, ଏସି ସେଲ ଜିଲ୍ଲା ସଭାନେତ୍ରୀ ସସ୍ମିତା ବେହେରା, ସବିତା ସୋରେନ, ଗୌରୀ ନାୟକ, ଭଜଗୋବିନ୍ଦ ଦଳେଇ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ଉଦବୋଧନ ଦେବା ସହ ବିଜେପି ସରକାରକୁ କଡ଼ା ସମାଲୋଚନା କରିଥିଲେ। ଅଂଶୁମାନ ଦାସ, ରାଜ୍ୟ ମହିଳା ସମ୍ପାଦିକା ଶୁଭସ୍ମିତା ଦାଶ, ଭୁବନେଶ୍ୱରୀ ଜେନା, ଉତ୍ତମ ବେହେରା, ଅଶୋକ ଗିରି, ସତ୍ୟକାମ ସେନାପତି, ନିର୍ମଳ ପ୍ରଧାନ, ଅସିତ ଦାସ, ରୋକିମ ଭାଇ, ସରୋଜ ସାହୁ, ପ୍ରଦୀପ ମିଶ୍ର, ଜଗନ୍ନାଥ ପରିଡ଼ା, ଅଭିଷେକ ଯାଦବ, ରବୀନ୍ଦ୍ର ଗିରି, ବନମାଳୀ ବାରିକ, ଟିକନ ଗୋଛାୟତ, ଚନ୍ଦନ କିସ୍କୁ, ବିଷ୍ଣୁ ସିଂ, ମହମ୍ମଦ ଅକିଲ, ରବୀନ୍ଦ୍ର ପରିଡ଼ା, ଅଭିଷେକ ଯାଦବ, ନିର୍ମଳ ପ୍ରଧାନଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସଞ୍ଜୀବ ପଣ୍ଡା ସଭାପତିତ୍ୱ କରିଥିବାବେଳେ ସଭା କାର୍ଯ୍ୟ ପରେ ଜୀବନଜ୍ୟୋତି ଅନାଥ ଆଶ୍ରମରେ ଅନ୍ତେବାସୀଙ୍କୁ ଫଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ୨ରୁ ଦ୍ୱିତୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


**ବାରିପଦା, ୨୮ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାରେ ଜାନୁଆରୀ ୨ ତାରିଖରୁ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ୧୪ଟି ସ୍ଥାନରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହେବାକୁ ଯାଉଛି। ଆଗାମୀ ୨ ତାରିଖରେ ସାରସକଣାସ୍ଥ ମା' ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ୭ ତାରିଖରେ ଯଶିପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ୮ ତାରିଖରେ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ୯ ତାରିଖରେ ଶୁକ୍ଳି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ୧୭ ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ୨୦ ତାରିଖରେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ।

ସେହିପରି ଫେବୃଆରୀ ୪ ତାରିଖରେ ଶମାଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ, ୫ ତାରିଖରେ ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ପରିସରରେ, ୬ ତାରିଖ ବାଦାମପାହାଡ ୟୁଜିଏମଇ ବିଦ୍ୟାଳୟ ପରିସରରେ, ୧୧ ତାରିଖରେ ଶରତ ୟୁପି ସ୍କୁଲ ପରିସରରେ, ୧୩ ତାରିଖ ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୭ ତାରିଖ ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୮ ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ୨୧ ତାରିଖରେ ବରେହିପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ। ଭୀମଭୋଇ ସାମର୍ଥ୍ୟ ଶିବିର ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ ଅଟେ। ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିଙ୍କୁ ସେବା ପ୍ରଦାନ କରିବା। ଏହି ଶିବିରରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆବଶ୍ୟକୀୟ ଦସ୍ତାବିଜ (ଡକ୍ୟୁମେଣ୍ଟ) ଓ ସୂଚନା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା। ହିତାଧିକାରୀ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଅବହେଳିତ ମୟୂରଭଞ୍ଜ ଇତିହାସର ମୂକସାକ୍ଷୀ ହରିପୁରଗଡ଼

ବାରିପଦା, ୨୮ ।୧୨(ମନୋଜ ପଣ୍ଡା)





**ହେଉନି ରକ୍ଷଣାବେକ୍ଷଣ, ପାଲଟିଛି ଚାରଣ ଭୂଇଁ**

**ବିଜ୍ଞାପନ ବୋର୍ଡରେ ଉନ୍ନତିକରଣ**

**ପ୍ରତ୍ନତତ୍ତ୍ୱ ବିଭାଗର କାଗଜପତ୍ରରେ ରକ୍ଷଣାବେକ୍ଷଣ**

ବିଲୁପ୍ତ ହେବାକୁ ବସିଥିବା ହରିପୁର ଗଡ଼ ଏକଦା ଥିଲା ଗଡ଼ଜାତ ମୟୂରଭଞ୍ଜର ରାଜଧାନୀ। ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ଉତ୍‌ଖନନ ଦୂରରେ ଥାଉ ରକ୍ଷଣାବେକ୍ଷଣ ଅଭାବରୁ ଏହା ପାଲଟିଛି ଗୋରୁ, ଛେଳି ଓ ମେଣ୍ଢାଙ୍କ ଚାରଣ ଭୂଇଁ। ୨୦୧୯ ଜାନୁଆରୀ ୫ ତାରିଖରେ ଦିନିକିଆ ଗସ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଆସି ପୂର୍ବୋଦୟ ବିକାଶ ପାଇଁ ୪ ହଜାର ୫୦୦ କୋଟିର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୟୂରଭଞ୍ଜ ଇତିହାସର ମୂକସାକ୍ଷୀ ହରିପୁରଗଡ଼ର ପୁନରୁଦ୍ଧାର ଓ ସଂରକ୍ଷଣ କାର୍ଯ୍ୟ ପ୍ରକଳ୍ପର ସ୍ଥାନ ପାଇଥିଲା। ପ୍ରକଳ୍ପକୁ ରିମୋଟ ଦ୍ୱାରା ପ୍ରଥମେ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଏଥିସହିତ ତତ୍କାଳୀନ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ପୁନରୁଦ୍ଧାର ଓ ସଂରକ୍ଷଣ କାର୍ଯ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ମୟୂରଭଞ୍ଜର ପ୍ରାଚୀନ କୀର୍ତ୍ତିର ଓ ଐତିହ୍ୟର ସୁରକ୍ଷା ସାଙ୍ଗକୁ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ କୁହାଯାଇଥିଲା। ଜାତୀୟ ସ୍ତରର ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇବା ପରେ ପାରିପାର୍ଶ୍ୱିକ ଉନ୍ନତି ସାଙ୍ଗକୁ ଅଞ୍ଚଳର ଉନ୍ନତି ହେବ। ଅନେକ ରୋଜଗାରକ୍ଷମ ହେବେ। ଗଡ଼ ନିକଟବର୍ତ୍ତୀ ପର୍ଯ୍ୟଟନ ସ୍ଥଳୀ ହରିହର ପୀଠ ମାଣତ୍ରୀ, ଦେବକୁଣ୍ଡ, ଲୁଲୁଙ୍ଗ, ସୀତାକୁଣ୍ଡ, କ୍ଷୀରଚୋରା ଗୋପୀନାଥ, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି ଓ ବାରିପଦା ଜଗନ୍ନାଥ ମନ୍ଦିର ଆଦି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। ପରନ୍ତୁ ଶିଳାନ୍ୟାସକୁ ୬ ବର୍ଷ ବିତିଥିଲେ ହେଁ ହରିପୁର ଗଡ଼ ଯେମିତିକୁ ସେମିତି। ପ୍ରତ୍ନତତ୍ତ୍ୱ ବିଭାଗ କାଗଜପତ୍ରରେ ରକ୍ଷଣାବେକ୍ଷଣରେ ରହିଛି। ପ୍ରଧାନମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଓ ପରେ ଭୁବନେଶ୍ୱର କାର୍ଯ୍ୟାଳୟରୁ କିଛି ଅଧିକାରୀ ତୋଫାନୀ ଗସ୍ତ କରି ଫେରିଥିଲେ ହେଁ ସର୍ଭେ କାର୍ଯ୍ୟ ସମ୍ପନ୍ନ ସହିତ ପୁନରୁଦ୍ଧାର ଓ ସଂରକ୍ଷଣ କାର୍ଯ୍ୟ ଶେଷ ହେବା ଦୂରରେ ଥାଉ ଡବଲ ଇଞ୍ଜିନ ସରକାର ଗଠନ ୨ ବର୍ଷ ପରେ ମଧ୍ୟ ତା'ର ଅଗ୍ରଗତି ହୋଇନାହିଁ।

ମୟୂରଭଞ୍ଜ ରାଜତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ଗଡ଼ ବଡ଼ସାହିଠାରୁ ପଶ୍ଚିମକୁ ୧୦ କିମି ଓ ବାରିପଦାରୁ ଦକ୍ଷିଣକୁ ୨୭ କିମି ଦୂରରେ ଅବସ୍ଥିତ। କିଛି ଭଙ୍ଗା ଇଟା, ପଥର ଓ ଗଡ଼ର ଧ୍ୱଂସାବଶେଷ ଦୃଶ୍ୟମାନ ହେଉଥିବା ୨୫ ଏକର ବିଶିଷ୍ଟ ଖୋଲା ସ୍ଥାନ ଏକଦା ମୟୂରଭଞ୍ଜର ରାଜଧାନୀ ଥିଲା। ପ୍ରତ୍ନତତ୍ତ୍ୱବିଦଙ୍କ ଉଦ୍ୟମରେ ୧୩୨୨ ଶତାବ୍ଦରେ ନିର୍ମିତ ଏହି ଗଡ଼ର ସାମାନ୍ୟତମ ଅଂଶ ଖୋଳାଯାଇଥିବାବେଳେ କିଛି ବିରଳ କୀର୍ତ୍ତିରାଜି ବିଭାଗ ପକ୍ଷରୁ ସଂଗୃହୀତ ହୋଇଛି। ଇତିହାସରେ ଜଣାପଡ଼େ ଯେ, ୧୩୬୧ ଶତାବ୍ଦରେ ମୋଗଲ ରାଜା ଫିରୋଜ ଶାହ ତୋଗଲ ରାଜଧାନୀ ଖିଚିଂକୋଟ ଆକ୍ରମଣ କରିବା ପରେ ମୟୂରଭଞ୍ଜ ଗଡ଼ଜାତର ତତ୍କାଳୀନ ମହାରାଜା ହରିହର ଭଞ୍ଜ ୧୩୨୨ ଶତାବ୍ଦ ଅର୍ଥାତ ୧୪୦୦ ଖ୍ରୀଷ୍ଟାବ୍ଦରେ ଏହି ଗଡ଼କୁ ନିର୍ମାଣ କରିଥିଲେ। ଗଡ଼ ନିର୍ମାଣ ପରେ ଏହାର ଭୌଗୋଳିକ ସ୍ଥିତି ଓ ରମଣୀୟ ପାରିପାର୍ଶ୍ୱିକ ଅବସ୍ଥିତିକୁ ଲକ୍ଷ୍ୟ କରି ସେ ଏହାକୁ ମୟୂରଭଞ୍ଜର ରାଜଧାନୀ ଭାବେ ଘୋଷଣା କରିଥିଲେ। ମହାରାଜା ହରିହର ଭଞ୍ଜଙ୍କ ନାମ ଅନୁଯାୟୀ ଏହା ହରିହର ଗଡ଼ ଭାବେ ନାମିତ କରାଯାଇଥିଲେ ମଧ୍ୟ କାଳକ୍ରମେ ହରିପୁରଗଡ଼ ନାମରେ ପରିଚିତ ହେଲା। ଗଡ଼ର ଉଭୟ ପାର୍ଶ୍ୱରେ ପ୍ରବାହିତ ମାଧବୀ ନାଳ ଓ ଗଙ୍ଗାହାର ନଦୀ ରାଜ ପରିବାର ଓ ସୈନିକଙ୍କୁ ସୁରକ୍ଷା ପ୍ରଦାନ କରୁଥିବାବେଳେ ତତ୍କାଳୀନ ବଙ୍ଗୀୟ ମୁସଲମାନ ସୁଲେମାନ ଦାଉଦ ଖାନ ରାଜ ଦରବାରରେ କେତେକ ବିଶ୍ୱାସଘାତୀଙ୍କ ସାହାଯ୍ୟରେ ଏହି ଗଡ଼ ଦଖଲ କରିଥିଲେ। ମୋଗଲଙ୍କ ହରିପୁରଗଡ଼ ଦଖଲ ପରେ ରାଜରାଜେଶ୍ୱରୀ ସୁମିତ୍ରାଦେବୀ ଭଞ୍ଜ ମୟୂରଭଞ୍ଜର ରାଜଧାନୀକୁ ବାରିପଦା ସ୍ଥାନାନ୍ତର କରିଥିଲେ। ଫଳରେ ମୁସଲମାନଙ୍କ ଦଖଲରେ ଥିବା ଏହି ଗଡ଼ ଯତ୍ନ ଅଭାବରୁ ନଷ୍ଟ ହେବାକୁ ଲାଗିଲା।

ଗଡ଼ର ମୁଖ୍ୟଦ୍ୱାର ପୂର୍ବ ଦିଗକୁ ଥିବାବେଳେ ଚତୁଃପାର୍ଶ୍ୱରେ ୪ଟି ବିକଳ୍ପ ଦ୍ୱାର ଥିଲା। ମହାରାଜା ବୈଦନାଥ ଭଞ୍ଜ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବା ପରେ ଗଡ଼ର ବାମପାର୍ଶ୍ୱରେ ସ୍ୱତନ୍ତ୍ର ଇଟାରେ ଏକ ରସିକରାୟ ମନ୍ଦିର ନିର୍ମାଣ କରିଥିଲେ। ଯେଉଁ ଇଟା ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ସେହିପରି ଧର୍ମ ବିଶ୍ୱାସୀ ଭଞ୍ଜ ପରିବାର ଗଡ଼ ପରିସରରେ ଜଗନ୍ନାଥ ଓ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କରିଥିଲେ। ରସିକରାୟ ମନ୍ଦିରର ଉତ୍ତରକୁ ରାଜଦରବାର ଅବସ୍ଥିତ ଥିଲା। ସେଠାରୁ ଗଡ଼ ଭିତରକୁ ସ୍ୱତନ୍ତ୍ର ରାସ୍ତା ସାଙ୍ଗକୁ ଦୁଇ ପାର୍ଶ୍ୱରେ କର୍ମଚାରୀ ରହିବା ପାଇଁ ଗୃହ ଥିଲା। ଗଡ଼ର ମଧ୍ୟଭାଗରେ ଆମୋଦ ପ୍ରମୋଦ ପାଇଁ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇଥିଲା। ପଶ୍ଚିମ-ଉତ୍ତର ଦିଗରେ ମହାରାଜାଙ୍କ ଶୟନ କକ୍ଷ ଥିବାବେଳେ ଦକ୍ଷିଣ-ପଶ୍ଚିମ ଦିଗରେ ମହାରାଣୀଙ୍କ କକ୍ଷ ଥିଲା। ଗଡ଼ ଭିତରେ ଥିବା ସମସ୍ତ ଗୃହକୁ ସ୍ୱତନ୍ତ୍ର ଭାବେ ନିର୍ମିତ ମାଟି ପାଇପ ମାଧ୍ୟମରେ ପାଣି ଯୋଗାଣର ସୁବିଧା ସେ ସମୟରେ ଉପଲବ୍ଧ ଥିଲା। ଯାହାକି ପ୍ରତ୍ନତାତ୍ତ୍ୱିକ ବିଭାଗ ଉତ୍‌ଖନନରୁ ଜଣାଯାଏ। ଉତ୍‌ଖନନରୁ ଗଡ଼ରେ ଏକ ଗୁପ୍ତ ଗୃହର ସନ୍ଧାନ ମିଳିବା ପରେ ଭୂତଳେ ଅନେକ ଗୃହ ତଥା କିମ୍ବଦନ୍ତୀ ରହିଥିବା କୁହାଯାଉଛି। ନବେ ଦଶକର ପ୍ରଥମାର୍ଦ୍ଧରେ ବିଭାଗ ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ କିଛି ଅଳ୍ପ ସ୍ୱଳ୍ପ କାର୍ଯ୍ୟ ହେଉଥିଲେ ହେଁ ଗଡ଼ର ପୁନରୁଦ୍ଧାର ସମ୍ଭବ ହୋଇ ନ ଥିଲା। ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୧୮ ମଇ ମାସ ହରିପୁର ଗସ୍ତରେ ଆସି ରାତ୍ରିଯାପନ କରିବା ପରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଅନୁରୋଧ ପରେ ସେ ପୁନରୁଦ୍ଧାର ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ପ୍ରସ୍ତାବ ଦେବା ପରେ ପୂର୍ବୋଦୟ ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା। ପରନ୍ତୁ ବର୍ତ୍ତମାନ ଚାରଣ ଭୂଇଁ ସହିତ ମଦ୍ୟପଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟଟିଏ ନିର୍ମାଣ କରି ବିଭାଗ କାମ ସାରିଦେଇଛି। ଆବର୍ଜନା କୁଣ୍ଡ ମଦ ଓ ପ୍ଲାଷ୍ଟିକ ବୋତଲରେ ଭର୍ତ୍ତି ହୋଇ ପୋତିଗଲାଣି। ଏଥିପ୍ରତି ପର୍ଯ୍ୟଟନ ବିଭାଗ ଓ ପ୍ରତ୍ନତାତ୍ତ୍ୱିକ ବିଭାଗ ସହିତ ଡବଲ ଇଞ୍ଜିନ ସରକାର ଦୃଷ୍ଟି ଦେବାକୁ ମୟୂରଭଞ୍ଜବାସୀ ଦାବି କରୁଛନ୍ତି।

## ଗୋପବନ୍ଧୁନଗର ବ୍ଲକ୍‌ର ପଞ୍ଚାୟତ ସମିତି ବୈଠକ



**କୁଆମରା, ୨୮ ।୧୨(ସମିସ):** ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟର ନୂତନ ସଭାଗୃହରେ ଦଶମ ସାଧାରଣ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପୃଥିରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବ୍ଲକ ଅଧ୍ୟକ୍ଷା ଝୁଲଣ ବାରସାଳିଆ, ଉପାଧ୍ୟକ୍ଷା ରଶ୍ମିତା ଚୈାଧୁରୀ, ୧୪ ଓ ୧୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ଲେଙ୍କା ଓ ଉର୍ମିଳା ସେଠୀ ପ୍ରମୁଖ ଯୋଗ ଦେଇଥିବାବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ ବିଏସ୍ଏସ୍‌ଓ ଦେବାଶିଷ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଧାୟକ ଶ୍ରୀ ମଢେଇ ମୟୂରଭଞ୍ଜ ଜିଲ୍ଲାର ଧାନକିଣା ଆରମ୍ଭ ହେଉଥିବା ସୂଚନା ଦେବା ସହ ଧାନ ବିକ୍ରିର ବିଭିନ୍ନ ନିୟମ ଓ ମାନ, ସରକାରଙ୍କ ଗାଇଡ ଲାଇନ ଉପରେ ପରାମର୍ଶ ଦେଇଥିଲେ। ତତ୍‌ସହିତ ବିଭିନ୍ନ ଭତ୍ତା ଓ ଆବାସ ଯୋଜନା ଉପରେ ମଧ୍ୟ ଜନପ୍ରତିନିଧିଙ୍କୁ ବୁଝାଇଥିଲେ। ଖୁଣ୍ଟା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଳିତ ବର୍ଷ ୨୨୮ ଜଣଙ୍କ ଚକ୍ଷୁ ପରୀକ୍ଷା ସହ ଚିକିତ୍ସା ଯୋଗାଇ ଦିଆଯାଇଥିବା କହିଥିଲେ ସତ୍ୟଜିତ ଦାସ।

ସେହିପରି ଜନଆରୋଗ୍ୟ ସମିତି, ଗାଁ କଲ୍ୟାଣ ସମିତି ପ୍ରଭୃତି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ନବକିଶୋରପୁର ଏନ୍‌ଏମ୍ ସେଣ୍ଟରରେ ନିଜସ୍ୱ ଗୃହ ନ ଥିବାର ଶୀଳଘାଟି ସରପଞ୍ଚ ଖେଲା ହେମ୍ବ୍ରମ ଅଭିଯୋଗ ଉଠାଇଥିଲେ। ମାଙ୍କଡକେନ୍ଦା, ରାଣୀବନ୍ଧ ଓ ସାଇଁକୁଳା ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ କରିବାକୁ ଜନପ୍ରତିନିଧି ଦାବି ଉଠାଇଥିଲେ। କୁଶଳଦା ଡାକ୍ତରଖାନାରେ ବିଭିନ୍ନ ସମୟରେ ଡାକ୍ତର ଅନୁପସ୍ଥିତ ରହୁଥିବା ନେଇ କୁଶଳଦା ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସିଂ ଅସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଆଧାର ସଂଶୋଧନ ୮୦ ପ୍ରତିଶତ ସରିଛି ବୋଲି ବିଆରସିସି କୁଳମଣି ନାଏକ ପ୍ରକାଶ କରିବା ସହ ଚଳିତ ବର୍ଷଠାରୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ନୂତନ ଭାବେ ବୋର୍ଡ ପରୀକ୍ଷା ହେବ ବୋଲି ସୂଚନା ଦେଇଥିଲେ। କୃଷି, ମତ୍ସ୍ୟ, ଉଦ୍ୟାନ, ଜଳ ପରିମଳ ବିଭାଗ ପ୍ରଭୃତି ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଜି ଠାକୁରମୁଣ୍ଡାରେ ମିଳିତ ଜନଶୁଣାଣି ଶିବିର

**ମହୁଲଡିହା, ୨୮ ।୧୨(ସମିସ):** ଡିସେମ୍ବର ମାସର ପଞ୍ଚମ ସୋମବାରରେ ଲୋକଙ୍କ ସମସ୍ୟାର ଅଭିଯୋଗ ଶୁଣାଣି କରିବେ ଜିଲ୍ଲାପାଳ ଓ ଏସ୍‌ପି। ଏଥିପାଇଁ ବିଧିବଦ୍ଧ ଭାବେ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଠାକୁରମୁଣ୍ଡା ବ୍ଲକର ରାଜୀବ ଗାନ୍ଧୀ ସଭାଗୃହରେ ଆସନ୍ତାକାଲି ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିପାଇଁ ବ୍ଲକର ପ୍ରତି ପଞ୍ଚାୟତର ଜନସାଧାରଣ ବ୍ୟକ୍ତିଗତ କିମ୍ବା ସାମୂହିକ ଅଭିଯୋଗ ଦାଖଲ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବାଂଲାଦେଶୀ ହଟାଅ ଶୋଭାଯାତ୍ରା

**କରଞ୍ଜିଆ, ୨୮ ।୧୨(ସମିସ):** ବାଂଲାଦେଶରେ ହିନ୍ଦୁ ନାଗରିକଙ୍କୁ ହତ୍ୟା କରାଯିବା ଘଟଣାକୁ ଭାରତ ସରକାର ନିନ୍ଦା କରିଛନ୍ତି। ପଡ଼ୋଶୀ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ ଉଦବେଗଜନକ। ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଏକ ପ୍ରକାର ଶତ୍ରୁତାପୂର୍ଣ୍ଣ ଆଚରଣ କରାଯାଉଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱଧୀନ ବାଂଲାଦେଶର ଅନ୍ତରୀଣ ସରକାରର ଶାସନ ସମୟରେ ବହୁ ହିଂସାତ୍ମକ କାର୍ଯ୍ୟ ହେଉଛି। ବାଂଲାଦେଶୀ କଟ୍ଟରପନ୍ଥୀଙ୍କ ଦ୍ୱାରା ହିନ୍ଦୁଙ୍କ ଉପରେ ନିର୍ମମ ଅତ୍ୟାଚାର ଓ ହତ୍ୟା ବିରୋଧରେ ଏକ ପ୍ରତିବାଦ ଶୋଭାଯାତ୍ରା କରଞ୍ଜିଆଠାରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଆଜି ଅନୁଷ୍ଠିତ ହୋଇଛି।




ଏହି ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପଶ୍ଚିମ ମୟୂରଭଞ୍ଜ ନେତୃ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ସ୍ମୃତିରଞ୍ଜନ ମହାନ୍ତ, ଜଗବନ୍ଧୁ ମହାନ୍ତ, ରାକେଶ ଅଗ୍ରୱାଲ, ବିଜେପି ସମ୍ପାଦକ ସଞ୍ଜୀବ ପାଣିଗ୍ରାହୀ, ଦେବେନ୍ଦ୍ର ମହାନ୍ତ, ବିଜେପି ଉପସଭାପତି ଆଶିଷ ମହାନ୍ତ, ବରିଷ୍ଠ ନେତା କୃପାସିନ୍ଧୁ ମହାନ୍ତ, ନବକିଶୋର ପଣ୍ଡା, ତ୍ରିଲୋଚନ ସେଠୀ, ଲକ୍ଷ୍ମୀ ୫. ପୁଷ୍ପାଞ୍ଜଳି ସିନ୍ଧୁ, ସୁନାମଣି ହୋ ପ୍ରମୁଖଙ୍କ ସହ ବହୁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସଦସ୍ୟ ଉପସ୍ଥିତ ରହି ସମସ୍ତ ଭାରତୀୟ ଏକ ହୁଅ, ବାଂଲାଦେଶୀ ହଟାଅ ନାରା ଦେଇ ସହର ପରିକ୍ରମା କରିଥିଲେ। ବାଂଲାଦେଶରେ ବସବାସ କରୁଥିବା ସମସ୍ତ ହିନ୍ଦୁ ଭାଇ ଭଉଣୀଙ୍କ ସାଥିରେ ରହିଛୁ ଓ ସେଠାରେ ହିନ୍ଦୁଙ୍କ ବିରୁଦ୍ଧରେ ହେଉଥିବା ଅମାନୁଷିକ ବର୍ବରତା ଓ ହତ୍ୟା ଚାଲିବ ନାହିଁ ନାରା ଦେଇଥିଲେ।



**ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର**

## ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

**ରାଇରଙ୍ଗପୁର, ୨୮ ।୧୨(ସମିସ):** ବିଦ୍ୟୁତ୍ ବିଭାଗ ଉନ୍ନତ ସେବା ଯୋଗାଇ ଦେବା ବଦଳରେ ଲୋକଙ୍କ ଜୀବନ ପାଇଁ ବିପଦ ସାଜିଛି। ଅସୁରକ୍ଷିତ ଭାବେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିବାବେଳେ ବିପଦ ସାଜିବା ସହ ଚଳପ୍ରଚଳରେ ମଧ୍ୟ ସମସ୍ୟାର କାରଣ ସାଜିଛି। ଟ୍ରାନ୍ସଫର୍ମରଗୁଡ଼ିକ ସୁରକ୍ଷିତ ଭାବେ ରଖିବା ନେଇ ଅଧିକାରୀ ମନନିବେଶ କରୁନାହାନ୍ତି। ଏହାସହିତ ଅନାବନା ଗଛ ଓ ଗୁଳ୍ମଲତା ଟ୍ରାନ୍ସଫର୍ମର ଉପରେ ମାଡ଼ିଯାଇଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହେଉଛି।

ବିଜାତଳା ବ୍ଲକର ମାଣିକପୁର ଗ୍ରାମ ପଞ୍ଚାୟତ ନୂଆଗାଁ ଗ୍ରାମର ହୁଟୁବସାହିଠାରେ ମୁକୁଳା ଟ୍ରାନ୍ସଫର୍ମର ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଛି। ଟ୍ରାନ୍ସଫର୍ମର ଚାରିକଡ଼ ଆବଦ୍ଧ କରାଯିବା ନିୟମ ରହିଥିଲେ ହେଁ ଏଠାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ କେଉଁ ମୁହୂର୍ତ୍ତରେ କିଛି ଅଘଟଣ ଘଟିବା ସମ୍ଭାବନା ରହିଛି। ଛୋଟ ଛୋଟ ପିଲା ଓ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଚେରି ବିହୀନ ଟ୍ରାନ୍ସଫର୍ମର ବଡ଼ ବିପଦ ସୃଷ୍ଟି କରୁଥିବା ଅଞ୍ଚଳବାସୀ କହିଛନ୍ତି। ବିଦ୍ୟୁତ ଟ୍ରାନ୍ସଫର୍ମର ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଟ୍ରାନ୍ସଫର୍ମର ପରିସରକୁ ତାର ବାଡ଼ ଦେଇ ଅବରୋଧ କରାଯାଇନାହିଁ। ଖୋଲମଖୋଲା ଭାବେ ଏହା ପଡ଼ିରହିଛି। ବର୍ଷା କିମ୍ବା ଅନ୍ୟ ବିପର୍ଯ୍ୟୟ ସମୟରେ ଏହା ଆହୁରି ବିପଦର କାରଣ ସାଜୁଛି। ଅନେକ ସମୟରେ ସର୍ଟସର୍କିଟ ହୋଇ ନିଆଁ ଜଳିଉଠୁଛି। ଉକ୍ତ ବାଟ ଦେଇ ଯାଉଥିବା ଲୋକ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଚଳପ୍ରଚଳ କରୁଛନ୍ତି। ଟ୍ରାନ୍ସଫର୍ମର ପରିସର ଚାର୍ଜ ହୋଇଯାଉଛି। ଯାହାଫଳରେ ଏହା ସଂସ୍ପର୍ଶରେ ଲୋକେ ଆସିବାରୁ କରେଣ୍ଟ ମାରୁଛି। ଆଗକୁ ଏହା ଲୋକଙ୍କ ପାଇଁ ଅଧିକ ବିପଦର କାରଣ ସାଜିବା ସମ୍ଭାବନା ରହିଛି। ଅସୁରକ୍ଷିତ ଅବସ୍ଥାରେ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଥିବାବେଳେ ଏହାକୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ନଚେତ ଯଥାଶୀଘ୍ର ଏହାର ଚାରିଆଡେ ପାଚେରି ନିର୍ମାଣ କରି ସୁରକ୍ଷିତ କରିବାକୁ ବିଜାତଳା ବ୍ଲକର ରାମଦୋଳି ଯୁବକ ସଂଘ ଦାବି କରିଛି।

**କମାରଯନ୍ତାରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

## ଶବମ ଚାମ୍ପିଅନ୍, ସୁନ୍ଦରଗଡ଼ ରନର୍ସଅପ୍



**ଶୁଳିଆପଦା, ୨୮ ।୧୨(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ କମାରଯନ୍ତା ଗ୍ରାମରେ ଏକ ବିଶାଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା ଏହି ଟୁର୍ଣ୍ଣାମେଣ୍ଟ ଏ ବର୍ଷ ୨୫ ବର୍ଷରେ ପଦାର୍ପଣ କରି ସିଲଭର ଜୁବୁଲୀ ରୂପେ ପାଳିତ ହୋଇଥିଲା। ମାରାଂବୁରୁ ଯୁବକ ସଙ୍ଘ ଆୟୋଜନରେ ଦୁଇଦିନିଆ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ସହିତ ସୁନ୍ଦରଗଡ଼, ବାଲେଶ୍ୱର ଓ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ବିଭିନ୍ନ ଦଳ ଭାଗ ନେଇଥିଲେ। ଦୁଇଦିନ ଧରି ଚାଲିଥିବା ଖେଳ ଦେଖିବା ପାଇଁ ପାଖାପାଖି ଅଞ୍ଚଳର ହଜାର ହଜାର ଦର୍ଶକ ରୁଣ୍ଡ ହୋଇଥିଲେ। ଆଜି ଶେଷ ଦିବସରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ନିର୍ମାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଖେଳାଳି ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ସୁନ୍ଦରଗଡ଼ ଟିମ ଓ ଶବମ (ପଶ୍ଚିମବଙ୍ଗ) ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ଭାବେ ଶେଷ ହେବାରୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଶବମ ଟିମ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଖେଳକୁ ମାରାଂବୁରୁ ଯୁବକ ସଙ୍ଘ ପରିଚାଳନା କମିଟି ସଭାପତି ପାର୍ଥସାରଥୀ ମୁର୍ମୁ, ସମ୍ପାଦକ ଭୀମ ହେମ୍ବ୍ରମ, ମଙ୍ଗଳ ଚାପିଆର, ଯୋଗେନ୍ଦ୍ର ମୁର୍ମୁ, ସୁରୁ ମୁର୍ମୁ, କାଶୀନାଥ ମୁର୍ମୁ, ଶଙ୍କର ଚାପିଆର, ନରେନ୍ଦ୍ର ମୁର୍ମୁ, ରାଜୁ ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଧାନମଣ୍ଡିର ଶୁଭାରମ୍ଭ

ଆନନ୍ଦପୁର, ୨୮।୧୨ (ସମିସ): ଘଷିପୁରା ବ୍ଲକ କେଶଦୁରାପାଳ ନୂତନ ସମବାୟ ସମିତିର ଶୁଭ ଉଦଘାଟନ ସହ ମଣ୍ଡି ଶୁଭାରମ୍ଭ କରିଛନ୍ତି ମୁଖ୍ୟଅତିଥି ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର। ସମବାୟ ସମିତିର ସଭାପତି ପ୍ରମିଳା ଜେନା, ସରପଞ୍ଚ ମାନସୀ ମହାରଣା, ସମିତିସଭ୍ୟ କୁନ୍ତଳା ମହାରଣା, ସମ୍ପାଦକ ସସ୍ମିତା ସୁତାର, କର୍ମଚାରୀ ରାଜେନ୍ଦ୍ର ବିନ୍ଧାଣି, ସଙ୍ଘମିତ୍ରା ଆଚାର୍ଯ୍ୟ, ରମେଶ ପାତ୍ର, ପୂର୍ବତନ ସରପଞ୍ଚ ପଶୁରାମ ମହାରଣା, ବୁଦ୍ଧିଜୀବୀ ହରିପ୍ରସାଦ ମିଶ୍ର, ଭିକାରୀ ବିନ୍ଧାଣି, ସମସ୍ତ ଚାଷୀ ଯୋଗ ଦେଇଥିଲେ। ସରକାର ପକ୍ଷରୁ ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀମାନେ କିପରି ଉପକୃତ ହେବେ ସେ ବିଷୟରେ ଉପସ୍ଥିତ ଚାଷୀଙ୍କୁ କହିଥିଲେ। ସେହିପରି ଘସିପୁରା ବ୍ଲକ ମଦନପୁରଠାରେ ନୂତନ ଧାନମଣ୍ଡିରେ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦଘାଟନ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ୯୫ଟି ଧାନମଣ୍ଡି ମାଧ୍ୟମରେ ୭୯ ହଜାର ୧୦୮ ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ। ନୂତନ ମଦନପୁର ଧାନମଣ୍ଡିରେ ୪୮୬ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜୀକରଣ କରିଛନ୍ତି। କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦାନ କରିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ପୃଥ୍ୱିରାଜ କୁଅଁର ସଞ୍ଚାଳନ କରିଥିଲେ। ଜିଲ୍ଲା ଖାଦ୍ୟ ଯୋଗାଣ ମୁଖ୍ୟ ଅଧିକାରୀ ପବିତ୍ର ସାହୁ, ଜିଲ୍ଲା ସମବାୟ ସେବା ଅଧିକାରୀ ପର୍ଶୁରାମ ପାତ୍ର, ବିଜେପିର ବରିଷ୍ଠ ନେତା ଭଗବାନ ସାହୁ, ଶୁଭେନ୍ଦୁ ଚକ୍ର, ଯଜ୍ଞପ୍ରକାଶ ସାହୁ, ଦେବରଞ୍ଜନ ସାହୁ, ଅମୂଲ୍ୟ ଚକ୍ର, ସଞ୍ଜୟ କୁମାର ଜେନା, ସୁଧାଂଶୁ ଶେଖର କୁଅଁର, କଳାକର ଫେରେଇ, ଅର୍ଜୁନୀ କର, ଶ୍ରୀମେନ୍ଦ କୁଅଁର, ପ୍ୟାରୀମୋହନ ବାରିକ, ଗଙ୍ଗାଧର ଓଝା, ଚିନ୍ତାମଣି ଜେନା, ବାବନ ସାହୁ, ବିଶ୍ୱନାଥ ସାହୁ, ଘାସିନାଥ କୁଅଁର ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ହଜାର ହଜାର ଚାଷୀ ସାମିଲ ହୋଇଥିଲେ।

## କୈଳାସଚନ୍ଦ୍ର ବେହେରାଙ୍କ 'ଶାନ୍ତିପଥ' ଲୋକାର୍ପିତ



ଆନନ୍ଦପୁର, ୨୮।୧୨ (ସମିସ): ଯେଉଁ ଲେଖକଙ୍କ ମୌଳିକ ସାରସ୍ୱତ ସୃଷ୍ଟି ପାଠକଙ୍କୁ ସନ୍ଦେଶ ଦିଏ, ତାହା ଚିର ଅମଳୀନ। ସେହିଭଳି ଲେଖାରେ ସମୃଦ୍ଧ ଶିକ୍ଷକ ତଥା କବି କୈଳାସଚନ୍ଦ୍ର ବେହେରାଙ୍କ ଶାନ୍ତିପଥ" ପୁସ୍ତକ ସମାଜକୁ କିଞ୍ଚିତ ମାତ୍ରାରେ ଦିଶା ପ୍ରଦାନ କରିବ ବୋଲି ପ୍ରତିଭା ପ୍ରଣାମ ମଞ୍ଚ ଦ୍ୱାରା ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତ ପୋଷଣ କରିଛନ୍ତି।

ବିଷ୍ଣୁପ୍ରିୟା ବାଳାଶ୍ରମରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଲେଖକ ରତ୍ନାକର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ରାଉତ ଓ ହାଟଡିହୀ ସାହିତ୍ୟ ଘରର ସଭାପତି ଅନ୍ତର୍ଯ୍ୟାମୀ ରାଉତ ସାହିତ୍ୟର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ। ଏହି ଅବସରରେ କବି ଶ୍ରୀ ବେହେରାଙ୍କୁ ମଞ୍ଚ ତରଫରୁ ଉତ୍ତରୀୟ ଓ ମାନପତ୍ର ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ କବି ଶ୍ରୀକାନ୍ତ ପଟ୍ଟନାୟକ ଓ ଦୀପ୍ତି ଦେବଦର୍ଶନ ସୁତାରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ କବି ଇନ୍ଦ୍ରମଣି ସେଠୀ, ନିତ୍ୟାନନ୍ଦ ବେହେରା, ବିଦ୍ୟୁତ୍‌ପ୍ରଭା ଦେଓ, ମୁରଲୀଧର ବେହେରା, ନାରାୟଣ ସାହୁ, ସୁରେନ୍ଦ୍ର ପରିଡା, ଅଭୟ ସାମଲ, ହରିହର ସାମଲ, ସାରଳା ମହାପାତ୍ର, ଚତୁର୍ଭୁଜ ଜେନା, ସୁଭଦ୍ରା ସ୍ୱାଇଁ, ରବୀନ୍ଦ୍ର ପଟ୍ଟନାୟକ, ବନମାଳି ଜେନା ପ୍ରମୁଖ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ, ସୁଶାନ୍ତ, ସ୍ନିଗ୍ଧା ପ୍ରିୟଦର୍ଶିନୀ, ରୋଜାଲିନ୍, ଅନନ୍ୟା, ଅଧର, ଭାନୁମତି, ଯୁଧିଷ୍ଠିର, ବୀରକିଶୋର, ସୁବାସ ସଂଯୋଜିତ କରିବାରେ ପ୍ରମୁଖ ସହଯୋଗ କରିଥିଲେ। ବୀରକିଶୋର ବେହେରା ଧନ୍ୟବାଦ ଦେଇଥିଲେ।

## ଦୁଇଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବୈଶିଙ୍ଗା,୨୮।୧୨(ସମିସ): ପାଇକ ଯୁଗୁପୁରା ପଡ଼ିଆରେ ପିକେ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଆୟୋଜିତ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଜେଡି ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ତଥା ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ କୁମାର ମହାପାତ୍ର, ବୈଶିଙ୍ଗା ପଞ୍ଚାୟତ ସରପଞ୍ଚ ସାବିତ୍ରୀ ମୁର୍ମୁ, ପଞ୍ଚାୟତ ସମିତି ସଦସ୍ୟ ସବିତା ଦାସ, ବରିଷ୍ଠ ସଦସ୍ୟ ବିରାମ ମାଝୀ ଓ ଅମୂଲ୍ୟ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଥିବାବେଳେ ରାଜଘାଟ ଟିମ ଚାମ୍ପିଅନ ଓ ଶ୍ୟାମାଖୁଣ୍ଟାର ନାଇନ ମିସାଇଲ ରନର୍ସଅପ୍ ହୋଇଥିଲା। ଆଶିଷ ମାର୍ଣ୍ଡି, ଚନ୍ଦନ କୁମାର ପାଣିଗ୍ରାହୀ, ରତନ ସିଂ, ମାନସ ପଲେଇ, ଜୟନ୍ତ ରାଉଳ, ମାନସ ପୁହାଣ, ଯତୀନ୍ଦ୍ର ମହାନ୍ତ, ବାପି ମହାନ୍ତ, ସୁବ୍ରତ ମନ୍ତ୍ରୀ ଓ ମାନସ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦୁଝର ବଣିଆପାଟ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

# ଏନ୍‌ସିଇଆର୍‌ଟି ଢାଞ୍ଚାରେ ଏସ୍‌ସିଇଆର୍‌ଟି ହେବ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୮।୧୨(ସମିସ)

ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମୂଳଭିତ୍ତି ରୂପରେ ଗ୍ରହଣ କରି ଶିକ୍ଷାଦାନ କରିଥାଏ ସରସ୍ୱତୀ ଶିଶୁ ମନ୍ଦିର। ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନକୁ ଶିଶୁ ମନ୍ଦିର ଶିକ୍ଷାର ପ୍ରଣାଳୀ ସବୁଠୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି କେନ୍ଦୁଝରରେ ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀ ମାଝୀ କହିଥିଲେ, ସମଗ୍ର ଓଡ଼ିଶାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଆଜି ଯଦି ଆମେ ଶିକ୍ଷାର ମାନ ଉପରେ ତର୍ଜମା କରିବା, ତେବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷାର ମାନ ଅତ୍ୟନ୍ତ ଉଚ୍ଚକୋଟୀର। ଓଡିଶାରେ ଆମ ସରକାର ଦକ୍ଷ ଶିକ୍ଷକ ନିଯୁକ୍ତି, ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଓ ପରିବେଶ ଉପରେ ଗୁରୁତ୍ୱ ଦେଉଛି। ଜାତୀୟ ପାଠ୍ୟକ୍ରମ ଢାଞ୍ଚା ବା ଏନ୍‌ସିଏଫ୍ ଆଧାରରେ ଆମେ "ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା' ଆରମ୍ଭ କରୁଛୁ। ଏହାଦ୍ୱାରା ଶିକ୍ଷାର୍ଥୀମାନେ ଅଧିକ ସୃଜନଶୀଳ ଏବଂ ସ୍ୱାବଲମ୍ବୀ ହେବେ। ଆସନ୍ତା ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କ ପୁସ୍ତକ ପ୍ରଦାନ କରାଯିବ। ଏନସିଇଆରଟି ଢାଞ୍ଚାରେ ଏସ୍‌ସିଇଆରଟିକୁ ବିକାଶ କରାଯିବ। ଓଡ଼ିଆ ଭାଷା ପରି ଆଦିବାସୀ ପିଲାଙ୍କୁ ନିଜ ଭାଷାରେ ଶିକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ସରକାର ଏହି ଦିଗରେ ସାନ୍ତାଳି ଭାଷାରେ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି।



ସେ ଆହୁରି କହିଥିଲେ ଯେ ଇଣ୍ଟରନେଟ ଏବଂ ସୋସିଆଲ ମିଡିଆକୁ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରିବା ଉଚିତ। ଆଜିକାଲି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଖୁବ୍ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ତୁମେ ଯେଉଁ ଫିଲ୍ଡରେ କାମ କରିବ ସେଥିରେ ଅଧିକ ଦକ୍ଷ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଂପାଦକ ଭାଗୀରଥି ଗିରି ସ୍ୱାଗତ ଭାଷଣ ଦେଇଥିବା ବେଳେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ବିଦ୍ୟାଭାରତୀର ସଂଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ, ସମାଜସେବୀ ତଥା ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ଇପିଏଫଓ କମିସନର ଗୌରବଚନ୍ଦ୍ର ମହାନ୍ତି, ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରଫେସର ଅନୀଲ ଦାଶ, ପ୍ରଧାନଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ଜୋନ୍ ୮ର ନିର୍ବାଚନ




କେନ୍ଦୁଝର, ୨୮।୧୨(ସମିସ): ରବିବାର କେନ୍ଦୁଝରସ୍ଥିତ ହୋଟେଲ ସାନ୍ସଠାରେ ନିଖିଳ ଉତ୍କଳ ବସ ମାଲିକ ସଙ୍ଘ ଜୋନ (୮)ର ଏକ ସାଧାରଣ ସଭା ଚମ୍ପୁଆ ବସ ମାଲିକ ସଙ୍ଘ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। ଆନନ୍ଦପୁର ସଙ୍ଘ, କରଞ୍ଜିଆ ସଙ୍ଘ, କେନ୍ଦୁଝର ସଙ୍ଘର କର୍ମକର୍ତ୍ତା ଆଗାମୀ ୩ବର୍ଷ ପାଇଁ ଜୋନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଶେଷ କରିଛନ୍ତି। ଜୋନ ୮ର ପୂର୍ବ ଉପସଭାପତି ଚତୁର୍ଭୁଜ ନାୟକ ଚମ୍ପୁଆ ସଙ୍ଘର ବର୍ତ୍ତମାନ ସମ୍ପାଦକ ଉତ୍ତମ କରଙ୍କୁ ଉପସଭାପତି ଚୟନ କରାଯାଇଛି। ଜୋନ ୮ର ପୂର୍ବ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡାଙ୍କୁ ପୁନର୍ବାର ସମ୍ପାଦକ ଭାବେ ଚୟନ କରାଯାଇଛି। ବୈଠକରେ ଆନନ୍ଦପୁର ସମ୍ପାଦକ ନିର୍ମଳଚନ୍ଦ୍ର ମିଶ୍ର, ଚତୁର୍ଭୁଜ ନାୟକ, କେନ୍ଦୁଝର ସଙ୍ଘ ସମ୍ପାଦକ ମନୋରଞ୍ଜନ ସାହୁ ସଭାପତି ସିଂହଦ୍ରି ବିହାରୀ ସାହୁ, କରଞ୍ଜିଆ ସଙ୍ଘ ସମ୍ପାଦକ ଅରୁଣ କୁମାର ଆଗ୍ରୱାଲ୍, ମହେଶ୍ୱର ସାହାଙ୍କ ବ୍ୟତୀତ ୪ ସଙ୍ଘର ପରିଚାଳନା ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ନୂତନ ଭାବେ ନିର୍ବାଚିତ ଉପସଭାପତି ଓ ସମ୍ପାଦକ ଶପଥ ପାଠ କରିଥିଲେ।

## ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ପ୍ରତିଷ୍ଠା ଦିବସ



କେନ୍ଦୁଝର, ୨୮।୧୨(ସମିସ): ଶାନ୍ତି, ମୈତ୍ରୀ ଓ ସଦଭାବନାର ଦଳ କଂଗ୍ରେସ ଦଳ। ଦେଶର ସବୁଠାରୁ ପୁରାତନ ଦଳ କଂଗ୍ରେସ ଦଳ ୧୪୦ତମ କଂଗ୍ରେସ ପ୍ରତିଷ୍ଠା ଦିବସ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତଙ୍କ ସଂଯୋଜନାରେ ପ୍ରଥମେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରିଥିଲେ। ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ କଂଗ୍ରେସ ଦଳର ଅନୁଚିନ୍ତା ଏବଂ ଶପଥ ପାଠ କରାଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, କଂଗ୍ରେସ ନେତା ଦୀପକ କୁମାର ରାଜ ପ୍ରମୁଖ କଂଗ୍ରେସ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଧନ୍ୟବାଦ ଦେଇଥିଲେ।

## ଧନୁସାହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ || ବାଲ୍ମିକୀନଗରକୁ ହରାଇ ହାତୀମୋଡ଼ା ଚାମ୍ପିଅନ୍

ଉଦଳା,୨୮।୧୨ (ସମିସ): ଦୁଇଦିନ ଧରି ଚାଲିଥିବା ଧନୁସାହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ଉଦଳା ବ୍ଲକ୍ କୋଚିଲାଡିହା ପଞ୍ଚାୟତର ସାଗେନ ସକ୍ଷକାମ ଯୁବକ ସଙ୍ଘ ଆନୁକୂଲ୍ୟରେ ଚାଲିଥିବା ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ କଟକର ବାଲ୍ମିକୀ ନଗରକୁ ପରାସ୍ତ କରି ହାତୀମୋଡ଼ା ଚାମ୍ପିଅନ୍ ହୋଇଛି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହେବା ପରେ ପେନାଲ୍ଟିର ଆଶ୍ରୟ ନିଆଯାଇଥିଲା। ଏଥିରେ ହାତୀଯୋଡ଼ା ବିଜୟୀ ହୋଇଥିଲା।



ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଚିଲାଡିହା ସରପଞ୍ଚ ସକ୍ଷରମଣି ହେମ୍ବ୍ରମ ଓ ସମିତି ସଭ୍ୟା ସୁକାନ୍ତୀ ହାଁସଦା ଯୋଗଦେଇ ଚାମ୍ପିଅନ୍ ଦଳକୁ ୫୦ ହଜାର ଟଙ୍କା ଓ ରନର୍ସଅପ୍ ଦଳ କୁ ୩୦ ହଜାର ଟଙ୍କାର ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ରତିକାନ୍ତ ହାଁସଦା, ସୁନେଇ ଜଳସେଚନ ପ୍ରକଳ୍ପ କମିଟି ସଭାପତି ହେମନ୍ତ ବେହେରା ଓ ଏଡିଓ ମନୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ଜିଲ୍ଲା ଓ ଜିଲ୍ଲା ବାହାର ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିବା ସହ ଭଲ ପଦର୍ଶନ କରିଥିବା ଫୁଟବଲ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ତେବେ ଗ୍ରାମାଞ୍ଚଳରେ ଫୁଟବଲ ଖେଳର ପ୍ରଚାର ପ୍ରସାର ଓ ଖେଳାଳି କେମିତି ଭଲ ଖେଳ ପଦର୍ଶନ କରି ରାଜ୍ୟ ସ୍ତରରେ ଖେଳିପାରିବେ, ସେ ନେଇ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ସଭାପତି ବଚ ସୋରେନ, ଉପସଭାପତି ରାମଚନ୍ଦ୍ର ସୋରେନ, ସହସମ୍ପାଦକ ରବୀନ୍ଦ୍ର ସୋରେନ, ଦୀପକ ସୋରେନ, ଜଗନାଥ ହେମ୍ବ୍ରମ, ବୁଦ୍ଧିରାମ ସୋରେନ ପ୍ରମୁଖ ସହଯୋଗ କରିଥିବାବେଳେ ବିଜୟ କୁମାର ମାଝୀ ମୁଖ୍ୟ ରେଫରୀ ଥିବାବେଳେ ମଦନ ହାଁସଦା, ଗଣେଶ ଟୁଡୁ ଓ ସୁମନ୍ତ ସିଂ ଲାଇନରେ ସହାୟତା କରିଥିଲେ।

## ତୋରାଣିଆପାଳରେ ପାଲାକାରଙ୍କ ସ୍ମୃତିସଭା



ଆନନ୍ଦପୁର, ୨୮।୧୨ (ସମିସ): ବହୁମୁଖୀ ପ୍ରତିଭାର ଅଧିକାରୀ ସ୍ୱର୍ଗତ ଶ୍ୟାମସୁନ୍ଦର ଜେନାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା, ସ୍ମୃତି ଫର୍ଦ୍ଦ ଲୋକାର୍ପଣ ତାଙ୍କ ତୋରାଣିଆପାଳସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ପ୍ରତିଭା ପ୍ରଣାମ ମଞ୍ଚ ଓ ଆମ୍ବେଦକର ସେବାସଂଘର ମିଳିତ ସହଯୋଗରେ ଆୟୋଜିତ ସଭାରେ ମଞ୍ଚର ଆବାହକ ରତ୍ନାକର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରମାକାନ୍ତ ନାୟକ, ମୁଖ୍ୟବକ୍ତାଭାବେ ପ୍ରତାପ କିଶୋର ରାଉତ, ସମ୍ମାନିତ ଅତିଥି ଭାବେ କବି ଚତୁର୍ଭୁଜ ଜେନା, ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଗୋପୀନାଥ ମଲ୍ଲିକ, ପ୍ରାଣନାଥ ଜେନା ସ୍ମୃତି ଫର୍ଦ୍ଦକୁ ଲୋକାର୍ପଣ କରିଥିଲେ। ସ୍ୱର୍ଗତ ଜେନାଙ୍କ ଜାମାତା ଡକ୍ଟର ଜଗବନ୍ଧୁ ଜେନା, କବି ଦଶରଥ ସାହୁ, ସନ୍ଧ୍ୟାରାଣୀ କୌଶିକ, ପୁତ୍ର ଦିଲ୍ଲୀପ, ପ୍ରଦୀପ ଓ ପ୍ରମୋଦ, ଦୀପ୍ତି, ପ୍ରିୟଦର୍ଶିନୀ, ସତ୍ୟଭାମା, ଶୁଭେନ୍ଦୁ, ସୁରେଶ ପ୍ରମୁଖ ନିଜର ଅନୁଭୂତିର କଥା କବିତା ମାନ ଆବୃତ୍ତି କରିଥିଲେ। କର୍ମକାଣ୍ଡବିତ୍ ତଥା ଶିକ୍ଷକ ହରିହର ଦାସ ବେଦପାଠ କରିଥିଲେ ଓ କଳାକାର କଳାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍‌ଯାପିତ



ମହୁଲଡିହା,୨୮।୧୨(ସମିସ): ଠାକୁରମୁଣ୍ଡା ସରକାରୀ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ରକ୍ତଦାନ ଶିବିର ଉଦଘାଟନ କରିବା ପରେ ସ୍ୱେଚ୍ଛାକୃତ ରକ୍ତଦାନ ଆରମ୍ଭ ହୋଇଥିଲା। ପୁରାତନ ଛାତ୍ରଙ୍କ ନିକଟରୁ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ସଭାରେ ବସନ୍ତ କୁମାର ପଇବର୍ତ୍ତୀଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ କହିଥିଲେ, ମୁଁ ଚାଷୀ ପୁଅ। ମାଟିକୁ କର୍ଷଣ କରିବା ମୋର କାମ। ଏହି ମାଟିରୁ ସୁନା ଫଳିବ। ଏହି ମାଟିରୁ ମହାମହିମ ଦ୍ରୌପଦୀ ମୁର୍ମୁ, ଗିରିଶ ମୁର୍ମୁ, ଅଲଚିକି ଲିପିର ସଂସ୍ଥାପକ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଭଳି ପ୍ରତିଭା ଜନ୍ମ ନେଇଛନ୍ତି। ଆଗାମୀ ଦିନରେ ପୁଣିଥରେ ନୂଆ ନୂଆ ପ୍ରତିଭା ତିଆରି ହେବେ ମୋର ବିଶ୍ୱାସ ଅଛି। ଆଗାମୀ ପିଢ଼ି ଏ ଧାରାକୁ ଆଗକୁ ନେବେ ଏ ବିଶ୍ୱାସ ରଖୁଛି ବୋଲି ମତ ରଖିଥିଲେ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଚିତ୍ତରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଶିକ୍ଷା ପ୍ରାପ୍ତ ହେବା ଓ ଶିକ୍ଷିତ ହେବା ଭିନ୍ନ କଥା ବୋଲି କହିବା ସହିତ ତାକୁ ପ୍ରମାଣ କରିବା ପାଇଁ ବିଭିନ୍ନ ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷା ଗବେଷକ ପ୍ରଫେସର ଡଃ ପ୍ରକାଶ ପଟ୍ଟନାୟକ ଯୋଗଦେଇ ଭାଷା କିପରି ସମ୍ପର୍କର ସେତୁ ହୋଇଛି, ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପ୍ରାପ୍ତି ସମ୍ପର୍କରେ ତଥ୍ୟଭିତ୍ତିକ ଉପସ୍ଥାପନ କରିଥିଲେ। ଡଃ ହରିଶ ବାରିକ ୩ ଦିନର କାର୍ଯ୍ୟକ୍ରମ ଆଧାରରେ ବକ୍ତବ୍ୟ ରଖିଥିଲେ। ଡଃ ସୁମନ୍ତ୍ର ନାଏକ ମଞ୍ଚ ସଂଯୋଜନା କରିଥିବାବେଳେ ଶରତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀମୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପତାକା ଅବତରଣ ପରେ ସଭାପତି ସମାଜସେବୀ ବସନ୍ତ ପଇବର୍ତ୍ତୀ ସଭା ସାଙ୍ଗ ଘୋଷଣା କରିଥିଲେ।

# ଅସୁରଘାଟିକୁ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ତତ୍ପରତା

ସକାଳ ପ୍ରଭାବ

### ରାଇରଙ୍ଗପୁର ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ରାଇରଙ୍ଗପୁର,୨୮।୧୨(ସମିସ): ସଚେତନତା ଅଭାବରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବାମନଘାଟି ଉପଖଣ୍ଡର ରାଇରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଗୋରୁମହିଷାଣୀ ନିକଟସ୍ଥ ଅସୁରଘାଟି ଜଳପ୍ରପାତ ପ୍ଲାଷ୍ଟିକ୍ ଆବର୍ଜନାରେ ଭରିଗଲାଣି। ଯାହାକୁ ନେଇ 'ସକାଳ' ଦୈନିକ ଖବରକାଗଜରେ ଗତ ବୁଧବାର ଖବର ପ୍ରସାରଣ ପରେ ରାଇରଙ୍ଗପୁର ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ନେଇ ତତ୍ପରତା ପ୍ରକାଶ ପାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅସୁରଘାଟିରେ ବନ ବିଭାଗ କର୍ମଚାରୀଙ୍କ ଗ୍ରାମବାସୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ବନ ସବୁଜିମାରେ ଘେରା ଉକ୍ତ ପର୍ଯ୍ୟଟନ ସ୍ଥଳୀକୁ ନୂଆବର୍ଷରେ ବଣଭୋଜି କରିବାକୁ ଅନେକ ଲୋକଙ୍କ ସମାଗମ ହେଉଛି। ତେବେ ସଚେତନତା ଅଭାବରୁ ପ୍ଲାଷ୍ଟିକ୍ ଅଳିଆ ଆବର୍ଜନାରେ ପର୍ଯ୍ୟଟନ ସ୍ଥଳୀଟି ଅସୁନ୍ଦର ଦେଖାଯାଉଛି। ଏହାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ନେଇ ଗୋରୁମହିଷାଣୀ ବନପାଳ କାଶୀନାଥ ହାଁସଦାଙ୍କ ନେତୃତ୍ୱରେ ପ୍ଲାଷ୍ଟିକ ମୁକ୍ତ ଘୋଷଣା ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର, ମୁଖ୍ୟବ୍ୟକ୍ତା ଭାବେ ଏସିଏଫ୍ ରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ରେଞ୍ଜ ଅଫିସର ଜ୍ୟୋତିରଞ୍ଜନ ସେନାପତି, ବାଦାମପାହାଡ଼ ରେଞ୍ଜ ଅଫିସର ଅଜିତ କୁମାର ମହାନ୍ତି, ସମାଜସେବୀ ଅଶୋକ କୁମାର ମହାନ୍ତ ସମେତ ହିକେଇସାହି ଓ ବାଲିଖଣି ବନ ସୁରକ୍ଷା ସମିତି ସଭାପତି ଗ୍ରାମର ମୁଖିଆ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ସଭା ପରେ ଅସୁରଘାଟୀ ଜଳପ୍ରପାତ ପାଶ୍ୱର୍ରେ ପଡ଼ିଥିବା ସମସ୍ତ ପ୍ଲାଷ୍ଟିକ୍ ଓ ଅଳିଆ ଆବର୍ଜନାକୁ ସଫାସୁତୁରା କରାଯାଇଥିଲା। ଏହି ସ୍ଥାନରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଲାଗୁ ହେବା ସହ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ୍ ଅଳିଆ ମୁକ୍ତ ପାଇଁ ଯୋଜନା କରାଯାଇଛି। ଆନନ୍ଦ ବାଣ୍ଟନ୍ତୁ, ଅଳିଆ ଆବର୍ଜନା କରନ୍ତୁ ନାହିଁ, ପ୍ରକୃତିପ୍ରେମୀ ହୁଅନ୍ତୁ ବୋଲି ବାର୍ତ୍ତା ଦିଆଯାଇଛି। ସମସ୍ତ ଜନସାଧାରଣଙ୍କୁ ଅଖପାଖ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଓ ଆନନ୍ଦଦାୟକ ପରିବେଶ ବଜାୟ ରଖିବା ପାଇଁ ସଚେତନ କରି ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଏହି ଅଭିଯାନର ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବ ବୋଲି ମତପ୍ରକାଶ କରିଥିଲେ। ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ନେଇ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲା।

# ଦିବ୍ୟାଙ୍ଗ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି



ବାରିପଦା, ୨୮।୧୨(ସମିସ): ଉଦଳା ବ୍ଲକ୍ ବହୁବନ୍ଧ ଆଶ୍ରମ ସ୍କୁଲରେ ଦିବ୍ୟାଙ୍ଗ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପରିଡ଼ାଙ୍କ ଅଜାଣତରେ ତାଙ୍କ ଜାଲି ଦସ୍ତଖତ କରି ତାଙ୍କ ଅନିଚ୍ଛା ସତ୍ତ୍ୱେ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଶିକ୍ଷୟିତ୍ରୀ ଜଣଙ୍କ ଦୀର୍ଘଦିନ ଚାପରେ ରହିବା ପରେ ରବିବାର ବାରିପଦାସ୍ଥ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପିଲାଙ୍କ ସହିତ ଆସି ଦିବ୍ୟାଙ୍ଗ ମହାସଙ୍ଘ ସଭାପତି ଅରୁଣ ବେହେରାଙ୍କ ସହଯୋଗରେ ଲିଖିତ ଭାବେ ନ୍ୟାୟ ଚାହିଁଛନ୍ତି। ଦୁଇଦିନ ମଧ୍ୟରେ ଯଦି କୌଣସି ନିଷ୍ପତ୍ତି ନିଆ ନ ଯାଏ, ତେବେ ୩୧ ତାରିଖ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଦିବ୍ୟାଙ୍ଗ ହୋଇ ସମାଜରେ ଅପମାନିତ ହେବା ଅପେକ୍ଷା ଶାନ୍ତିରେ ମରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲା ଦିବ୍ୟାଙ୍ଗ ମହାସଙ୍ଘ ଭଉଣୀଙ୍କୁ ଯଦି ନ୍ୟାୟ ନ ମିଳେ ସଦସ୍ୟମାନେ ମଧ୍ୟ ଆତ୍ମାହୂତି ଦେବେ ବୋଲି ଜିଲ୍ଲା ସଭାପତି ଅରୁଣ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ ବେହେରାଙ୍କ କହିବାନୁଯାୟୀ, ଯଦି କେହି ଶିକ୍ଷକ/ଶିକ୍ଷୟିତ୍ରୀ ଦିବ୍ୟାଙ୍ଗ ହୋଇଥିବେ କିମ୍ବା ତାଙ୍କ ସନ୍ତାନ ଦିବ୍ୟାଙ୍ଗ ହୋଇଥିବେ, ତେବେ ସେ ଇଚ୍ଛା ମୁତାବକ ପାଖ ସ୍କୁଲରେ ରହିପାରିବା ନିୟମ ରହିଛି। କିନ୍ତୁ ପ୍ରତିଭା ମଞ୍ଜରୀ ପରିଡା ନିଜେ ଜଣେ ଦିବ୍ୟାଙ୍ଗ ଓ ତାଙ୍କ ପୁଅ ମଧ୍ୟ ଦିବ୍ୟାଙ୍ଗ। ତାଙ୍କ ଜାଲ ଦସ୍ତଖତ କରି ତାଙ୍କ ଅଜାଣତରେ ଏକ ବଡ଼ ଷଡଯନ୍ତ୍ର କରି ତାଙ୍କୁ ଏକ ବାଳିକା ସ୍କୁଲକୁ ବଦଳି କରାଯାଇଛି। ଦିବ୍ୟାଙ୍ଗ ପୁଅ ଥିବାବେଳେ ବାଳିକା ସ୍କୁଲରେ ପଢାଇବା ଅସମ୍ଭବ ଥିବାରୁ ବଦଳି ଆଦେଶ ପାଇବା ପରେ ଶ୍ରୀମତୀ ପରିଡା ତୁରନ୍ତ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବଦଳି ଆଦେଶର ତଦନ୍ତ କରି ପୁନର୍ବିଚାର ପାଇଁ ନେହୁରା ହୋଇଥିଲେ। ତାଙ୍କୁ ନ୍ୟାୟ ମିଳିନି। ଫଳରେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ଜଣଙ୍କ ଅପମାନିତ ହେବା ସହିତ ମାନସିକ ଚାପରେ ଦୀର୍ଘ ୭ ମାସ ରହି ଉପରୋକ୍ତ ପଦକ୍ଷେପ ପାଇଁ ବାଧ ହୋଇଛନ୍ତି।

# ଆଇଏନ୍‌ଏସ୍ ଭାଗଶୀରରେ ଯାତ୍ରା କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର କର୍ଣ୍ଣାଟକର କରୱାର ନୌସେନା ଘାଟିରେ ବୁଡ଼ା ଜାହାଜ ଆଇଏନ୍‌ଏସ୍ ଭାଗଶୀରରେ ଯାତ୍ରା କରିଛନ୍ତି । ନୌସେନା ପ୍ରମୁଖ ଆଡମିରାଲ ଦୀନେଶ କେ. ତ୍ରିପାଠୀ ରାଷ୍ଟ୍ରପତିଙ୍କ ସହ କାଲଭାରୀ ଶ୍ରେଣୀ ବୁଡ଼ାଜାହଜ ଆଇଏନ୍‌ଏସ୍ ଭାଗଶୀରରେ ଯାତ୍ରା କରିଥିଲେ । ରାଷ୍ଟ୍ରପତି ପ୍ରଥମଥର ପାଇଁ ଏହି ଯାତ୍ରା କରିଛନ୍ତି । ତେବେ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ସେ ଏହି ଯାତ୍ରା କରିଛନ୍ତି । ତାଙ୍କ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦ୍ଦୁଲ କଲାମ ପ୍ରଥମ ରାଷ୍ଟ୍ରପତି ଭାବେ ବୁଡ଼ାଜାହଜରେ ଯାତ୍ରା କରିଥିଲେ । କଲାମ ୨୦୦୬ ଫେବୃଆରୀରେ ବୁଡ଼ାଜାହଜରେ ଚଢ଼ିଥିଲେ । ରାଷ୍ଟ୍ରପତି ମୁର୍ମୁ ନୌସେନା ୟୁନିଫର୍ମ ପିନ୍ଧି ବୁଡ଼ାଜାହାଜରେ ପହଞ୍ଚିଥିଲେ । ପି୭୫ ସ୍କର୍ପିନ ପ୍ରକଳ୍ପର ଷଷ୍ଠ ଓ ଅନ୍ତିମ ବୁଡାଜାହାଜ ଆଇଏନ୍‌ଏସ୍ ଭାଗଶୀରକୁ ଗତ ଜାନୁଆରୀରେ ନୌସେନାରେ ସାମିଲ କରାଯାଇଥିଲା । ଏହାପୂର୍ବରୁ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ଦୁଇଟି ଲଢୁଆ ବିମାନରେ ଉଡ଼ାଣ ଭରିସାରିଛନ୍ତି । ଏପରି କରିବାରେ ସେ ପ୍ରଥମ ରାଷ୍ଟ୍ରପତି ଥିଲେ । ରାଷ୍ଟ୍ରପତି ଅକ୍ଟୋବର ୨୯ ରେ ଅମ୍ବାଲା ବାୟୁସେନା ଷ୍ଟେସନରୁ ଏକ ରାଫେଲ ଯୁଦ୍ଧ ବିମାନରେ ଉଡ଼ିଥିଲେ । ସେତବେଳେ ତାଙ୍କ ପାଇଲଟ ଥିଲେ ସ୍କ୍ୱାଡ୍ରନ ଲିଡର ଶିବାଙ୍ଗୀ ସିଂହ । ଏହା ପୂର୍ବରୁ ରାଷ୍ଟ୍ରପତି ୨୦୨୩ ଏପ୍ରିଲ ୭ ରେ ଆସାମର ତେଜପୁର ବାୟୁସେନା ଷ୍ଟେସନରୁ ଏକ ସୁଖୋଇ ୩୦ ଏମ୍‌କେଆଇ ଯୁଦ୍ଧ ବିମାନରେ ଉଡ଼ାଣ ଭରିଥିଲେ । ସୁଖୋଇ ବିମାନରେ ଉଡ଼ିବା ସେ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଥିଲେ । ତାଙ୍କ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ସିଂହ ପାଟିଲ ମଧ୍ୟ ସୁଖୋଇ ବିମାନରେ ଉଡ଼ାଣ ଭରିଥିଲେ ।

# ଜୀବିତ ରୋଗୀଙ୍କୁ ମୃତ ଘୋଷଣା କଲେ ଡାକ୍ତର




**ଶବ ବ୍ୟବଚ୍ଛେଦ ପାଇଁ ପୁଲିସ୍‌କୁ ବି ଡାକିଲେ**

କାନପୁର,୨୮ ।୧୨(ଏଜେନ୍ସି): କାନପୁରର ହାଲେଟ ହସ୍ପିଟାଲରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ହସ୍ପିଟାଲର ଜଣେ କନିଷ୍ଠ ଡାକ୍ତର ଜୀବିତ ଥିବା ଜଣେ ରୋଗୀଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏପରିକି ରୋଗୀଙ୍କ ଶବବ୍ୟବଚ୍ଛେଦ ପାଇଁ ସ୍ୱରୂପ ନଗର ଥାନାକୁ ସୂଚନା ମଧ୍ୟ ପ୍ରଦାନ କରାଯାଇଥିଲା । ଏହାପରେ ପୁଲିସ ହାଲେଟ ମର୍ଚ୍ୟୁରୀ ଅର୍ଥାତ ଶବଗୃହରେ ମୃତଦେହ ଜମା କରିବା ଅବସରରେ ସମ୍ପୃକ୍ତ ରୋଗୀଙ୍କୁ ଜୀବିତ ପାଇଥିଲା । ଏହି ଖବର ପ୍ରଚାର ହେବା ପରେ ସାରା ହସ୍ପିଟାଲରେ ହଇଚଇ ସୃଷ୍ଟି ହୋଇଥିଲା । ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଆରକେ ସିଂହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅବହେଳା କରିଥିବା ଡାକ୍ତରଙ୍କ ସମେତ ୩ କର୍ମଚାରୀଙ୍କୁ ଭର୍ତ୍ସନା କରିଥିଲେ । ତେବେ ଡାକ୍ତର ତାଙ୍କ ଭୁଲ ସ୍ୱୀକାର କରିବା ସହ କ୍ଷମା ମାଗିଥିଲେ ଓ ଭବିଷ୍ୟତରେ ଯେପରି ଏଭଳି ଭୁଲ ନହେବ ସେନେଇ ସତର୍କ ରହିବୁ ବୋଲି କହିଥିଲେ । ଏହି ଘଟଣାରେ ଏକ କମିଟି ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ଡାକ୍ତର ସଞ୍ଜୟ କାଲା କହିଛନ୍ତି । ଏହି ଗୁରୁତର ଅବହେଳା ପାଇଁ କନିଷ୍ଠ ଡାକ୍ତର ହିମାଂଶୁ ମୌର୍ଯ୍ୟ, ଷ୍ଟାଫ୍ ନର୍ସ ସନି ସୋନକର ଓ ୱାର୍ଡ ଆଟେଣ୍ଡାଣ୍ଟ ରାହନୁମାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ୧୨ ନଂ ୱାର୍ଡରେ ଦୁଇଜଣ ରୋଗୀ ଭର୍ତ୍ତି ହୋଇଥିଲେ । ୪୨ ନଂ ବେଡ୍‌ରେ ୪୨ ବର୍ଷୀୟ ବିନୋଦ ଓ ୪୩ ନଂ ବେଡ୍‌ରେ ୬୦ ବର୍ଷୀୟ ଜଣେ ଅଜଣା ବୟସ୍କ ବ୍ୟକ୍ତି ଥିଲେ । ପ୍ରକୃତରେ ବୟସ୍କ ବ୍ୟକ୍ତି ହିଁ ମୃତ୍ୟୁବରଣ କରିଥିଲେ । କିନ୍ତୁ ଡାକ୍ତର ଭୁଲ୍‌ରେ ବିନୋଦଙ୍କୁ ମୃତ ଘୋଷିତ କରିଥିଲେ । ଘଟଣାର ତଦନ୍ତ ପାଇଁ ଭାଇସ ପ୍ରିନ୍ସିପାଲ ରିଚା ଗିରିଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି । ତଦନ୍ତ କମିଟି ୪୮ ଘଣ୍ଟା ମଧ୍ୟରେ ତା'ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ସୋମାଲିଲାଣ୍ଡକୁ ମାନ୍ୟତା

# ଇସ୍ରାଏଲକୁ ୨୧ ମୁସ୍‌ଲିମ ରାଷ୍ଟ୍ରଙ୍କ ବିରୋଧ

ଜେରୁସେଲମ,୨୮ ।୧୨(ଏଜେନ୍ସି): ଇସ୍ରାଏଲ ଡିସେମ୍ବର ୨୬ରେ ଆଫ୍ରିକାର ହର୍ଣ୍ଣରେ ଅବସ୍ଥିତ ଆଂଶିକ ସ୍ୱୀକୃତିପ୍ରାପ୍ତ ଦେଶ ସୋମାଲିଲାଣ୍ଡକୁ ଏକ ସ୍ୱତନ୍ତ୍ର ଦେଶ ରୂପେ ଆନୁଷ୍ଠାନିକ ଭାବେ ମାନ୍ୟତା ପ୍ରଦାନ କରିଛି । ପ୍ରଥମ ଦେଶ ଭାବେ ଇସ୍ରାଏଲ ଏହି ମାନ୍ୟତା ପ୍ରଦାନ କରିଛି । ଇସ୍ରାଏଲର ଏହି ନିଷ୍ପତ୍ତିକୁ ନେଇ ମୁସଲିମ ଦେଶଗୁଡିକ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇଛି । ବିଶ୍ୱର ୨୧ଟି ମୁସ୍‌ଲିମ ଦେଶ ଏହି ନିଷ୍ପତ୍ତିକୁ ବିରୋଧ କରି ମିଳିତ ବିବୃତ୍ତି ପ୍ରଦାନ କରିଛନ୍ତି । ସୋମାଲିଲାଣ୍ଡ ଆଫ୍ରିକା ହର୍ଣ୍ଣରେ ଅବସ୍ଥିତ । ଆଫ୍ରିକା ହର୍ଣ୍ଣ ହେଉଛି ଉତ୍ତର-ପୂର୍ବ ଆଫ୍ରିକାର ଏକ ପ୍ରମୁଖ ଉପଦୀପ । ଏହି ଦେଶ ୧୯୯୧ରେ ସୋମାଲିଆଠାରୁ ସ୍ୱାଧୀନତା ଘୋଷଣା କରିଥିଲା ଓ ସେମେଠାରୁ ସୋମାଲିଲାଣ୍ଡ ଅନ୍ତର୍ଜାତୀୟ ସ୍ୱୀକୃତି ପାଇବା ପାଇଁ ଚେଷ୍ଟା କରିଆସୁଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସୋମାଲିଲାଣ୍ଡ ରାଷ୍ଟ୍ରପତି ଅବଦିର ରହମାନ ମହମ୍ମଦ ଅବଦୁଲ୍ଲାଙ୍କ ସହ ଏକ ମିଳିତ ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ସୋମାଲିଲାଣ୍ଡ ରାଷ୍ଟ୍ରପତି ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଘୋଷଣା କରିଛନ୍ତି । ଏହା ଦ୍ୱାରା ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଶାନ୍ତି ଓ ସମୃଦ୍ଧି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି । ଆଫ୍ରିକୀୟ ସଂଘ ମଧ୍ୟ ଏହାକୁ ବିରୋଧ କରିଛି ଓ ଏହା ସୋମାଲିଆର ସାର୍ବଭୌମତ୍ୱ ଉପରେ ଏକପ୍ରକାର ଆକ୍ରମଣ ବୋଲି କହିଛି । ସେପଟେ ଇସ୍ରାଏଲ ଦେଇଥିବା ଏହି ମାନ୍ୟତାକୁ ତୁରନ୍ତ ପ୍ରତ୍ୟାହାର କରୁ ବୋଲି ସୋମାଲିଆ ଚେତାବନୀ ଦେଇ କହିଛି । ଇସ୍ରାଏଲରକୁ ବିରୋଧ କରିଥିବା ୨୧ଟି ଦେଶଗୁଡିକ ହେଲା ଜୋର୍ଡାନ, ଇଜିପ୍ଟ, ଆଲଜେରିଆ, କୋମାରୋସ, ଜିବୁତି, ଗାମ୍ବିଆ, ଇରାନ, ଇରାକ, କୁଏତ, ଲିବ୍ୟା, ମାଲଦୀପ, ନାଇଜେରିଆ, ଓମାନ, ପାକିସ୍ତାନ, ପାଲେଷ୍ଟାଇନ୍, କତାର, ସାଉଦି ଆରବ, ସୋମାଲିଆ, ସୁଦାନ, ତୁର୍କୀ ଓ ୟେମେନ । ଇସ୍ରାଏଲର ଏହି ନିଷ୍ପତ୍ତି ବିଶ୍ୱଶାନ୍ତି ଓ ସୁରକ୍ଷାକୁ ପ୍ରଭାବିତ କରିବ । ଇସ୍ରାଏଲ ଅନ୍ତର୍ଜାତୀୟ ଆଇନକୁ ଅବମାନନା କରିଛି ବୋଲି ଏହି ଦେଶଗୁଡିକ କହିଛନ୍ତି ।

## ଆମେରିକା ଗଣମାଧ୍ୟମର ରିପୋର୍ଟ

# ହିମାଳୟରେ ସୁଡ଼ଙ୍ଗ, ଏୟାରଷ୍ଟ୍ରିପ୍ କରୁଛି ଭାରତ

ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)



- ଗଲୱାନ ସଂଘର୍ଷ ପରେ ନିର୍ମାଣ ହେଉଛି ଭିତ୍ତିଭୂମି
- ସୀମାକୁ ସହଜ ହେବ ଅସ୍ତ୍ରଶସ୍ତ୍ର ପରିବହନ

ଚୀନ୍ ସହିତ ଯେକୌଣସି ପ୍ରକାର ସମ୍ଭାବ୍ୟ ସଂଘର୍ଷ ପାଇଁ ପ୍ରସ୍ତୁତ ହେବାକୁ ଭାରତ ପ୍ରୟାସ ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଜଣାଶୁଣା ଆମେରିକୀୟ ଗଣମାଧ୍ୟମ 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ' ତା'ର ଏକ ରିପୋର୍ଟରେ ଏ ନେଇ ତଥ୍ୟ ପ୍ରକାଶ କରିଛି । ଭାରତ ହିମାଳୟ ଅଞ୍ଚଳରେ ରାସ୍ତା, ସୁଡଙ୍ଗ ଓ ଏୟାର ଷ୍ଟ୍ରିପ୍ ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । ରିପୋର୍ଟ ଅନୁଯାୟୀ, ୨୦୨୦ରେ ଗଲୱାନ ଉପତ୍ୟାକାରେ ଚୀନ୍ ସହ ହୋଇଥିବା ହିଂସାତ୍ମକ ସଂଘର୍ଷ ପରେ ଭାରତ ଏହି ପଦକ୍ଷେପ ଆରମ୍ଭ କରିଛି । ଏହି ସଂଘର୍ଷ ୨,୨୨୦ ମାଇଲ ଲମ୍ବା ସୀମାରେ ଭାରତର ଲଜିଷ୍ଟିକ ପ୍ରଣାଳୀର ପ୍ରମୁଖ ତ୍ରୁଟିକୁ ସମସ୍ତଙ୍କ ନଜରକୁ ଆଣିଥିଲା । ଦଶନ୍ଧି ଧରି ଚୀନ୍ ତା'ର ସୀମାରେ ରେଳ ଲାଇନ୍ ଓ ରାସ୍ତାର ବିଶାଳ ନେଟୱର୍କ ନିର୍ମାଣ କରିଆସିଛି । କିନ୍ତୁ ଭାରତ ତା'ର ପାର୍ବତ୍ୟ ସୀମାବର୍ତ୍ତୀ ଅଞ୍ଚଳକୁ ଦ୍ରୁତଗତିରେ ସୈନିକ ପରିବହନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାରେ ଯଥେଷ୍ଟ ପଛରେ ପଡିଛି । ୨୦୨୦ ଗଲୱାନ ସଂଘର୍ଷରେ ଦୁଇ ଦେଶର ସୈନିକ ସମୁଦ୍ର ପତନର ୧୪,୦୦୦ ଫୁଟ ଉଚ୍ଚତାରେ କଣ୍ଟା ତାରରେ ଗୁଡାଯାଇଥିବା ବାଡ଼ି ଓ ହାତରେ ସଂଘର୍ଷ କରିଥିଲେ । ଏହି ପାର୍ବତ୍ୟ ଅଞ୍ଚଳରେ ଚୀନ୍ ମାତ୍ର କେତେ ଘଣ୍ଟା ମଧ୍ୟରେ ସାହାଯ୍ୟ ପହଞ୍ଚାଉଥିବା ବେଳେ ଭାରତକୁ ଏଥିପାଇଁ ସପ୍ତାହେ ସମୟ ଲାଗୁଛି । ତେଣୁ ଭାରତ ଏବେ ତା'ର ରଣନୀତିରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି ।

ଏହି ପ୍ରକଳ୍ପଗୁଡିକର ଉଦ୍ଦେଶ୍ୟ ହେଉଛି ଯେ, ବହୁ ଉଚ୍ଚରେ ଥିବା ସାମରିକ ପୋଷ୍ଟଗୁଡିକୁ ବିଚ୍ଛିନ୍ନ ଜନବସତି ସହ ସଂଯୋଗ କରିବା । ଭାରତ ୧୧,୫୦୦ ଫୁଟ୍ ଉଚ୍ଚତାରେ ଜୋଜିଲା ସୁଡଙ୍ଗ ନିର୍ମାଣ କରୁଛି । ୬,୭୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହା ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ନିର୍ମାଣ ସରିଲେ ସୀମା ପୋଷ୍ଟଗୁଡିକୁ ଯୋଗାଣ ସହାୟତା ସହଜ ହେବ ବୋଲି କୁହାଯାଇଛି । ସେପଟେ ଗଲୱାନ ସଂଘର୍ଷ ପରେ ଚୀନ୍ ମଧ୍ୟ ତା'ର ଭିତ୍ତିଭୂମି ନିର୍ମାଣ କରୁଛି । ଭାରତ ମଧ୍ୟ ସୀମାରେ ୩୦ରୁ ଅଧିକ ହେଲିପ୍ୟାଡ ନିର୍ମାଣ କରିଛି ।

# ଖରାପ ପାଗ ପାଇଁ ବିମାନ ଚଳାଚଳ ପ୍ରଭାବିତ

**ଲକ୍ଷ୍ନୌରୁ ମୁମ୍ବାଇ, ବେଙ୍ଗାଲୁରୁକୁ ବିମାନ ଉଡ଼ାଣ ବାତିଲ** | **ଦିଲ୍ଲୀ, ମୁମ୍ବାଇ, ହାଇଦରାବାଦ ରୁଟ୍‌ରେ ବିଳମ୍ବ**

ଲକ୍ଷ୍ନୌ,୨୮ ।୧୨(ଏଜେନ୍ସି): ଘନ କୁହୁଡି ଓ କମ୍ ଦୃଶ୍ୟମାନ ଦୂରତା କମ୍ ହେବା କାରଣରୁ ସମଗ୍ର ଉତ୍ତର ଭାରତରେ ବିମାନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ସମେତ ଅନେକ ସହରକୁ ସଂଯୋଗ କରୁଥିବା ବିମାନଗୁଡିକ ବିଳମ୍ବିତ ହୋଇଛି ଓ ଆଉ କେତେକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି । ବିମାନ ବନ୍ଦରର ରନୱେରେ ଦୃଶ୍ୟମାନ ହ୍ରାସ ପାଇବା କାରଣରୁ ପାଇଲଟମାନଙ୍କୁ ଉଡ଼ାଣ ଓ ଅବତରଣ ପାଇଁ ଅତିରିକ୍ତ ସମୟ ବିତାଇବାକୁ ପଡ଼ିଥିଲା । ଲକ୍ଷ୍ନୌରୁ ମୁମ୍ବାଇ ଓ ବେଙ୍ଗାଲୁରୁ ଯିବାକୁ ଥିବା ବିମାନ ଉଡ଼ାଣଗୁଡିକୁ ବାତିଲ କରିବାକୁ ପଡିଛି । ଫଳରେ ବିମାନ ଯାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଦିଲ୍ଲୀ ଅଭିମୂଖେ ଯାଉଥିବା ଅନ୍ତର୍ଜାତୀୟ ବିମାନଗୁଡିକ କୁହୁଡି ଦ୍ୱାରା ସର୍ବାଧିକ ବାଧାପ୍ରାପ୍ତ ହୋଇଥିଲା । ଭିର୍ଜିନ ଆଟଲାଣ୍ଟିକ ଏୟାରୱେଜ, ବ୍ରିଟିଶ ଏୟାରୱେଜ, ଜାପାନ ଏୟାର ଲାଇନ୍ସ ଓ ଏୟାର ଇଣ୍ଡିଆ ଫ୍ଲାଇଟ୍‌ଗୁଡିକ ୫୦ ମିନିଟି କିମ୍ବା ତା'ଠାରୁ ଅଧିକ ସମୟ ବିଳମ୍ବିତ ହୋଇଥିଲା । ତେବେ ମୁମ୍ବାଇ ଓ ହାଇଦରାବାଦ୍‌ରୁ ଆସୁଥିବା ବିମାନଗୁଡିକ ସାମାନ୍ୟ ପ୍ରଭାବିତ ହୋଇଥିଲା । ସେହିପରି କୁହୁଡି ଓ ପରିଚାଳନାଗତ ତ୍ରୁଟି କାରଣରୁ ଦୁଇଟି ବିମାନ ବାତିଲ ହୋଇଥିଲା । ବେଙ୍ଗାଲୁରୁକୁ ଯାଉଥିବା ଆକାଶ ଏୟାରଲାଇନ୍ସ ବିମାନ ଓ ମୁମ୍ବାଇକୁ ଯାଉଥିବା ଇଣ୍ଡିଗୋ ବିମାନକୁ ବାତିଲ କରିବାକୁ ପଡିଥିଲା ।

# ଭାରତ ପଳାଇଛନ୍ତି ହାଦିଙ୍କ ହତ୍ୟାକାରୀ

ଢାକା,୨୮ ।୧୨(ଏଜେନ୍ସି): ଭାରତ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ଜଣାଶୁଣା ଥିବା ବାଂଲାଦେଶୀ ଯୁବନେତା ଉସ୍‌ମାନ ହାଦିଙ୍କ ହତ୍ୟା ମାମଲା ଏବେ ନୂଆ ମୋଡ଼ ନେଇଛି । ହାଦିଙ୍କୁ ହତ୍ୟା କରିଥିବା ଦୁଇ ସନ୍ଦିଗ୍ଧ ଭାରତ ଖସି ପଳାଇଯାଇଛନ୍ତି । ବାଂଲାଦେଶ ଖବର କାଗଜ 'ଦି ଡେଲି ଷ୍ଟାର' ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଦୁଇ ସନ୍ଦିଗ୍ଧ ମେଘାଳୟ ବାଟ ଦେଇ ଭାରତ ପଳାଇଯାଇଛନ୍ତି । ଢାକା ମେଟ୍ରୋପଲିଟାନ ପୁଲିସ (ଡିଏମ୍‌ପି) ଡେଲି ଷ୍ଟାରକୁ ହିଁ ଏହି ସୂଚନା ପ୍ରଦାନ କରିଥିଲା ବୋଲି କୁହାଯାଇଛି । ତେବେ ବାଂଲଦେଶ ପୁଲିସର ଏହି ଅଭିଯୋଗକୁ ମେଘାଳୟରେ ଥିବା ସୁରକ୍ଷା ଏଜେନ୍ସିଗୁଡିକ ଖଣ୍ଡନ କରିଛନ୍ତି । ଏହାର କୌଣସି ପ୍ରମାଣ ନାହିଁ । ଏଭଳି ଅଭିଯୋଗ ଭିତ୍ତିହୀନ ଓ ଅମୂଳକ । ଏନେଇ ଆମ ପାଖରେ କୌଣସି ଖବର ନାହିଁ ବୋଲି ବିଏସ୍‌ଏଫ୍‌ର ମେଘାଳୟର ମୁଖ୍ୟ ଆଇଜି ଓପି ଉପାଧ୍ୟାୟ କହିଛନ୍ତି ।

**ଭାରତୀୟ ଏଜେନ୍ସିର ଖଣ୍ଡନ**

ଅତିରିକ୍ତ ପୁଲିସ କମିଶନର ଏସ୍‌ଏନ୍ ନଜରୁଲ ଇସଲାମ ଗଣମାଧ୍ୟମଗୁଡିକୁ କହିଛନ୍ତି ଯେ, ଦୁଇ ସଂଦୀଗ୍ଧ ବ୍ୟକ୍ତି ପୈସଲ କରିମ ମାସୁଦ୍ଦ ଓ ଆଲମଗିରି ଶେଖ ମୈମେନସିଂ ଜିଲ୍ଲାର ହାଲୁଆଘାଟ ସୀମା ଦେଇ ଭାରତର ମେଘାଳୟ ରାଜ୍ୟକୁ ପ୍ରବେଶ କରିଥିଲେ । ଏହି ଦୁଇଜଣ ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ସୀମା ପାର କରିବାରେ ସଫଳ ହୋଇଥିଲେ । ଏ ସଂକ୍ରାନ୍ତରେ ଆମେ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛୁ ଓ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ଭାରତରେ ପ୍ରବେଶ କରିବା ପରେ ଦୁହେଁ ପୂର୍ତ୍ତୀ ନାମକ ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ଏହାପରେ ସାମି ନାମକ ଜଣେ ଟ୍ୟାକ୍ସି ଡ୍ରାଇଭର ଦୁଇଜଣଙ୍କୁ ମେଘାଳୟର ତୁରା ଟାଉନକୁ ନେଇଥିଲେ । ଏହି ଦୁଇଜଣଙ୍କୁ ସହାୟତା ପ୍ରଦାନ କରିଥିବା ଦୁଇ ବ୍ୟକ୍ତିଙ୍କୁ ଭାରତ କର୍ତ୍ତୃପକ୍ଷ ଅଟକ ରଖିଛନ୍ତି । ଏ ନେଇ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇଛି । ସେମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବାକୁ ପ୍ରୟାସ କରାଯାଉଛି ଓ ପୁଲିସ ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରୁଛି ବୋଲି କୁହାଯାଉଛି । ପୂର୍ବରୁ ହାଦିଙ୍କ ହତ୍ୟା ମାମଲାରେ ବାଂଲାଦେଶ ଭାରତକୁ ହିଁ ଦାୟୀ କରିଥିଲା । ହାଦିଙ୍କ ହତ୍ୟା ବିରୋଧରେ ବାଂଲାଦେଶରେ ଏବେ ମଧ୍ୟ ବିରୋଧ ପ୍ରଦର୍ଶନ ଜାରି ରହିଛି ।

# ଲଣ୍ଡନରେ ଭାରତୀୟଙ୍କ ବିକ୍ଷୋଭ ପ୍ରଦର୍ଶନରେ ବାଧା ଦେଲେ ଖଲିସ୍ତାନୀ ସମର୍ଥକ

ଲଣ୍ଡନ,୨୮ ।୧୨(ଏଜେନ୍ସି): ଲଣ୍ଡନସ୍ଥିତ ବାଂଲାଦେଶ ହାଇକମିଶନ ବାହାରେ ଭାରତୀୟ ହିନ୍ଦୁ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ କେତେକ ଖଲିସ୍ଥାନୀ ସମର୍ଥକ ଏଥିରେ ବାଧାସୃଷ୍ଟି କରିଛନ୍ତି । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହାକୁ ବିରୋଧ କରି ଡିସେମ୍ବର ୨୭ରେ ଭାରତୀୟମାନେ ବିରୋଧ ପ୍ରଦର୍ଶନ କରିଥିଲେ । ଶିଖ୍ ଫର ଜଷ୍ଟିସ୍ (ଏସ୍‌ଜେଏଫ୍) ସହ ଜଡ଼ିତ ଖଲିସ୍ତାନ କାର୍ଯ୍ୟକର୍ତ୍ତା ସେଠାକୁ ଆସି ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ ଓ ଖଲିସ୍ତାନ ପତାକା ଉଡ଼ାଇଥିଲେ । ସହିଦ ନିଜ୍ଜର ଓ ସହିଦ ହାଦି ଲେଖାଥିବା ପୋଷ୍ଟର ପ୍ରଦର୍ଶନ କରିଥିଲେ ଖଲିସ୍ତାନୀ ସମର୍ଥକ । ଏହି ଅବସରରେ ସେମାନେ ଭାରତୀୟଙ୍କୁ ଧକ୍କା ମାରିଥିଲେ । ନିଜକୁ ରକ୍ଷା କରିବା ପାଇଁ ବାଂଲାଦେଶ ହିନ୍ଦୁ କିପରି ଭାରତ ଆସିବେ ସେଥିପାଇଁ ସୀମା ଖୋଲିବାକୁ ଭାରତୀୟ ବିକ୍ଷୋଭ ପ୍ରଦର୍ଶନକାରୀ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି । ବାଂଲାଦେଶରେ ଗୋଟିଏ ବର୍ଷରେ ହିନ୍ଦୁମାନଙ୍କ ଉପରେ ୨୯୦୦ରୁ ଅଧିକ ହିଂସାତ୍ମକ ଆକ୍ରମଣ କରାଯାଇଛି । କିଛିଦିନ ତଳେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ମିଥ୍ୟା ଈଶନିନ୍ଦା ଅଭିଯୋଗରେ ଉତ୍ତ୍ୟକ୍ତ ଭିଡ଼ ହତ୍ୟା କରିବା ପରେ ନିଆଁରେ ଜାଳିଦେଇଥିଲେ ଓ ଏହା ଭାରତ ସମେତ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଥିଲା ।

# ହୁମାୟୁନ କବୀରଙ୍କ ପୁଅ ଅଟକ

କୋଲକାତା,୨୮ ।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବରୀ ମସଜିଦ୍‌ର ଶିଳାନ୍ୟାସ ରଖିଥିବା ଜନତା ଉନ୍ନୟନ ପାର୍ଟି (ଜେୟୁପି)ର ଅଧ୍ୟକ୍ଷ ହୁମାୟୁନ କବୀରଙ୍କ ପୁଅ ଗୁଲାମ ନବୀ ଆଜାଦକୁ ଅଟକ ରଖାଯାଇଛି । ଜଣେ କାର୍ଯ୍ୟରତ ପୁଲିସଙ୍କ ଉପରେ ସେ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି । କନେଷ୍ଟବଳ ଅଭିଯୁକ୍ତଙ୍କ ପିତା କବୀରଙ୍କ ସୁରକ୍ଷା ପାଇ ନିୟୋଜିତ ଥିଲେ । କବୀରଙ୍କୁ ଛୁଟି ମାଗିବା ସମୟରେ ଗୁଲାମ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ ବୋଲି କନେଷ୍ଟବଳ ଜଣକ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଆଧାରରେ ପୁଲିସ ଗୁଲାମକୁ ଶକ୍ତିପୁର ଥାନାରେ ଅଟକ ରଖି ପଚରାଉଚରା କରୁଛି । ଅବଶ୍ୟ ଘଟଣା ସମୟରେ କବୀର ଘରେ ନଥିଲେ । କବୀର ତୃଣମୂଳ କଂଗ୍ରେସରୁ ଭରତପୁରରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

# ନୁର୍‌ଖାନ୍ ଏୟାରବେସ୍‌ରେ ଭାରତ ୮୦ ଡ୍ରୋନ୍ ମାଡ଼ କରିଥିଲା: ପାକିସ୍ତାନ

ଇସଲାମାବାଦ,୨୮ ।୧୨(ଏଜେନ୍ସି): ପାକିସ୍ତାନ ଉପ ପ୍ରଧାନମନ୍ତ୍ରୀ ଇଶାକ ଦାର ଅପରେସନ ସିନ୍ଦୂର ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି । ଏହି ଅପରେସନରେ ଭାରତ ପାକିସ୍ତାନର ନୁରଖାନ ଏୟାର ବେଶ୍ ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ବହୁ ସୈନ୍ୟ ଆହତ ହୋଇଥିଲେ ଓ ସେନା ଆଡ୍ଡା କ୍ଷତିଗ୍ରସ୍ତ ହୋଇଥିଲା ବୋଲି ବର୍ଷ ଶେଷର ଅନ୍ତିମ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିନ କରି ସେ ଏହି କଥା କହିଛନ୍ତି । ଭାରତ ରାୱଲପିଣ୍ଡିର ଚକଲା ଅଞ୍ଚଳରେ ନିର୍ମିତ ନୁର ଖାନ୍ ଏୟାରବେସକୁ ଟାର୍ଗେଟ କରିଥିଲା ଓ ୩୬ ଘଣ୍ଟା ମଧ୍ୟରେ ପାକିସ୍ତାନ ଉପରେ ୮୦ରୁ ଅଧିକ ଡ୍ରୋନ ପଠାଇଥିଲା । ତେବେ ପାକିସ୍ତାନ ୭୯ ଡ୍ରୋନକୁ ଖସାଇ ଦେଇଥିଲା । କିନ୍ତୁ ଗୋଟିଏ ଡ୍ରୋନ ଏୟାରବେସ୍ ନିକଟରେ ପହଞ୍ଚିଥିଲା । ଭାରତ ପାକିସ୍ତାନର ଏକାଧିକ ସୈନ୍ୟ ଆଡ୍ଡା ଉପରେ ଆକ୍ରମଣ କରିଥିଲା । ଫଳରେ ମୋଟ ଉପରେ ୧୧ଟି ଆଡ୍ଡା କ୍ଷତିଗ୍ରସ୍ତ ହୋଇଥିଲା ।

**'ଅପରେସନ ସିନ୍ଦୂର'ରେ ନଷ୍ଟ ହୋଇଥିଲା ୧୧ ଏୟାରବେସ୍**

## ମ୍ୟାଁମାରରୁ ଭେନେଜୁଏଲା

# ସାରା ବିଶ୍ୱରେ ଦଖଲ ଦେଉଛି ଆମେରିକା

ୱାସିଂଟନ, ୨୮ ।୧୨ (ଏଜେନ୍ସି)



- ସରକାର ହଟାଇବାକୁ ଯୁଦ୍ଧ ଜାହାଜ ମୁତୟନ; ୫୦% ଶୁଳ୍କ ଲାଗୁ
- ନିର୍ବାଚନୀ ଫଳାଫଳ ଜନତା ନୁହେଁ; ଆମେରିକା ସ୍ଥିର କରୁଛି
- ମ୍ୟାଁମାରରେ ଚୀନ୍‌କୁ ଆହ୍ୱାନ

ଆମେରିକା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି । ଅନେକ ଦେଶର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ଖେଳାଉଛି । ନିଜ ଦେଶର ନୀତିକୁ ସମର୍ଥନ ଦେଉ ନ ଥିବା ସରକାରକୁ ଭାଙ୍ଗିବାକୁ ଆମେରିକା ପ୍ରୟାସ କରୁଛି । ଏଥିପାଇଁ ସିଧାସଳଖ ଦଖଲ ଦେଉଛି । ସ୍ଥିତି ଏପରି ହୋଇଛି ଯେ କୌଣସି ଦେଶର ନିର୍ବାଚନ ଫଳାଫଳ ସେହି ଦେଶର ଜନତା ନୁହେଁ, ବରଂ ଆମେରିକା ସ୍ଥିର କରୁଛି । ଦୀର୍ଘ ବର୍ଷ ହେଲା ଆମେରିକା ଉପରେ ଏଭଳି ଅଭିଯୋଗ ଲାଗି ଆସିଛି । ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଏହି ଦଖଲ ସୀମା ଟପି ଯାଇଛି । ସରକାରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ସେ ଅଲଗା ଅଲଗା ଉପାୟ ଅବଲମ୍ବନ କରୁଛନ୍ତି । କେଉଁଠି ନିଜ ପସନ୍ଦଯୋଗ୍ୟ ନେତାଙ୍କୁ ଜିତାଇବା ପାଇଁ ଚାହୁଁଛନ୍ତି ତ ଆଉ କେଉଁଠି ରାଷ୍ଟ୍ରପତିଙ୍କୁ ଗାଦିଚ୍ୟୁତ କରିବାକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି । ଅନ୍ୟ କେଉଁଠି ସାମରିକ ଏବଂ ଆର୍ଥିକ କ୍ଷମତା ବ୍ୟବହାର କରି ସରକାର ଭୁଶୁଡ଼ାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି । ଭେନେଜୁଏଲା ଏହାର ପ୍ରକୃଷ୍ଟ ଉଦାହରଣ ପାଲଟିଛି ।

ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବାକୁ ଟ୍ରମ୍ପ ପ୍ରୟାସ କରୁଛନ୍ତି । ସେ ନିଜ ପ୍ରଥମ କାର୍ଯ୍ୟକାଳ ୨୦୧୯ରେ ଭେନଜୁଏଲାର ବିରୋଧୀ ନେତା ଜୁଆନ ଗୁଆଇଦୋଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ମାନିଥିଲେ । ମାଦୁରୋ ନିଶା କାରବାରରେ ସମ୍ପୃକ୍ତ ଏବଂ ଜାଲିଆତି କରି ନିର୍ବାଚନ ଜିତିଥିବା ଟ୍ରମ୍ପ ଅଭିଯୋଗ କରିଥିଲେ । ଦ୍ୱିତୀୟଥର ରାଷ୍ଟ୍ରପତି ହେବା ପରେ ମାଦୁରୋଙ୍କୁ ହଟାଇବା ପାଇଁ ସେ ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି । ସିଆଇଏ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ମଞ୍ଜୁରି ଦେଇଛନ୍ତି । ଭେନେଜୁଏଲାର ତୈଳ ଟ୍ୟାଙ୍କରକୁ ମଧ୍ୟ ଆମେରିକା ସେନା ଜବତ କରୁଛି ।

ବ୍ରାଜିଲରେ ଟ୍ରମ୍ପ ଅସ୍ଥିରତା ସୃଷ୍ଟି କରିଛନ୍ତି । ଦୁର୍ନୀତି ମାମଲାରେ ଫସିଥିବା ପୂର୍ବତନ ରାଷ୍ଟ୍ରପତି ତଥା ଘନିଷ୍ଠ ସହଯୋଗୀ ଜାର ବୋଲସୋନାରୋଙ୍କୁ ଟ୍ରମ୍ପ ସମର୍ଥନ କରୁଛନ୍ତି । ଏହାକୁ ସାକାର କରିବା ପାଇଁ ଭେନେଜୁଏଲା ଉପରେ ଆମେରିକା ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ସେହିପରି ବୋଲସୋନାରୋଙ୍କ ବିରୋଧରେ ରାୟ ଦେଇଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ବିରୋଧରେ ଭିସା ଏବଂ ଆର୍ଥିକ କଟକଣା ଲଗାଯାଇଛି । ବୋଲସୋନାରୋଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଚାପ ପକାଇବା ବୋଲି ବାର୍ତ୍ତା ଦିଆଯାଉଛି ।

ମଧ୍ୟ ଆମେରିକୀୟ ଦେଶ ହୋଣ୍ଡୁରାସରେ ନଭେମ୍ବର ୩୦ରେ ନିର୍ବାଚନ ହୋଇଥିଲା । ଏଥିରେ ଟ୍ରମ୍ପ ଖୋଲାଖୋଲି ଭାବେ ଶାସକ ନସରି ଅସଫୁରାଙ୍କୁ ସମର୍ଥନ ଦେଇଥିଲେ । ସେ ନ ଜିତିଲେ ଆମେରିକା ଦେଉଥିବା ଆର୍ଥିକ ସହାୟତା ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ନିର୍ବାଚନରେ ଜାଲିଆତି, ଭୋଟ ଗଣତିରେ ବିଳମ୍ବ, ଯାନ୍ତ୍ରିକ ତ୍ରୁଟି ମଧ୍ୟରେ ଅସଫୁରାଙ୍କୁ ବିଜେତା ଘୋଷଣା କରାଯାଇଥିଲା । ତେବେ ବିରୋଧୀ ଏହି ଫଳାଫଳକୁ ମାନିବାକୁ ମନା କରିଦେଇଥିଲେ । ନିର୍ବାଚନ ସମୟରେ ହଣ୍ଡୁରାସର ପୂର୍ବତନ ରାଷ୍ଟ୍ରପତି ଜୁଆନ ଓରଲାଣ୍ଡୋଙ୍କ ଦଣ୍ଡକୁ କ୍ଷମା କରିଦିଆଯାଇଥିଲା । ସେ ଆମେରିକାକୁ ନିଶା ଚୋରାଚାଲାଣ କରୁଥିବା ଅଭିଯୋଗ ଲାଗିଥିଲା । ସେ ମଧ୍ୟ ଅସଫୁରାଙ୍କ ଦଳ ସହ ଜଡ଼ିତ ଥିଲେ । ଏହାକୁ ଟ୍ରମ୍ପଙ୍କ ରାଜନୈତିକ ଚାଲ ଧରା ଯାଇଥିଲା ।

୨୦୨୫ ଅକ୍ଟୋବର ୨୬ରେ ଆର୍ଜେଣ୍ଟିନାର ସଂସଦୀୟ ନିର୍ବାଚନ ପୂର୍ବରୁ ଟ୍ରମ୍ପ ସେଠାକାର ରାଷ୍ଟ୍ରପତି ଜେଭିୟର ମିଲେଇଙ୍କ ସହ କଥା ହୋଇଥିଲେ । ସେ ହାରିଗଲେ ଆର୍ଜେଣ୍ଟିନା ଉପରେ କଠୋର ଆଭିମୁଖ୍ୟ ଆପଣା ଯିବ ବୋଲି ଟ୍ରମ୍ପ କହିଥିଲେ । ଏହାକୁ ନେଇ ଭୟର ବାତାବରଣ ବ୍ୟାପି ଯାଇଥିଲା । ରାଜନୀତି ଅଧିକ ବୃଦ୍ଧି ପାଇଥିଲା । ଶେଷରେ ନିର୍ବାଚନୀରେ ମିଲେଇଙ୍କ ଦଳ ବିଜୟୀ ହୋଇଥିଲା ।

୨୦୨୦ରେ ଆମେରିକା ସମର୍ଥନରେ ନୋବେଲ ବିଜେତା ମାନବାଧିକାର କର୍ମୀ ଆଙ୍ଗ ସାନ ସୁ କି ମ୍ୟାଁମାରରେ କ୍ଷମତାସୀନ ହୋଇଥିଲେ । ମାତ୍ର ୨୦୨୧ରେ ସେନା କ୍ଷମତା ଦଖଲ କରିଥିଲା । ଏବେ ୨୮ ତାରିଖରେ ଆମେରିକାରେ ନିର୍ବାଚନ ହେବାକୁ ଯାଉଛି । ତେବେ ଦେଶର ଅର୍ଦ୍ଧାଧିକ ଭାଗରେ ଏହି ନିର୍ବାଚନ ହେବ ନାହିଁ । ଏ ସବୁରୁ ବିରୋଧୀ ନେତାଙ୍କୁ ବାହାର କରି ଦିଆଯାଉଛି । କେବଳ ଦେଖାଇବା ପାଇଁ ଏହି ନିର୍ବାଚନ ହେଉଥିବା କୁହାଯାଉଛି । ଏଠାରେ ଆମେରିକାକୁ ଚୀନ୍ ଆହ୍ୱାନର ମୁକାବିଲା କରିବାକୁ ପଡୁଛି । ଏହି ନିର୍ବାଚନ ପାଇଁ ଚୀନ୍ ଭୋଟର ତାଲିକା, ଜ୍ଞାନକୌଶଳ ଏବଂ ପର୍ଯ୍ୟବେକ୍ଷକ ପଠାଇ ସାମରିକ ଶାସକ ଜେନେରାଲ ମିନ ଆଙ୍ଗ ହ୍ଲାଇଙ୍ଗଙ୍କୁ ବୈଧ ଦେଖାଇବାକୁ ଚାହୁଁଛି । ଭାରତ ମହାସାଗରରେ ପହଞ୍ଚିବା ପାଇଁ ମ୍ୟାଁମାରକୁ ଚୀନ୍ ଏକ ମାର୍ଗ ଭାବେ ଦେଖୁଛି । ଏଠାରେ ବନ୍ଦର, ତୈଳ ଗ୍ୟାସ ପାଇପଲାଇନ,ରାସ୍ତା ନିର୍ମାଣ ସହିତ ଅନେକ ବଡ଼ ପ୍ରକଳ୍ପ ଚଳାଇଛି । ମାତ୍ର ଗୃହଯୁଦ୍ଧ ଯୋଗୁଁ ସବୁ ଅଟକି ରହିଛି । ଏଥିପାଇଁ ସେନା ଶାସନକୁ ଚୀନ୍ ସମର୍ଥନ ଦେଉଛି । ମାତ୍ର ଆମେରିକା ଏପରି ଚାହୁଁ ନାହିଁ । ଚୀନ୍ କର୍ତ୍ତୃତ୍ୱ ହ୍ରାସ କରିବା ପାଇଁ ପ୍ରୟାସ କରୁଛି । ମ୍ୟାଁମାର ଉପରେ ଚାପ ପକାଉଛି ।

# ଭାରତ ସହ ପୁଣି ଯୁଦ୍ଧ ପାଇଁ ପ୍ରସ୍ତୁତ: ଜର୍ଦ୍ଦାରୀ

କରାଚୀ,୨୮ ।୧୨(ଏଜେନ୍ସି): ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ପୁଣି ଏକ ବିବାଦୀୟ ତଥା ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି । ଭାରତ ସହ ପାକିସ୍ତାନ ପୁଣିଥରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି । ଗତ ମେ' ମାସରେ ଯୁଦ୍ଧ ସମୟରେ ପାକିସ୍ତାନ ଭାରତ ଆକ୍ରମଣର କଡ଼ା ଜବାବ ଦେଇଥିଲା । ଏହାପରେ ଯୁଦ୍ଧ ଏକ ପିଲା ଖେଳ ନୁହେଁ ବୋଲି ଭାରତ ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ସେ କହିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ମୃତ୍ୟୁ ବାର୍ଷିକୀ ପାଳନ ପାଇଁ ଶନିବାର କରାଚୀରେ ଆୟୋଜିତ ରାଲିରେ ଭାଷଣ ଦେବା ଅବସରରେ ସେ ଏହା କହିଛନ୍ତି । ସେହିପରି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାବଲ ଭୁଟ୍ଟୋ ଜର୍ଦ୍ଦାରୀ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି । ସେ କହିଛନ୍ତି ଯେ, ମୋଦୀ ମୁନୀରଙ୍କ ନାମ ଶୁଣିବା ମାତ୍ରେ ହିଁ ଲୁଚି ଯାଉଛନ୍ତି । ମୁନୀରଙ୍କୁ ମୋଦୀ ଭୟ କରୁଛନ୍ତି । ବିଦେଶରେ ମୋଦୀ ଏବେ ପାକିସ୍ତାନ ବିରୋଧରେ ଆଉ କିଛି କହୁନାହାନ୍ତି । ଗତ ମେ'ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତକୁ ପରାସ୍ତ କରିଥିଲା ବୋଲି ବିଲାବଲ କହିଛନ୍ତି ।






# ବିଶ୍ୱକପ୍‌ର ବର୍ଷ

୨୦୨୬ ହେବ ବିଶ୍ୱକପ୍‌ର ବର୍ଷ। ଫିଫା ବିଶ୍ୱକପ୍, ଟି-୨୦ ବିଶ୍ୱକପ୍, ରଗ୍‌ବୀ ୱାର୍ଲ୍ଡ କପ୍ ଓ ଏସିଆନ୍ ଗେମ୍ସ ପରି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ। ଶୀତକାଳୀନ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସ ଆୟୋଜନର କାର୍ଯ୍ୟକ୍ରମ ରହିଛି। ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୱାର୍ଲ୍ଡ ବେସ୍‌ବଲ୍ କ୍ଲାସିକ୍, ୧୭ ବର୍ଷରୁ କମ୍ ମହିଳା ଓ ପୁରୁଷ ବିଶ୍ୱକପ୍, ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍, ୱାର୍ଲ୍ଡ ଇଣ୍ଡୋର ଆଥ୍‌ଲେଟିକ୍ ଓ ୱାର୍ଲ୍ଡ ଫିଗର ସ୍କେଟିଂ ଚାମ୍ପିଅନସିପ୍ ମଧ୍ୟ ଆୟୋଜିତ ହେବ। ତେବେ ଫୁଟବଲ ଓ କ୍ରିକେଟରେ ୪ଟି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାରତୀୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ।

## ଫୁଟବଲ୍‌ରେ ୪ଟି ବିଶ୍ୱକପ୍

ସବୁଠୁ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ମହାକୁମ୍ଭ ସିନିଅର ପୁରୁଷ ଫିଫା ବିଶ୍ୱକପ୍ ଏଥର ଉତ୍ତର ଆମେରିକାର ୩ଟି ଦେଶ ଯଥା ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋରେ ଖେଳାଯିବ। ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣରେ ଏଥର ସର୍ବାଧିକ ୬ଟି ମହାଦେଶରୁ ୪୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ୧୬ଟି ସହରରେ ମୋଟ ୩୯ ଦିନରେ ୧୦୪ଟି ମ୍ୟାଚ୍ ଖେଳାଯିବ। ଏଥିସହ ପୋଲାଣ୍ଡରେ ୨୦ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍, ମରୋକ୍କୋରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଓ କତାରରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍ ଅନୁଷ୍ଠିତ ହେବ।

## ପୁରୁଷ ଓ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

ଆଧୁନିକ କ୍ରିକେଟର ସବୁଠାରୁ ଲୋକପ୍ରିୟ ଟି-୨୦ ଫର୍ମାଟରେ ୨ଟି ବିଶ୍ୱକପ୍ ୨୦୨୬ରେ ଆୟୋଜିତ ହେବ। ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ, ଇଂଲଣ୍ଡରେ ମହିଳା ବିଶ୍ୱକପ୍‌ର ୧୦ମ ସଂସ୍କରଣ ଖେଳାଯିବ। ପୁରୁଷ ବିଭାଗରେ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବ। ଏଥର ୨୦ଟି ଦଳ ଅଂଶଗ୍ରହଣ କରିବେ। ଭାରତର ୫ଟି ଓ ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ସମସ୍ତ ୫୫ଟି ଯାକ ମ୍ୟାଚ୍ ଆୟୋଜିତ ହେବ। ଇଂଲଣ୍ଡ ଓ ୱେଲ୍ସରେ ଜୁନ୍ ୧୨ରୁ ଜୁଲାଇ ୫ ମଧ୍ୟରେ ୧୨ଟି ଦଳକୁ ନେଇ ହେବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍‌ର ୩୩ଟି ମ୍ୟାଚ୍ ୭ଟି ଭେନ୍ୟୁରେ ଖେଳାଯିବ। ଜାନୁଆରୀ ୧୫ରୁ ଫେବୃଆରୀ ୬ ମଧ୍ୟରେ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଜିମ୍ବାୱେ ଓ ନାମିବ୍ୟାରେ ପ୍ରଥମଥର ଖେଳାଯିବ।

## ପୁରୁଷ ହକି ବିଶ୍ୱକପ୍

ବେଲଜିୟମର ୱାଭରେ ଓ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ଠାରେ ୫ଟି ମହାଦେଶର ୧୬ଟି ଦଳକୁ ନେଇ ସିନିଅର ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ଅଗଷ୍ଟ ୧୪ରୁ ୩୦ ଯାଏ ଆୟୋଜିତ ହେବ। ବିହାରର ରାଜଗିରଠାରେ ଅନୁଷ୍ଠିତ ଏସିଆ କପ୍‌ରେ ଚାମ୍ପିଅନ ହୋଇ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଏକଦା ଜାତୀୟ ଖେଳର ମାନ୍ୟତା ପାଇଥିବା ହକିରେ ଭାରତର ବିଶ୍ୱକପ୍ ପଦକ ଆଶା ଘରୋଇ ମାଟିରେ ସମ୍ଭବ ହୋଇ ନ ଥିଲା। ୧୯୭୫ ମୁମ୍ବଇ ବିଶ୍ୱକପ୍ ଚାମ୍ପିଅନ ଭାରତ ଏଥର ଏହି ଧାରାରେ ପରିବର୍ତ୍ତନ କରିବ ବୋଲି ଆଶା ରଖିଛି।



## ଜାପାନରେ ଏସିଆନ ଗେମ୍ସ

ଅଲିମ୍ପିକ୍ସ ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଭାବେ ଏସିଆନ୍ ଗେମ୍ସକୁ ବିବେଚନା କରାଯାଇଥାଏ। ଚଳିତବର୍ଷ ଏହି ମେଗା ଇଭେଣ୍ଟ ଜାପାନରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଜାପାନର ଅନ୍ୟତମ ଶ୍ରେଷ୍ଠ ସହର ନାଗୋୟାର ଆଇଚିରେ ଏହି ଇଭେଣ୍ଟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୪ରେ ଶେଷ ହେବ। ଏଥିରେ ୪୫ଟି ଅଂଶଗ୍ରହଣକାରୀ ଦେଶରୁ ପ୍ରାୟ ୧୫,୦୦୦ ଆଥଲେଟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଖେଳାଯାଇଥିବା ୩୨ଟି ଇଭେଣ୍ଟ ସମେତ ପାଖାପାଖି ୪୨ଟି ଖେଳରେ ପ୍ରତିଯୋଗିତା ଆୟୋଜିତ ହେବ।

## କମନୱେଲ୍‌ଥ ଗେମ୍ସ ବା ରାଜ୍ୟଗୋଷ୍ଠୀ କ୍ରୀଡ଼ା

୨୦୨୬ରେ ମଲ୍ଟିସ୍ପୋର୍ଟ୍ସରେ ଏସିଆନ୍ ଗେମ୍ସ ପରେ କେବଳ କମନୱେଲ୍‌ଥ ଏକ ଅନ୍ତର୍ଜାତୀୟ ଇଭେଣ୍ଟ ରହିଛି। ଏଥର ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରରେ ଏହି ପ୍ରତିଯୋଗିତା ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୨ରେ ଶେଷ ହେବ। ଅର୍ଥସଙ୍କଟ ଦେଇ ଗତିକରୁଥିବା ଏହି ପ୍ରତିଯୋଗିତାରେ ଏଥର ୧୦ଟି କ୍ରୀଡ଼ାରେ ଲଢ଼େଇ ହେବ। କିନ୍ତୁ ଅର୍ଥସଙ୍କଟ ଯୋଗୁ ଏଥର କ୍ରିକେଟ, ହକି, ବ୍ୟାଡମିଣ୍ଟନ, ସୁଟିଂ, ସ୍କ୍ୱାଶ୍, ରେସଲିଂ, ଟ୍ରାଏଥଲନ, ଆର୍ଚେରୀ ଓ ଟେବୁଲ ଟେନିସ ଖେଳକୁ ବାଦ୍ ଦିଆଯାଇଛି।

## ୨୦୨୬ର ପ୍ରମୁଖ ବିଶ୍ୱକପ୍ ବା ବିଶ୍ୱ ଚାମ୍ପିଅନସିପ୍

| ତାରିଖ | ଇଭେଣ୍ଟ | ଆୟୋଜକ/ଭେନ୍ୟୁ |
|---|---|---|
| ୧୫।୧ରୁ ୬।୨ | ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ | ଜିମ୍ବାୱେ, ନାମିବ୍ୟା |
| ୭।୨ରୁ ୮।୩ | ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ | ଭାରତ- ଶ୍ରୀଲଙ୍କା |
| ୨୦ରୁ ୨୨।୩ | ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ | ପୋଲାଣ୍ଡ |
| ୨୪ରୁ ୨୯।୩ | ୱାର୍ଲ୍ଡ ଫିଗର ସ୍କେଟିଂ ଚାମ୍ପିଅନିସପ୍ | ଚେକ୍ ରିପବ୍ଲିକ୍ |
| ୧୮।୪ରୁ ୪।୫ | ୱାର୍ଲ୍ଡ ସ୍ନୁକର ଚାମ୍ପିଅନସିପ୍ | ଶେଫିଲ୍ଡ, ଇଂଲଣ୍ଡ |
| ୨୮।୪ରୁ ୧୦।୫ | ୱାର୍ଲ୍ଡ ଟିମ୍ ଟିଟି ଚାମ୍ପିଅନସିପ୍ | ଲଣ୍ଡନ, ଇଂଲଣ୍ଡ |
| ୧୧।୬ରୁ ୧୯।୭ | ଫିଫା ୱାର୍ଲ୍ଡ କପ୍ ଫୁଟବଲ | ଆମେରିକା, କାନାଡା, ମେକ୍ସିକୋ |
| ୧୨।୬ରୁ ୫।୭ | ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ | ଇଂଲଣ୍ଡ ଓ ୱେଲ୍ସ |
| ୫ରୁ ୯।୮ | ୱାର୍ଲ୍ଡ ଜୁନିଅର ରୋଇଂ ଚାମ୍ପିଅନସିପ୍ | ବୁଲଗେରିଆ |
| ୧୪ରୁ ୩୦।୮ | ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ | ନେଦରଲାଣ୍ଡସ ଓ ବେଲଜିୟମ୍ |
| ୧୭ରୁ ୨୩।୮ | ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ | ନୂଆଦିଲ୍ଲୀ, ଭାରତ |
| ୨୩ରୁ ୩୦।୮ | ୱାର୍ଲ୍ଡ ରୋଇଂ ଚାମ୍ପିଅନସିପ୍ | ଆମଷ୍ଟଲଭିନ୍, ନେଦରଲାଣ୍ଡସ |
| ୪ରୁ ୧୩।୯ | ଫିବା ମହିଳା ବାସ୍କେଟବଲ ବିଶ୍ୱକପ୍ | ବର୍ଲିନ, ଜର୍ମାନୀ |



## ବ୍ୟାଡ୍‌ମିଣ୍ଟନ, ଚେସ୍ ଓ କ୍ରିକେଟ ବିଶ୍ୱକପ୍

୨୦୨୬ରେ ଭାରତୀୟ କ୍ରୀଡ଼ାର ସମ୍ଭାବନାମୟ ବର୍ଷ ଭାବେ ବିବେଚନା କରାଯାଉଛି। ଏହି ବର୍ଷ ଏକାଧିକ ବିଶ୍ୱଚାମ୍ପିଅନସିପ୍ ବା ବିଶ୍ୱକପ୍ ଆୟୋଜିତ ହେଉଥିବାରୁ ଖେଳାଳିଙ୍କୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ ହେବା ଓ ଦେଶର ଗୌରବ ବଢ଼ାଇବା ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ଲୋକପ୍ରିୟ ଖେଳ ଫୁଟବଲ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଚେସ୍, ରଗ୍‌ବୀରେ ବିଶ୍ୱକପ୍ ବା ବିଶ୍ୱଚାମ୍ପିଅନସିପ୍ ଆୟୋଜିତ ହେବ।


## ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍

ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନର ୱାର୍ଲ୍ଡ ଚାମ୍ପିଅନସିପ୍‌ର ୩୦ତମ ସଂସ୍କରଣ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଆରେନାରେ ଖେଳାଯିବ। ୨୦୦୯ ପରେ ଏହି ପ୍ରତିଯୋଗିତା ଭାରତରେ ପ୍ରଥମଥର ଖେଳାଯିବ। ଏହି ଚାମ୍ପିଅନସିପ୍‌ରେ ଭାରତୀୟ ପ୍ରତିଯୋଗୀମାନେ ଏକାଧିକ ପଦକ ଜିତିଥିବାରୁ ଘରୋଇ ସମର୍ଥକଙ୍କ ଆଗରେ କିଛି ବଡ଼ ସଫଳତା ପାଇବାକୁ ଏମାନେ ଚେଷ୍ଟା କରିବେ ନିଶ୍ଚୟ। ଏହା କେବେ ହେବ ଓ କେତୋଟି ଦେଶ ଅଂଶଗ୍ରହଣ କରିବେ ତାହା ପରେ ସ୍ଥିର ହେବ।




## ଜୋକୋଭିଚ୍‌ଙ୍କୁ ବାଧା 'ସିନ୍‌କାରାଜ୍'

ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ପାଇଁ ବର୍ଷ ୨୦୨୬ ଅନେକ କିଛି ସମ୍ଭାବନା ନେଇ ଉପନୀତ ହୋଇଛି। ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ନୂତନ ବର୍ଷ ଜୋକୋଭିଚ୍‌ଙ୍କ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ସ୍ୱପ୍ନକୁ ପୂରଣ କରିବ କି ନାହିଁ ତାହାକୁ କ୍ରୀଡ଼ାପ୍ରେମୀ ଅପେକ୍ଷା କରି





ରହିଛନ୍ତି। ତେବେ ୩୯ ବର୍ଷରେ ପାଦ ଥାପିବାକୁ ଯାଉଥିବା ଏହି ତାରକାଙ୍କ ସାମ୍ନାରେ ବଡ଼ ପ୍ରତିବନ୍ଧକ ଭାବେ 'ସିନକାରାଜ' ରହିଛନ୍ତି। ଇଟାଲୀର ଜାନ୍ନିକ ସିନ୍ନର ଓ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏହି ଦୁଇଟି ସିଜନରେ ମୋଟ୍ ୮ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୪ଟି ଲେଖାଏ ବାଣ୍ଟିନେଇ ଜୋକୋଭିଚ୍‌ଙ୍କ ସ୍ୱପ୍ନର ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫିରେ ବାଧକ ସାଜିଛନ୍ତି।

## '୨୬ ଚର୍ଚ୍ଚାରେ ୭ ଖେଳାଳି

ଦର୍ଶକଙ୍କ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ପାଲିଟିଥିବା କ୍ରୀଡ଼ା କ୍ଷେତ୍ରରେ ୨୦୨୫ ମସିହାରେ ସୃଷ୍ଟି ହୋଇଛି ଅନେକ ନୂଆ ଇତିହାସ। ତେବେ ବିବାଦ-ବିତର୍କ ଓ ରେକର୍ଡ଼ର ପୃଷ୍ଠଭୂମିରେ ନୂଆ କ୍ରୀଡ଼ାବର୍ଷ ୨୦୨୬ରେ କିଛି ପ୍ରମୁଖ ଖେଳାଳିଙ୍କ ଭାଗ୍ୟ ଆଉ ଭବିଷ୍ୟତକୁ ନେଇ ଆରମ୍ଭ ହୋଇଛି ଅବଗଣନା। କିଏ ନିଜ କ୍ୟାରିୟରର ଦୋଛକିରେ ରହିଛି ତ ଆଉ କିଏ ନୂଆ ସମ୍ଭାବନାର ଆଶା ଜନ୍ମାଇଛି। ୨୬ ଚର୍ଚ୍ଚାରେ ଥିବା ୭ ପ୍ରମୁଖ ଖେଳାଳିଙ୍କୁ ନେଇ ଆମର ଏଇ ସ୍ୱତନ୍ତ୍ର ଉପସ୍ଥାପନା।



### ବୈଭବ ସୂର୍ଯ୍ୟବଂଶୀ

ମାତ୍ର ୧୪ ବର୍ଷ ବୟସରେ ଆଇପିଏଲ୍‌ରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ ପରେ ଗୋଟିକ ପରେ ଗୋଟିଏ ରେକର୍ଡ/ବିଶ୍ୱରେକର୍ଡ କରିଚାଲିଛନ୍ତି। ୧୯ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଭାରତୀୟ ଦଳର ଅଧିନାୟକ ମନୋନୀତ ଏହି ବାମହାତୀ ଓପନର ଜିମ୍ବାୱେ ଓ ନାମିବ୍ୟାରେ ୨୦୨୬ରେ ହେବାକୁ ଥିବା ଆଇପିଏଲ୍ ବିଶ୍ୱକପ୍‌ରେ ଚମକିବେ ବୋଲି ଭାରତୀୟଙ୍କ ଆଶା।



### ରୋହିତ- କୋହଲି

ରୋ-କୋ ନାମରେ ପରିଚିତ ବିଶ୍ୱ କ୍ରିକେଟର କିଂବଦନ୍ତି ଯୋଡ଼ି ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ ଓ ଟି-୨୦ କ୍ରିକେଟ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ଦିନିକିଆରେ ଖେଳୁଛନ୍ତି। ଏହି ଦୁଇ ଧୂଆଁଧାର ବ୍ୟାଟର ଯେତେ ମ୍ୟାଚ୍ ଖେଳୁଛନ୍ତି ସେତେ ରେକର୍ଡ କରିଚାଲିଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଏମାନେ ଖେଳିବେ କି ନାହିଁ ତାହା ୨୦୨୬ରେ ସ୍ଥିର ହେବ। ତେଣୁ ଏହି ଯୋଡ଼ିଙ୍କ ଉପରେ ଏବେ ସମସ୍ତଙ୍କ ନଜର।



### ଅଭିଷେକ ଶର୍ମା

ସାମ୍ପ୍ରତିକ ବିଶ୍ୱ ଟି-୨୦ କ୍ରିକେଟରେ ବିଧ୍ୱଂସୀ ଓପନର ଭାବେ ଭାରତର ଅଭିଷେକ ଶର୍ମା ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ୨୦୨୬ରେ ଟି-୨୦ ବିଶ୍ୱକପ୍ ଆୟୋଜିତ ହେବ। ଏବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଏହି ବିଶ୍ୱକପ୍‌ରେ ଷ୍ଟାରରୁ ସୁପରଷ୍ଟାର ହେବାର ଯଥେଷ୍ଟ ସମ୍ଭାବନା ରହିଛି।



### ପିଭି ସିନ୍ଧୁ

ବ୍ୟାଡ୍‌ମିଣ୍ଟନରେ ଭାରତର ପରିଚୟ ହୋଇଥିବା ଏକାଧିକ ଅଲିମ୍ପିକ୍ ପଦକ ବିଜେତା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ୨୦୨୫ରେ ବିଶେଷ ସଫଳତା ପାଇ ନାହାନ୍ତି। ୨୦୨୬ ତାଙ୍କ ଲାଗି ଅନେକ ସମ୍ଭାବନା ଆଣିବ। ବିଶେଷ କରି ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ପଦକ ଜିତି ତାଙ୍କ ସୁପରଷ୍ଟାର ମାନ୍ୟତା ବଜାୟ ରଖିବା ସହ ଭାରତର ଗୌରବ ବୃଦ୍ଧି କରିବେ ବୋଲି ଆଶା କରିବା ସ୍ୱାଭାବିକ୍।



### ନୀରଜ ଚୋପ୍ରା

ଏକମାତ୍ର ଭାରତୀୟ ଭାବେ ବିଶ୍ୱ ଆଥଲେଟିକ୍ସରେ ପ୍ରଭାବ ବିସ୍ତାର କରିଥିବା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କ ଲାଗି ଗୌରବ ବଢ଼ାଇବାର ଆଉ ଏକ ବର୍ଷ ହେବ। ଏହି ବର୍ଷ ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ କମନୱେଲଥ ଗେମ୍ସ ଓ ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସ ଆୟୋଜିତ ହେବ। ଏହି ଦୁଇଟି ମଲ୍ଟିସ୍ପୋର୍ଟ୍ସ ଇଭେଣ୍ଟରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।



### ଲଭଲିନା, ମିରାବାଇ

ବହୁ ଚର୍ଚ୍ଚିତ ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଁଇ ଓ ଭାରୋତ୍ତୋଳିକା ମୀରାବାଇ ଚାନୁ ୨୦୨୬ରେ ହେବାକୁ ଥିବା କମନୱେଲ୍‌ଥ ଓ ଏସିଆନ ଗେମ୍ସରେ ଦେଶ ପାଇଁ ଶ୍ରେଷ୍ଠ ସଫଳତା ଆଣିବେ ବୋଲି କ୍ରୀଡ଼ାପ୍ରେମୀମାନେ ଦୃଢ଼ ଆଶା ରଖିଛନ୍ତି।

## ବର୍ଷ ଆରମ୍ଭରୁ କମ୍ପିବ କଳିଙ୍ଗ



ନୂଆ ବର୍ଷ ଆରମ୍ଭରୁ ଓଡ଼ିଶା କ୍ରୀଡ଼ାପ୍ରେମୀ ଘରୋଇ ପରିବେଶରେ ଏକ ବଡ଼ ହକି ଟୁର୍ଣ୍ଣାମେଣ୍ଟ ଦେଖିବାର ସୁଯୋଗ ପାଇବେ। ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣର ଚୂଡ଼ାନ୍ତ ପର୍ଯ୍ୟାୟ ମ୍ୟାଚ୍ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଫ୍ରାଞ୍ଚାଇଜଭିତ୍ତିକ ଏହି ପୁରୁଷ ହକି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚେନ୍ନଇରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୧ରୁ ୧୬ ପର୍ଯ୍ୟନ୍ତ ରାଞ୍ଚିରେ ହେବ। ତୃତୀୟ ପର୍ଯ୍ୟାୟ ଜାନୁଆରୀ ୧୭ରୁ କଳିଙ୍ଗ ଷ୍ଟାଡିୟମରେ ୯ଟି ଲିଗ୍ ମୁକାବିଲା ସହ ଫାଇନାଲକୁ ମିଶାଇ ନକ୍‌ଆଉଟ୍ ପର୍ଯ୍ୟାୟର ୫ଟି ମ୍ୟାଚ୍ ହେବ।

## ଚର୍ଚ୍ଚାରେ ଓଡ଼ିଶା

### ହକିର ନୂଆ ତାରକା

ଭାରତୀୟ ହକିର 'ଦି ୱାଲ' ଦିଲୀପ ତିର୍କୀଙ୍କ ପରେ ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ ଅଲିମ୍ପିକ୍ସରେ ଐତିହାସିକ ପଦକ ଜିତି ଜାତୀୟ ହକିରେ ଓଡ଼ିଶାର ଛାପକୁ ବଜାୟ ରଖିଥିଲେ। ବୀରେନ୍ଦ୍ର ଅବସର ନେଇସାରିଥିବାବେଳେ ୩୨ ବର୍ଷୀୟ ଅମିତଙ୍କ କ୍ୟାରିୟର ସାୟାହ୍ନରେ। ଏବେ ଜାତୀୟ ହକିରେ ଓଡ଼ିଶାର ଯୁବ ଚେହେରା ନୀଲମ ସଞ୍ଜୀପ ଖେସ, ଶିଳାନନ୍ଦ ଲାକ୍ରା, ଦୀପସାନ ତିର୍କୀଙ୍କ ସହ ରୋଶନ କୁଜୁର, ଅନମୋଲ୍ ଏକ୍କା, ଆଦ୍ରୋହିତ ଏକ୍କା ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ସଫଳତା ଆଣିବାର ଆଶା ରହିଛି।

### ନଜରରେ ତନ୍ୱୀ



୧୪ ବର୍ଷୀୟା ଯୁବା ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱୀ ପତ୍ରୀ ଏକ ଦୃଢ଼ ସମ୍ଭାବନାର ସ୍ୱର। ଡିସେମ୍ବର ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ୧୫ ଓ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ସେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତନ୍ୱୀଙ୍କ ପ୍ରଦର୍ଶନକୁ ଅଲିମ୍ପିକ ବିଜୟିନୀ ପିଭି ସିନ୍ଧୁ ବେଶ୍ ପ୍ରଶଂସା କରିଛନ୍ତି। ବାଲେଶ୍ୱରର ଏହି ଯୁବ ସଟଲର୍ ୨୦୨୫ରେ ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟରେ ପଦକ ହାସଲ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଥିଲେ। ତନ୍ୱୀଙ୍କ ଏହି ପ୍ରଦର୍ଶନ ଆଧାରରେ ଓଡ଼ିଶା କ୍ରୀଡ଼ାପ୍ରେମୀ ତାଙ୍କଠାରୁ ୨୦୨୬ରେ ଆହୁରି ଅନେକ ସଫଳତା ଆଶା ରଖିଛନ୍ତି।

### ଟ୍ରାକରେ ଚମକିବେ ଅନିମେଷ



ନୂତନ ବର୍ଷ ୨୦୨୬ରେ ଯଦି ଓଡ଼ିଶାରୁ କେଉଁ କ୍ରୀଡ଼ାବିତ୍‌ଙ୍କଠାରୁ ଅଧିକ ଆଶା ରହିଛି ସେ ହେଲେ ସ୍ପ୍ରିଣ୍ଟର ଅନିମେଶ କୁଜୁର। ଛତିଶଗଡ଼ରେ ଜନ୍ମିତ ହୋଇଥିଲେ ମଧ୍ୟ ୨୨ ବର୍ଷୀୟ ଏହି ଧାବକ ବିଗତ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ବିଦାୟୀ ବର୍ଷ ଅନିମେଶଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ୧୦୦ (୧୦.୧୮ ସେକେଣ୍ଡ) ଓ ୨୦୦ (୨୦.୩୨ ସେକେଣ୍ଡ) ମିଟର ଇଭେଣ୍ଟରେ ଅନିମେଶ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ୨୦୨୫ ଅନ୍ତର୍ଜାତୀୟ ଇଭେଣ୍ଟରେ ୩ଟି କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା ଅନିମେଶ ଜାମାଇକାର କିମ୍ବଦନ୍ତୀ ସ୍ପ୍ରିଣ୍ଟର ଉସେନ ବୋଲ୍ଟଙ୍କୁ ଆଦର୍ଶ ମାନନ୍ତି। ୨୦୨୬ରେ ସେ ତାଙ୍କର 'ସ୍ୱର୍ଣ୍ଣ' ସ୍ୱପ୍ନ ପୂରଣ କରିବେ ବୋଲି କ୍ରୀଡ଼ାପ୍ରେମୀଙ୍କ ଆଶା।

### ଶ୍ରୀଲଙ୍କା ବିପକ୍ଷ ୪ର୍ଥ ମହିଳା ଟି-୨୦: ମନ୍ଧାନା-ଶେଫାଳିଙ୍କ ଅର୍ଦ୍ଧଶତକ

# ଭାରତର ରେକର୍ଡ ଦଳଗତ ସ୍କୋର

ଥିରୁଅନନ୍ତପୁରମ, ୨୮ ।୧୨ (ଏଜେନ୍ସି)

ଚଳିତ ଶ୍ରୀଲଙ୍କା ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ମହିଳା ଟି-୨୦ ସିରିଜର ୪ର୍ଥ ମ୍ୟାଚରେ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ କରି ରେକର୍ଡ ସ୍କୋର ଠିଆ କରିଛି । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତୀୟ ମହିଳା ଦଳ ୨୦ ଓଭରରେ ୨ ୱିକେଟ୍ ହରାଇ ୨୨୧ ରନର ବିଶାଳ ସ୍କୋର କରିଛି । ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଓପନିଂ ୱିକେଟ୍‌ରେ ଦେଢ଼ଶତକୀୟ ଭାଗୀଦାରି ଗଢ଼ି ଏକ ଦୃଢ଼ ମୂଳଦୁଆ ପକାଇଥିଲେ । ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ମଧ ପାୱାର ପ୍ଲେ'ର ୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୬୦ ରନ ସଂଗ୍ରହ କରି କଡ଼ା ଟକ୍କର ଦେଇଛି । ପୂର୍ବରୁ ପ୍ରଥମ ୩ଟି ମ୍ୟାଚକୁ ଜିତି ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ସିରିଜକୁ ୩-୦ରେ ଆଗୁଆ କବଜା କରିନେଇଛି ।

### ମନ୍ଧାନାଙ୍କ ୧୦ ହଜାର ରନ୍

ଟସ୍ ହାରି ଭାରତକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିବା ଭ୍ରମଣକାରୀ ଶ୍ରୀଲଙ୍କା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ଭାରତର ଦୁଇ ଓପନର୍ ମନ୍ଧାନା ଓ ଶେଫାଳି ପ୍ରଥମ ୱିକେଟରେ ୯୨ ବଲରୁ ୧୬୨ ରନର ରେକର୍ଡ ଭାଗୀଦାରି ଗଢ଼ିଥିଲେ । ଶତକ ଆଡ଼କୁ ଅଗ୍ରସର ହେଉଥିବା ଏହି ଦୁଇ ବ୍ୟାଟର୍ କିନ୍ତୁ ୫ଟି ବଲ୍ ବ୍ୟବଧାନରେ ପ୍ୟାଭିଲିୟନ ଫେରିଥିଲେ । ପ୍ରଥମେ ଶେଫାଳି ୭୯ ରନ କରି ନିମାଶା ମଦୁଶାନିଙ୍କ ଶିକାର ବନିଥିଲେ । ୪୬ ବଲର ଏହି ପାଳିରେ ଶେଫାଳି ୧୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ । ଏହାର ଠିକ୍ ପରବର୍ତ୍ତୀ ଓଭରରେ ମନ୍ଧାନା ୧୧ ଚୌକା ଓ ୩ ଛକା ସହ ୪୮ ବଲରେ ୮୦ ରନ କରି ବିଦାୟ ନେଇଥିଲେ । ମାଲଶା ଶିହାନୀଙ୍କୁ ଏହି ସରପ୍ରାଇଜ ୱିକେଟଟି ମିଳିଥିଲା । ପରବର୍ତ୍ତୀ ଦୁଇ ବ୍ୟାଟର ରିଚା ଘୋଷ ଓ ଅଧିନାୟିକା ହରମନପ୍ରୀତ୍ କୌର ୨୩ ବଲରେ ୫୩ ରନ ଉଠାଇବାରୁ ଦଳର ସ୍କୋର ୨୦ ଓଭରରେ ୨ ୱିକେଟରେ ୨୨୧ ରନରେ ପହଞ୍ଚିଥିଲା । ରିଚା ୧୬ ବଲରେ ୪୦ ଓ କୌର ୧୦ ବଲରେ ୧୬ ରନ କରି ଅପରାଜିତ ରହିଥିଲେ । ଏହି ଅର୍ଦ୍ଧଶତକୀୟ ପାଳି ଅବସରରେ ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ତାଙ୍କର ୧୦ ହଜାର ରନ ପୂରଣ କରିଥିଲେ । ୨୮୦ତମ ଇନିଂସରୁ ୧୦ ହଜାର ରନ ପୂରଣ କରି ମନ୍ଧାନା ବିଶ୍ୱର ଦ୍ରୁତତମ ବ୍ୟାଟର୍ ଭାବେ ଏହି ସଫଳତା ପାଇଥିଲେ । ପୂର୍ବରୁ ଏହି ରେକର୍ଡ ସାଥୀ ଭାରତୀୟ ଖେଳାଳି ମିତାଲି ରାଜ (୨୯୧ ଇନିଂସ)ଙ୍କ ନାମରେ ରହିଥିଲା । ଅପରପକ୍ଷରେ ମହିଳା ଟି-୨୦ରେ ଭାରତର ଏହା ସର୍ବାଧିକ ଦଳଗତ ସ୍କୋର । ଏଥିପୂର୍ବରୁ ୨୦୨୪ରେ ନବୀ ମୁମ୍ବଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ ୱିକେଟରେ ୨୧୭ ରନ କରିଥିଲା ।



**ସଂକ୍ଷିପ୍ତ ସ୍କୋର**

**ଭାରତ** : ୨୨୧/୨, ୨୦ ଓଭର (ମନ୍ଧାନା- ୮୦, ଶେଫାଳି- ୭୯, ରିଚା ଘୋଷ- ଅପରାଜିତ ୪୦, ହରମନପ୍ରୀତ୍- ଅପରାଜିତ-୧୬, ଶିହାନୀ- ୧/୩୨) ।
**ଶ୍ରୀଲଙ୍କା**: ୬୦/୧, ୬ ଓଭର ସୁଦ୍ଧା (ଚମାରି- ଅପରାଜିତ- ୨୦, ଇମେଶା- ୧, ପେରେରା-୩୧, ଅରୁନ୍ଧତୀ- ୧/୧୯)

## ଅଷ୍ଟ୍ରେଲିଆନ୍ କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ବ୍ରେଟ୍ ଲି



ସିଡ଼୍‌ନୀ, ୨୮ ।୧୨ (ଏଜେନ୍ସି): ମହାନ ଦ୍ରୁତ ବୋଲର ବ୍ରେଟ୍ ଲି ଅଷ୍ଟ୍ରେଲିଆନ୍ କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି । ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇବାରେ ୪୯ ବର୍ଷୀୟ ଲି ଅଷ୍ଟ୍ରେଲିଆର ୬୨ତମ କ୍ରିକେଟର୍ ହୋଇଛନ୍ତି । କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । ୧୯୯୯ରେ ମେଲବୋର୍ଣ୍ଣରେ ଅନୁଷ୍ଠିତ ଭାରତ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ଖେଳି ଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ । ୧୩ ବର୍ଷର ଲମ୍ବା କ୍ୟାରିୟରରେ ଲି ଅଷ୍ଟ୍ରେଲିଆ ପାଇଁ ୩ଟି ଯାକ ଫର୍ମାଟରେ ମୋଟ୍ ଉପରେ ୩୨୨ଟି ମ୍ୟାଚ୍ ଖେଳି ୭୧୮ ଟି ୱିକେଟ୍ ନେଇଛନ୍ତି । ଯେଉଁଥିରେ ୭୬ଟି ଟେଷ୍ଟରେ ୩୧୦ଟି ଓ ୨୨୧ଟି ଦିନିକିଆରେ ୩୮୦ଟି ୱିକେଟ୍ ନେଇଛନ୍ତି । ସେହିଭଳି ଲି ୨୦୦୩ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ । ଏହି ବିଶ୍ୱକପ୍‌ର ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲରେ ସେ ମାର୍ଭନ ଅଟାପାଟ୍ଟୁଙ୍କୁ ୧୬୦.୧ କିମି ବେଗରେ ବଲ୍ ପକାଇ ବେଶ୍ ଚର୍ଚ୍ଚାରେ ରହିଥିଲେ । ଏହାପରେ ଲି ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ୧୬୦ କିମିରୁ ଉର୍ଦ୍ଧ୍ୱବେଗରେ ବଲ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୦୦୫ରେ ବୋଲିଂ କରିଥିଲେ । ଏହି ବଲ୍‌ର ବେଗ ୧୬୦.୮ କିମି ରହିଥିଲା ।

**ଭାରତ ପାଇଁ ଖେଳିବା ପଡ଼ିଲା ମହଙ୍ଗା**

## ପାକିସ୍ତାନର ରାଜପୁତ ବାସନ୍ଦ



ଲାହୋର, ୨୮ ।୧୨ (ଏଜେନ୍ସି): ପାକିସ୍ତାନ କବାଡ଼ି ଦଳର ପରିଚିତ ଚେହେରା ଉବେଦୁଲ୍ଲା ରାଜପୁତ ଅନିର୍ଦ୍ଦିଷ୍ଟକାଳ ଲାଗି ବାସନ୍ଦ ହୋଇଛନ୍ତି । ପାକିସ୍ତାନ କବାଡ଼ି ମହାସଂଘ (ପିକେଏଫ୍) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । ଚଳିତ ମାସ ପ୍ରାରମ୍ଭରେ ବାହାରିନରେ ଅନୁଷ୍ଠିତ ଏକ ଘରୋଇ କବାଡ଼ି ଟୁର୍ଣ୍ଣାମେଣ୍ଟ ଜିସିସି କପ୍‌ରେ ଉବେଦୁଲ୍ଲା ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ଭାରତୀୟ ଜର୍ସି ପରିଧାନ କରି ଭାରତୀୟ ପତାକା ତଳେ ଖେଳୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପାକିସ୍ତାନରେ ଦାବି ଉଠିଥିଲା । ଯେଉଁଥି ପାଇଁ ପିକେଏଫ୍ ପକ୍ଷରୁ ଗତକାଲି ଏକ ଜରୁରୀକାଳୀନ ବୈଠକ ବସିଥିଲା । ଏଥିରେ ରାଜପୁତଙ୍କ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାସନ୍ଦାଦେଶ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ପିକେଏଫ୍ କର୍ତ୍ତୃପକ୍ଷଙ୍କଠାରୁ ବାଧ୍ୟତାମୂଳକ ନୋ-ଅବଜେକସନ ସାର୍ଟିଫିକେଟ୍ (ଏନ୍‌ଓସି) ନ ପାଇ ଟୁର୍ଣ୍ଣାମେଣ୍ଟ ଖେଳିବା ଲାଗି ବିଦେଶ ଯାତ୍ରା କରିଥିବାରୁ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବୋଲି ସମ୍ପାଦକ ରାଣା ସରୱାର କହିଛନ୍ତି । ଶୃଙ୍ଖଳାଗତ କମିଟି ସାମ୍ନାରେ ଆବେଦନ କରିବାର ଅଧିକାର ରାଜପୁତଙ୍କ ରହିଛି ବୋଲି ସରୱାର କହିଛନ୍ତି ।

## ୧୫ ବଲ୍‌ରେ ଲୌରାଙ୍କ ରେକର୍ଡ ଅର୍ଦ୍ଧଶତକ



ହାମିଲଟନ୍, ୨୮ ।୧୨ (ଏଜେନ୍ସି): ଅଷ୍ଟ୍ରେଲିଆର ଲୌରା ହାରିସ ମହିଳା ଟି-୨୦ରେ ଦ୍ରୁତତମ ଶତକ ହାସଲ କରିବାରେ ଯୁଗ୍ମଭାବେ ଇଲଣ୍ଡର ମାରିଏ କେଲୀଙ୍କ ସହ ସମକକ୍ଷ ହୋଇଛନ୍ତି । ନ୍ୟୁଜିଲାଣ୍ଡରେ ଚାଲିଥିବା ମହିଳା ଟି-୨୦ ଲିଗ୍ ଓମେନ୍ସ ସୁପର୍ ସ୍ମାଶ୍‌ରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଲୌରା ଓଟାଗୋ ସ୍ପାର୍କ୍ସ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି କାଣ୍ଟବେରୀ ବିପକ୍ଷରେ ମାତ୍ର ୧୫ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଫଳରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ କେଲିଙ୍କ ସହ ଲୌରା ତାଲିକାରେ ମିଳିତ ଭାବେ ଶୀର୍ଷରେ ରହିଛନ୍ତି । ୨୦୨୨ରେ କେଲି କାଉଣ୍ଟି କ୍ରିକେଟ୍‌ର ଏକ ମ୍ୟାଚରେ ୱରୱିକଶାୟର ପକ୍ଷରୁ ଖେଳି ଗ୍ଲୋସେଷ୍ଟରଶାୟର ବିପକ୍ଷରେ ୧୫ଟି ବଲରେ ଅର୍ଦ୍ଧଶତକ ମାରିଥିଲେ ।

## ଅଲ୍ ନାସର୍‌ର ରେକର୍ଡ ୧୦ମ ବିଜୟ

ରିୟାଧ, ୨୮ ।୧୨ (ଏଜେନ୍ସି): ସାଉଦୀ ପ୍ରୋ ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଅଲ୍ ନାସର୍ କ୍ଲବ କ୍ରମାଗତ ୧୦ଟି ମ୍ୟାଚ୍ ଜିତି ନୂଆ ରେକର୍ଡ ପ୍ରତିଷ୍ଠା କରିଛି । ଗତକାଲି ଅନୁଷ୍ଠିତ ଏକ ମ୍ୟାଚରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଦଳ ଅଲ୍ ନାସର୍ ୩-୦ ଗୋଲରେ ଅଲ୍ ଆଖଦୌଦ ଦଳକୁ ପରାସ୍ତ କରିଥିଲା । ରୋନାଲ୍ଡୋ ଡବଲ୍ ଗୋଲ୍ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଫଳରେ ଟୁର୍ଣ୍ଣାମେଣ୍ଟର ୨୦୨୫-୨୬ ସଂସ୍କରଣରେ ଅଲ୍ ନାସର୍‌ର ଏହା କ୍ରମାଗତ ୧୦ମ ବିଜୟ ଥିଲା । ଯେଉଁଥିରେ ଦଳ ୩୩ଟି ଗୋଲ୍ ଦେଇଥିବାବେଳେ ମାତ୍ର ୫ଟି ବରଣ କରିଛି । ବିଜୟ ସହ ୩୦ ପଏଣ୍ଟ ପାଇ ଅଲ୍ ନାସର୍ ଟେବଲ୍ ଶୀର୍ଷରେ ରହିଛି ।

**ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନ**

## ରୌପ୍ୟ ଜିତି ବର୍ଷକୁ ସ୍ମରଣୀୟ କଲେ ତନ୍ୱୀ



ଭୁବନେଶ୍ୱର, ୨୮ ।୧୨ (ସମିସ): ଓଡ଼ିଶାର ପ୍ରତିଭାବାନ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରି ଦମ୍‌ଦାର ପ୍ରଦର୍ଶନ ସହ ବର୍ଷ ୨୦୨୫କୁ ବିଦାୟ ଜଣାଇଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ରବିବାର ଶେଷ ହୋଇଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ର ୮୭ତମ ସଂସ୍କରଣରେ ତନ୍ୱୀ ରନର୍ସଅପ୍ ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି । ୧୪ ବର୍ଷୀୟା ତନ୍ୱୀଙ୍କ କ୍ୟାରିୟରରେ ସିନିଅରବର୍ଗରେ ଏହା ପ୍ରଥମ ରୌପ୍ୟ ପଦକ ସଫଳତା ଥିଲା । ଏଥିପୂର୍ବରୁ ଡିସେମ୍ବର ପ୍ରାରମ୍ଭରେ କଳିଙ୍ଗ ଷ୍ଟାଡିୟମସ୍ଥିତ 'ଦି ସଟଲ୍'ରେ ଅନୁଷ୍ଠିତ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ଚାମ୍ପିଅନସିପ୍‌ରେ ସେ ଡବଲ୍ ଟାଇଟଲ୍ ହାସଲ କରିଥିଲେ । ସିନିଅରବର୍ଗରେ ତନ୍ୱୀଙ୍କ ଏହି ରୌପ୍ୟ ସଫଳତା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି । ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ମୁକାବିଲା ଘରୋଇ ଆନ୍ଧ୍ର ସଟଲର୍ ୧୯ ବର୍ଷୀୟା ସୂର୍ଯ୍ୟା ଚାରିସ୍ମାଙ୍କ ସହ ହୋଇଥିଲା । ଟୁର୍ଣ୍ଣାମେଣ୍ଟ ସାରା ଏକାଧିକ ବିପର୍ଯ୍ୟୟ ଘଟାଇଥିବା ତନ୍ୱୀ ଏହି ମ୍ୟାଚର ପ୍ରଥମ ଗେମ୍‌କୁ ୨୧-୧୭ରେ ବାଜିମାତ୍ କରିନେଇଥିଲେ । କିନ୍ତୁ ଘରୋଇ ପରିବେଶର ଫାଇଦା ଉଠାଇ ସୂର୍ଯ୍ୟା ପରବର୍ତ୍ତୀ ଦୁଇଟି ଗେମ୍‌କୁ ଯଥାକ୍ରମେ ୨୧-୧୨, ୨୧-୧୪ରେ ବିଜୟୀ ହେବା ସହ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ । ଏହି ମ୍ୟାଚର ଫଳାଫଳ ବାହାରିବାକୁ ୫୮ ମିନିଟ୍ ସମୟ ଲାଗିଥିଲା । ତନ୍ୱୀ ଏଥିପୂର୍ବରୁ ଶନିବାର ସେମିଫାଇନାଲରେ ୧୮-୨୧, ୨୧-୧୨, ୨୧-୧୫ ଗେମରେ ମହାରାଷ୍ଟ୍ରର ଶ୍ରୁତି ମୁନ୍ଦାଦାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସିନିଅର ଫାଇନାଲରେ ପହଞ୍ଚିବାର ସୌଭାଗ୍ୟ ଲାଭ କରିଥିଲେ ।

ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ରିତଭିକ ସଞ୍ଜୀବ ୨୧-୧୬, ୨୨-୨୦ ଗେମରେ ଭରତ ରାଘବକୁ ହରାଇ ଟାଇଟଲ୍ ହାସଲ କରିଛନ୍ତି । ମହିଳା ଡବଲ୍ସରେ ଶିଖା ଗୌତମ ଓ ଅଶ୍ୱିନି ଭଟ ଚାମ୍ପିଅନ ହୋଇଛନ୍ତି ।

**ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍**

## ସ୍ପୋର୍ଟ୍ସ ହଷ୍ଟେଲ, ୱାଇବିସି ଚାମ୍ପିଅନ



ଭୁବନେଶ୍ୱର, ୨୮ ।୧୨ (ସମିସ): ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ୟୁନିଟ୍-୧ ବାସ୍କେଟବଲ କମ୍ପ୍ଲେକ୍ସରେ ରବିବାର ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ସହିଦ ନଗରର ଯୁବ ବାସ୍କେଟବଲ କ୍ଲବ (ୱାଇବିସି) ୬୯-୬୫ ପଏଣ୍ଟରେ କଟକ ବାସ୍କେଟବଲ ଆସୋସିଏସନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ସେହିଭଳି ମହିଳା ବିଭାଗରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ବାଜିମାତ୍ କରିନେଇଛି । ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ୪୦-୩୧ ପଏଣ୍ଟରେ ୟଙ୍ଗଷ୍ଟାର ବାସ୍କେଟବଲ କ୍ଲବକୁ ପରାସ୍ତ କରିଥିଲା । ପୁରୁଷ ବିଭାଗରେ ଭାଗୀରଥି ଗୌତମଙ୍କୁ ଶ୍ରେଷ୍ଠ ଖେଳାଳି ଓ ଶୁଭମ ବେହେରାଙ୍କୁ ବେଷ୍ଟ ପ୍ରମିଜିଂ ପ୍ଲେୟାର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ମହିଳାରେ ନବ୍ୟା ଛୁଆଳସିଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ । ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦୁର୍ଗା ସାମନ୍ତରାୟ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

**ପୂର୍ବାଞ୍ଚଳ ଜୁନିଅର ବାଳିକା ଅସ୍ମିତା ହକି**

## ବିହାରକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୮ ।୧୨ (ସମିସ): ଆସାମର ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବଡ଼ ବିଜୟ ହାସଲ କରିଛି । ରବିବାର ପୁଲ୍ ପର୍ଯ୍ୟାୟ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୭-୦ ଗୋଲ୍‌ରେ ବିହାରକୁ ଏକପାଖିଆ ଭାବେ ହରାଇଥିଲା । ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଆସାମକୁ ଭେଟିବ । ପ୍ରକାଶଯୋଗ୍ୟ, ନିକଟରେ ଶେଷ ହୋଇଥିବା ଏହି ହକି ଚାମ୍ପିଅନସିପ୍‌ର ସବ୍-ଜୁନିଅର ବାଳିକା ବିଭାଗରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଥିଲା । ଓଡ଼ିଶା ସବ୍‌ଜୁନିଅର ବାଳିକା ଦଳ ଫାଇନାଲରେ ୪-୩ ଗୋଲରେ ମିଜୋରାମକୁ ପରାସ୍ତ କରିଥିଲା ।

**କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଯାପିତ**

## ଗଣେଶ୍ୱରପୁର, ନୂଆହାଟ ଚାମ୍ପିଅନ



କଟକ,୨୮ ।୧୨(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଦୁଇମାସ ଧରି ଚାଲିଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଛି । ଅନୁଗୋଳରେ ସୁପରଲିଗ୍ ଖେଳାଯାଇଥିଲା । ପ୍ରତିଯୋଗିତାର ବାଳକ ବର୍ଗରେ ପୁରୀର ଗଣେଶ୍ୱରପୁର ପଞ୍ଚାୟତ ଚାମ୍ପିଅନ ହୋଇଥିବାବେଳେ ଖୋର୍ଦ୍ଧାର ରଜାସ୍ ପଞ୍ଚାୟତ ରନର୍ସଅପ ହୋଇଛି । ସେହିପରି ବାଳିକା ବର୍ଗ ଫାଇନାଲରେ ଢେଙ୍କାନାଳର ପାଇକପୁରୁଣାକୋଟକୁ ହରାଇ ଅନୁଗୋଳର ନୂଆହାଟ ପଞ୍ଚାୟତ ଟାଇଟଲ୍ ଜିତିଛି । ବାଳକରେ ପୁରୀର ରଶ୍ମୀରଞ୍ଜନ ସାହୁ ଏବଂ ବାଳିକା ବର୍ଗରେ ରୋଜାଲିନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ରାଜ୍ୟର ବିଭିନ୍ନ ଜୋନ୍‌ରେ ପ୍ରତିଯୋଗିତା ଆୟୋଜନ ପରେ ଉଭୟ ବାଳକ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୧୬ଟି ଦଳ ସୁପରଲିଗ୍‌ରେ ପ୍ରବେଶ କରିଥିଲେ । କଳିଙ୍ଗ ଭଲିବଲ୍ ବିକାଶ ପରିଷଦ ଓ ଅନୁଗୋଳର ଭଲିବଲ୍ ହୋମ୍ ମିଳିତ ସହଯୋଗରେ ତିନିଦିନ ଧରି ପ୍ରତିଯୋଗିତାର ଶେଷପର୍ଯ୍ୟାୟ ଆୟୋଜନ ହୋଇଥିଲା । ଭାରତୀୟ ଦଳର ପୂର୍ବତନ ଅଧିନାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡାନି ଫାଉଣ୍ଡେସନର ସିଇଓ ରାଜେଶ ରାଜଗୋପାଳନ ସ୍ୱତନ୍ତ୍ର ଅତିଥି ଭାବେ ସାମିଲ ହୋଇଥିଲେ । କେଭିଡିସି ସଭାପତି ଡଃ ଅଭିଳାଶ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଶତ୍ରୁଘ୍ନ ନାୟକ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସମ୍ପାଦକ ରାଜୀବ ସାହୁ, କଟକ ଜିଲ୍ଲା ସମ୍ପାଦକ ସରୋଜ ଖଟୁଆ, ସଭାପତି ଦେବାଶିଷ ସ୍ୱାଇଁ, ଯାଜପୁର ଜୋନ୍‌ର ଦିବ୍ୟବ୍ରତ ପଣ୍ଡାଙ୍କ ସମେତ ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀ, ଅନୁଗୋଳ ଭଲିବଲ ହୋମ୍‌ର ପ୍ରତିଷ୍ଠାତା ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ବିଜୟ ହଜାରେ ଟ୍ରଫି**

## ଆଜି ଆନ୍ଧ୍ରକୁ ଭେଟିବ ଓଡ଼ିଶା

କଟକ,୨୮ ।୧୨(ସମିସ): ଚଳିତ ବିଜୟ ହଜାରେ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍ ସୋମବାର ଖେଳାଯିବ । ବେଙ୍ଗାଲୁରୁରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ । ଚଳିତ ସିଜନରେ ଉଭୟ ଦଳ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଏବଂ ପରାଜୟ ସହ ୪ ପଏଣ୍ଟ ହାସଲ କରିଛନ୍ତି । ପ୍ରଥମ ଦୁଇ ମୁକାବିଲାରେ ପ୍ରଭାବଶାଳୀ ପ୍ରଦର୍ଶନ କରିବା ସହ ସର୍ଭିସେସକୁ ହରାଇ ଆଗକୁ ବଢ଼ିଥିବା ଓଡ଼ିଶା ଆନ୍ଧ୍ରପ୍ରଦେଶ ବିପକ୍ଷରେ ବିଜୟ ଆଶା ରଖିଛି ବୋଲି ଅଧିନାୟକ ବିପ୍ଳବ ସାମନ୍ତରାୟ କହିଛନ୍ତି । ଦଳର ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ଅଣାଯାଇ ପାରେ ବୋଲି ସେ ଜଣାଇଛନ୍ତି । ପ୍ରକାଶଥାଉକି, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଗତ ୧୦ବର୍ଷ ଭିତରେ ତିନିଥର ମୁହାଁମୁହିଁ ହୋଇଛନ୍ତି । ୨୦୨୧ରେ ଖେଳାଯାଇଥିବା ଶେଷ ମୁକାବିଲାରେ ଓଡ଼ିଶା ବିଜୟ ହାସଲ କରିଥିଲା ।

**ମୁକ୍ତେଶ୍ୱର କପ୍**

## ପାରାମାଉଣ୍ଟ-ରାମେଶ୍ୱର ପ୍ରଥମ ସେମି ଆଜି

ଭୁବନେଶ୍ୱର, ୨୮ ।୧୨ (ସମିସ)



ଚତୁର୍ଥ ଦଳ ଭାବେ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଖେଳାଯାଇଥିବା ଅନ୍ତିମ କ୍ୱାର୍ଟର ଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୫ ୱିକେଟ୍‌ରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଥିଲା ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୁଭେନାଇଲ ଦଳ ୩୦ ଓଭରରେ ୯ ୱିକେଟ୍ ହରାଇ ୧୨୭ ରନ କରିଥିଲା । ଦଳପକ୍ଷରୁ ଗୋପାଳ ମୁର୍ମୁ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ପ୍ରତିପକ୍ଷ ମୁକ୍ତେଶ୍ୱରର ସ୍ପିନର ଆଦିତ୍ୟ ସାମନ୍ତରାୟ ୩ଟି, ଭୁବନେଶ ସାମଲ ୨ଟି ଏବଂ ଏଲ୍‌ଏସ୍ ପାର୍ଥ ଗୋଟିଏ ୱିକେଟ୍ ନେଇଥିଲେ । ଜବାବରେ ମୁକ୍ତେଶ୍ୱର ଦଳ ୨୭.୫ ଓଭରରେ ୯ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ପାର୍ଥ ୩୬ ବଲରେ ୩୬ ରନ କରିଥିଲେ ।

ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ପାର୍ଥଙ୍କୁ ଅତିଥି ସଞ୍ଜୀବ ହଂସ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ । ସୋମବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ । ସେହିଭଳି ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ମୁକ୍ତେଶ୍ୱର ସାମ୍ନାସାମ୍ନି ହେବେ ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି । ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS